

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୦ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 20 September 2026
Vol.No. 36 ■ No.247 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ଦସଖଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


# ତୀର୍ଥଯାତ୍ରା ପାଲଟିଲା ଶେଷଯାତ୍ରା

## ମଧ୍ୟପ୍ରଦେଶରେ ନାଳରେ ଭାସିଗଲା କାର, ୭ ଓଡ଼ିଆଙ୍କ ସମେତ ୮ ମୃତ

■ପ୍ରଧାନମନ୍ତ୍ରୀଙ୍କ ଶୋକ, ୨ ଲକ୍ଷ ଟଙ୍କା ସହାୟତା ଘୋଷଣା
■ମୃତକଙ୍କ ପ୍ରତି ୫ ଲକ୍ଷ ଘୋଷଣା କଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ





ଭୋପାଳ/ଭୁବନେଶ୍ୱର, ୧୯/୯ (ନି.ପ୍ର): ମଧ୍ୟପ୍ରଦେଶର ଆଗର ମାଲୱା ଜିଲ୍ଲାର ନାଲଖେଡାରେ ଥିବା ମା ବଗଳାମୁଖୀ ମନ୍ଦିର ନିକଟରେ ଏକ ବଡ଼ ଦୁର୍ଘଟଣା ଘଟିଛି। ମନ୍ଦିର ନିକଟରେ ଥିବା ନାଳରେ ପ୍ରବଳ ବର୍ଷା ଜଳ ସ୍ରୋତରେ ଶ୍ରଦ୍ଧାଳୁଙ୍କୁ ନେଇ ଯାଇଥିବା ଏକ କାର୍ ଭାସି ଯାଇଛି। ଏହି ଦୁର୍ଘଟଣାରେ ଭୁବନେଶ୍ୱର ସ୍ଥିତ ଜୟଦେବ ବିହାରର ଗୋଟିଏ ପରିବାରର ତିନି ଜଣ ଶିଶୁ, ଦୁଇ ଜଣ ମହିଳା, ଦୁଇ ଜଣ ପୁରୁଷ ମୃତ୍ୟୁ ଘଟିଛି। ତାଙ୍କ ସହ ଥିବା ସ୍ଥାନୀୟ ଏକ ଟ୍ରାଭେଲ ଏଜେନ୍ସିର ଗାଡ଼ି ଚାଳକଙ୍କ ମୃତ୍ୟୁ ଘଟିଛି। ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଉଭୟେ ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରିଛନ୍ତି । ଉପଲବ୍ଧ ସୂଚନା ଅନୁଯାୟୀ,ସେମାନେ ଉଜ୍ଜୟିନୀରୁ କାର ଭଡ଼ାରେ ନେଇ ମା' ବଗଳାମୁଖୀ ମନ୍ଦିର ଦର୍ଶନ ପାଇଁ ନାଲଖେଡାରେ ପହଞ୍ଚିଥିଲେ। ନାଲଖେଡା ଅଞ୍ଚଳରେ ରାତିସାରା ପ୍ରବଳ ବର୍ଷା ହୋଇଥିଲା। ବର୍ଷା ଯୋଗୁଁ ଝରଣା ପାଣିର ପ୍ରବାହ ସ୍ତର ବଢ଼ିଯାଇଥିଲା। ଦର୍ଶନ ପରେ ଫେରୁଥିବା ସମୟରେ କାରଟି ପ୍ରବଳ ଜଳ ସ୍ରୋତରେ ଫସି ଯାଇଥିଲା ଏବଂ ଭାସି ଯାଇଥିଲା। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ପ୍ରଶାସନିକ ଅଧିକାରୀ ଏବଂ ଏକ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ବହୁତ ଚେଷ୍ଟା ପରେ ସେଠାରୁ କାରକୁ ବାହାର କରାଯାଇଥିଲା। ତେବେ ସେତେବେଳେକୁ ସେଥିରେ ଥିବା ସମସ୍ତ ଆଠ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। କଲେକ୍ଟର ଶେର ସିଂହ ମୀନା ଏବଂ ଏସପି ଦିଲୀପ କୁମାର ସୋନିଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ନାଲଖେଡାରେ ୩.୭ ଇଞ୍ଚ ବର୍ଷା ରେକର୍ଡ କରାଯାଇଛି, ବିଶେଷକରି ରାତିରେ ପ୍ରବଳ ବର୍ଷା ହୋଇଥିବା ଜଣାପଡ଼ିଛି। ମୃତକ ମାନେ ହେଲେ ଜୟଦେବ ବିହାର ନିବାସୀ ବନମାଳି ବେହେରାଙ୍କ ପୁଅ ଶିବପ୍ରସାଦ ବେହେରା, ଝିଅ ରୀତାରାଣୀ ବେହେରା ଓ ରାଧାରାଣୀ ବେହେରା, ଜ୍ୱାଇଁ ଜ୍ଞାନେନ୍ଦ୍ର ବେହେରା ଏବଂ ତିନି ନାତି ନାତୁଣୀ । ଏହି ଘଟଣାକୁ ନେଇ ଶୋକ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ମଧ୍ୟପ୍ରଦେଶରେ ଏକ ଦୁର୍ଘଟଣାରେ ଓଡ଼ିଆ ପର୍ଯ୍ୟଟକଙ୍କ ପ୍ରାଣ ହରାଇବା ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ଗଭୀର ସମବେଦନା ◆◆ପୃଷ୍ଠା ୭

## ଅକ୍ଟୋବର ୧ରୁ ଏଲପିଜି ପାଇଁ ନୂଆ ନିୟମ: ବାୟୋମେଟ୍ରିକ୍ ଅଥେଣ୍ଟିକେସନ୍ ବାଧ୍ୟତାମୂଳକ



ଭୁବନେଶ୍ୱର, ୧୮/୯ (ନି.ପ୍ର): ଅକ୍ଟୋବର ୧ରୁ ସବ୍‌ସିଡି ଯୁକ୍ତ ଘରୋଇ ଏଲପିଜି ସିଲିଣ୍ଡର ବୁକିଂ ପାଇଁ ବାୟୋମେଟ୍ରିକ୍ ଆଧାର ଅଥେଣ୍ଟିକେସନ୍ ବାଧ୍ୟତାମୂଳକ ହେବ । ଯେଉଁ ଉପଭୋକ୍ତା ଏପର୍ଯ୍ୟନ୍ତ ଇ-କେୱାଇସି କିମ୍ବା ଆଧାର ବାୟୋମେଟ୍ରିକ୍ ଅଥେଣ୍ଟିକେସନ୍ କରିନାହାନ୍ତି, ସେମାନଙ୍କୁ ସବ୍‌ସିଡି ଦରରେ ଗ୍ୟାସ୍ ପାଇଁ ଏହା କରିବାକୁ ପଡ଼ିବ । ଘରେ ବସି ମୋବାଇଲ୍ ଆପ୍ ଜରିଆରେ ଅଥେଣ୍ଟିକେସନ୍ କରିହେବ। ଗ୍ୟାସ୍ ଡେଲିଭରି ସମୟରେ ଡେଲିଭରି କର୍ମଚାରୀଙ୍କ ମାଧ୍ୟମରେ ମଧ୍ୟ ଏହି ପ୍ରକ୍ରିୟା ପୂରଣ କରାଯାଇପାରିବ । ତେବେ ପୂର୍ବରୁ ଆଧାର ବାୟୋମେଟ୍ରିକ୍ ଇ-କେୱାଇସି ସଫଳତାର ସହ କରିଥିବା ଉପଭୋକ୍ତାଙ୍କୁ ପୁଣି ଅଥେଣ୍ଟିକେସନ୍ କରିବାକୁ ପଡ଼ିବ ନାହିଁ। ଇଣ୍ଡେନ୍ ଗ୍ୟାସ୍ ଉପଭୋକ୍ତା ଇଣ୍ଡିଆନ ଅଏଲ ୱାନ୍ ଏବଂ ଭାରତ ଗ୍ୟାସ୍ ଉପଭୋକ୍ତା ହେଲୋ ବିପିସିଏଲ ଆପ୍ ବ୍ୟବହାର କରିପାରିବେ ।

## ସଠିକ୍ ପାଠ୍ୟ ପୁସ୍ତକ ପ୍ରସ୍ତୁତି ଚାଲିଛି: ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୧୯/୯ (ନି.ପ୍ର): ପ୍ରଥମରୁ ଅଷ୍ଟମ ପାଠ୍ୟପୁସ୍ତକରେ ତ୍ରୁଟି ମାମଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ସଠିକ୍ ପାଠ୍ୟ ପୁସ୍ତକ ପ୍ରସ୍ତୁତି ଚାଲିଛି। ପ୍ରୁଫ୍ ରିଡିଙ୍ଗ କରାଯାଉଛି। କିଭଳି ପୁନର୍ବାର କିଛି ତ୍ରୁଟି ସାମ୍ନାକୁ ନ ଆସିବ ସେନେଇ ସରକାର ସଚେତନ ଅଛନ୍ତି। ଯେତେ ଶୀଘ୍ର ହୋଇପାରିବ ନିର୍ଭୁଲ ବହି ପ୍ରଦାନ ପାଇଁ ସରକାର ବ୍ୟବସ୍ଥା କରୁଛନ୍ତି ବୋଲି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

## ଆସନ୍ତା ୨୧ରେ ବିଏମସି ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର, ୧୯/୯ (ନି.ପ୍ର): ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବିଏମସି ର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ସୋମବାର ପରିବର୍ତ୍ତେ ମଙ୍ଗଳବାର ଦିନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଏନେଇ ବିଏମସି ପକ୍ଷରୁ ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ସୂଚନା ଦିଆଯାଇଛି। ବିଏମସି ପକ୍ଷରୁ କୁହାଯାଇଛି ଆସନ୍ତା ସୋମବାର ୨୧-୦୯-୨୦୨୬ରେ କର୍ପୋରେସନ ବୈଠକ ଅନୁଷ୍ଠିତ ହେଉଥିବାରୁ ; ସୋମବାର ଅଭିଯୋଗ ଶୁଣାଣି ପରବର୍ତ୍ତୀ କାର୍ଯ୍ୟ ଦିବସ ତା ୨୨-୦୯-୨୦୨୬ ରିଖ (ମଙ୍ଗଳବାର) ଦିନ ଅନୁଷ୍ଠିତ ହେବ । ଏହି ଅପରିହାର୍ଯ୍ୟ ପରିବର୍ତ୍ତନ ନିମନ୍ତେ ନାଗରିକଙ୍କ ସହଯୋଗ କାମନା କରିଛି ବିଏମସି।

## ଉତ୍ତର ଆଣ୍ଡାମାନ ସାଗରରେ ଲଘୁଚାପ: ୨୨ରୁ ବଢ଼ିବ ବର୍ଷା, ୨୩-୨୪ରେ ଅରେଞ୍ଜ ଆଲର୍ଟ



ଭୁବନେଶ୍ୱର, ୧୯/୯ (ନି.ପ୍ର): ଉତ୍ତର ଆଣ୍ଡାମାନ ସାଗର ଓ ସଂଲଗ୍ନ ଅଞ୍ଚଳରେ ସୃଷ୍ଟି ହୋଇଛି ଲଘୁଚାପ କ୍ଷେତ୍ର । ପାଣିପାଗ ବିଭାଗର ଆକଳନ ଅନୁସାରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବା ସହ ଧୀରେ ଧୀରେ ଶକ୍ତିଶାଳୀ ହେବ । ଲଘୁଚାପ ପ୍ରଭାବରେ ଓଡ଼ିଶାରେ ପୁଣି ବଢ଼ିବ ବର୍ଷା। । ୨୧ ଓ ୨୨ ସେପ୍ଟେମ୍ବରରେ ଲଘୁଚାପ ଅଧିକ ଘନୀଭୂତ ହୋଇପାରେ । ୨୩ ସେପ୍ଟେମ୍ବର ସକାଳ ସୁଦ୍ଧା ଏହା ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ଉପକୂଳ ନିକଟରେ ପହଞ୍ଚିବା ସମ୍ଭାବନା ରହିଛି । ୨୨ ତାରିଖରୁ ବର୍ଷାର ପ୍ରଭାବ ବଢ଼ିବ। ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ୨୩ ଓ ୨୪ ସେପ୍ଟେମ୍ବରରେ କନ୍ଧମାଳ, ଗଜପତି, ଗଞ୍ଜାମ ଓ ପୁରୀ ପାଇଁ ଅରେଞ୍ଜ ଚେତାବନୀ ଜାରି ହୋଇଛି । ବର୍ଷା ସହ ଘଡ଼ଘଡ଼ି, ବଜ୍ରପାତ ଓ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିପାରେ । ୨୧ରୁ ୨୩ ସେପ୍ଟେମ୍ବର ମଧ୍ୟରେ ଓଡ଼ିଶା ଉପକୂଳ ସମୁଦ୍ର ଅଶାନ୍ତରୁ ଅତ୍ୟନ୍ତ ଅଶାନ୍ତ ରହିପାରେ । ଏହି ସମୟରେ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି ।

## ଓଡ଼ିଶା ହେବ ସେମିକଣ୍ଡକ୍ଟର ହବ୍: ନରାଜର ୮୭୦ ଏକରରେ ପ୍ରସ୍ତାବିତ 'ସିଲିକନ୍ ଭ୍ୟାଲି'



ଭୁବନେଶ୍ୱର, ୧୯/୯ (ନି.ପ୍ର): ସେମିକଣ୍ଡକ୍ଟର ହବ୍ ପାଲଟିବ ଓଡ଼ିଶା । ନରାଜ ନିକଟରେ ଥିବା ୮୭୦ ଏକର ଜମିରେ ଗଢ଼ିଉଠିବ ପ୍ରସ୍ତାବିତ ଓଡ଼ିଶା ସିଲିକନ୍ ଭ୍ୟାଲି । ସ୍ଥାପନ ହେବ ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ ଓ ଆଇଟି ପ୍ରକଳ୍ପ । ଏଥିପାଇଁ ପ୍ରାୟ ୧୦ରୁ ୧୨ଟି କମ୍ପାନୀ ସହ ଆଲୋଚନା ହୋଇଥିବା ସରକାର କହିଛନ୍ତି । ଭଲ ଯୋଗାଯୋଗ ବ୍ୟବସ୍ଥା ଥିବାରୁ ସେମିକଣ୍ଡକ୍ଟର ଓ ଅନ୍ୟ ଶିଳ୍ପ ପାଇଁ ଏହି ସ୍ଥାନ ଉପଯୁକ୍ତ ହେବ ବୋଲି ସରକାରଙ୍କ ଦାବି । ତେବେ ଏହି ଜମିର ଇତିହାସ ବି ବେଶ୍ ପୁରୁଣା । ୨୦୦୬ରେ ଇଡ୍‌କୋ ଏହି ୮୭୦ ଏକର ଜମି ଅଧିଗ୍ରହଣ କରିଥିଲା । ୨୦୦୮ରେ ଏଠାରେ ପ୍ରକଳ୍ପ ପାଇଁ ଟାଟା ପାୱାର ଜମି ନେବା ନେଇ ନିଷ୍ପତ୍ତି ହୋଇଥିଲା । ହେଲେ ସ୍ଥାନୀୟ ଲୋକଙ୍କ ପ୍ରତିବାଦ ଓ ଜମି ହରାଇଥିବା ଲୋକଙ୍କ ହାଇକୋର୍ଟ ଦ୍ୱାରସ୍ଥ ପରେ ଟାଟା ପାୱାର ଏହି ପ୍ରକଳ୍ପରୁ ଓହରିଥିଲା । ପରେ ୨୦୨୪ ଫେବ୍ରୁଆରିରେ ଜେଏସ୍‌ଡବ୍ଲ୍ୟୁ ସହ ଇଭି ବ୍ୟାଟେରି କମ୍ପାନୀ ସ୍ଥାପନ ପାଇଁ ଏମ୍‌ଓୟୁ ହୋଇଥିଲା । କିନ୍ତୁ ଜମି ବିବାଦ ଯୋଗୁଁ ସେହି ପ୍ରକଳ୍ପ ମଧ୍ୟ ଆଗକୁ ବଢ଼ିନଥିଲା । ଏବେ ଏହି ଜମିରେ ସେମିକଣ୍ଡକ୍ଟର ଫ୍ୟାକ୍ଟ୍ରି ନିର୍ମାଣ ପାଇଁ ରାଜ୍ୟ ◆◆ପୃଷ୍ଠା ୭

## ସ୍କ୍ରବ୍ ଟାଇଫସ୍‌କୁ ନେଇ ଭୟଭୀତ ହୁଅନ୍ତୁ ନାହିଁ: ସ୍ୱାସ୍ଥ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୯/୯ (ନି.ପ୍ର): ସ୍କ୍ରବଟାଇଫସ୍‌କୁ ନେଇ ପ୍ରତିକ୍ରିୟା ରଖିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ । ସେ କହିଛନ୍ତି ଯେ, ସ୍କ୍ରବ୍‌ଟାଇଫସ୍‌କୁ ନେଇ ଭୟଭୀତ ହୁଅନ୍ତୁ ନାହିଁ । ସୁନ୍ଦରଗଡ଼, ପାଲଲହଡ଼ାରୁ କିଛି ଇସ୍ୟୁ ଆସିଛି, ଆଉ ଥରେ ତାର ତର୍ଜମା ହେବ । ରାୟଗଡ଼ାରେ ଜଣ୍ଡିସ ବ୍ୟାପିବା ଖବରର ତର୍ଜମା କରାଯାଉଛି । ଡାକ୍ତରୀ ଟିମ୍‌ର ମନିଟରିଂ ଚାଲିଛି । ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରେ ବାସୀ ଖାଦ୍ୟ ନେଇ ରେଡ୍ କରାଯାଉଛି ବୋଲି ସେ କହିଛନ୍ତି।

## ସ୍ୱର୍ଗତ ସାମ୍ବାଦିକ ଲକ୍ଷ୍ମୀଧର ବେହେରାଙ୍କ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭା



ବାଲେଶ୍ୱର, ୧୯/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସାମ୍ବାଦିକ ପ୍ରକୋଷ୍ଠରେ ସ୍ୱର୍ଗତ ସାମ୍ବାଦିକ ଲକ୍ଷ୍ମୀଧର ବେହେରାଙ୍କ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭା କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିଚାରଣ ସଭାରେ ବାଲେଶ୍ୱରର ବିଶିଷ୍ଟ ସାହିତ୍ୟିକ ଶ୍ରୀ ପ୍ରସାନ୍ତ ଦାସ, ଧ୍ୱନି ପ୍ରତିଧ୍ୱନି ଦୈନିକ ଖବରକାଗଜର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାସ, ଦାମୋଦର ନାୟକ, ଅନ୍ତର୍ଯ୍ୟାମୀ ବାବୁ, ସାମ୍ବାଦିକ ଉଜ୍ଜ୍ୱଳ ଚନ୍ଦ୍ର କର, କମିଟିର ସମ୍ପାଦକ ଗଗନ କୁମାର ସେଠୀ ମହୋଦୟ ମଞ୍ଚାସୀନ ହୋଇ ଲକ୍ଷ୍ମୀଧର ବେହେରାଙ୍କ ସହିତ ବିତେଇଥିବା ଦିନର ବହୁ ଅକୁହା କଥାମାନ ପ୍ରକାଶ କରିଥିଲେ। ସେ କିଭଳି ଜଣେ ସାମ୍ବାଦିକ, ରାଜନେତା, ଗାଳ୍ପିକ ଭାବରେ ନିଜକୁ ପ୍ରତିଷ୍ଠିତ କରିଥିଲେ ସେ ବିଷୟରେ ଆଲୋଚନା କରିଥିଲେ। ଏହି ସ୍ମୃତିଚାରଣ ସଭାରେ ସେଉଠୁ ଆରମ୍ଭ ଦୈନିକ ଖବରକାଗଜର ସମ୍ପାଦକ ଶ୍ରୀ ସୁଭେନ୍ଦୁ ଦାସ,କବି ତଥା ସାମ୍ବାଦିକ ଶର୍ବେଶ୍ୱର ଦାସ,ଓ କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା ।ଏହି ସ୍ମୃତି ଚାରଣ ସଭାରେ ସ୍ୱର୍ଗତ ବେହେରାଙ୍କ ପୁତ୍ର ସମ୍ବିତ ବେହେରା ପୁତ୍ର ବଧୂ ଓ ଝିଅ ମାନିନୀ ଉପସ୍ଥିତ ରହି ସମସ୍ତ ସାମ୍ବାଦିକ ଭାଇମାନଙ୍କୁ ନିଜ ତରଫରୁ ଧନ୍ୟବାଦ ଦେବା ସହିତ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ ।ଏହି ସଭାରେ କମଳାକାନ୍ତ ନାୟକ, ସୁରେନ୍ଦ୍ର ଜେନା, ପ୍ରଦିପ କୁମାର ବେରା, ସମ୍ବିଦ ବେହେରା ପୂର୍ଣ୍ଣଚନ୍ଦ୍ର ବେହେରା ମହେଶ୍ୱର ମହାନ୍ତି, ହିରତିକ, ନାୟକ, ମିତାଞ୍ଜଳି ପାଣିଗ୍ରାହୀ ସରତ ସାମଲ,ସରତ ବାରିକ୍, ହେମନ୍ତ କୁମାର ମହାନ୍ତି, ସୀତାରାମ ପ୍ରଧାନ, ଅ୍ରଧେନ୍ଦୁ କୁମାର, ଚିଗଲି, ସୁଦିପ୍ତ ମହାନ୍ତି, ଗୟାଧର କର,ତପନ ଦାସ, ବିନାୟକ ମହାପାତ୍ର, କଞ୍ଚମଣୀ ସ୍ୱାଇଁ, ପଦ୍ମଲୋଚନ ଦତ୍ତ,ସେକ ଅଜିମ, ମର୍ଯ୍ୟାଦା ମାନିନୀ ବେହେରା, ଆଶ୍ରୀତା ତରେଇ, ଯୋଶୋଦା ନନ୍ଦନ, ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସର୍ବଶେଷରେ ସାମ୍ବାଦିକ ସମ୍ବିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଏସଆଇଆର ନୋଟିସ୍‌ରେ କେଜ୍ରିୱାଲଙ୍କ ପରିବାର: ଆପର ତୀବ୍ର ପ୍ରତିକ୍ରିୟା



ନୂଆଦିଲ୍ଲୀ,୧୯/୯ : ଦିଲ୍ଲୀରେ ଚାଲିଥିବା ସ୍ପେଶାଲ ଇଣ୍ଟେନ୍ସିଭ୍ ରିଭିଜନ୍ ପ୍ରକ୍ରିୟା ମଧ୍ୟରେ ଆମ୍ ଆଦମୀ ପାର୍ଟି ମୁଖ୍ୟ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ତାଙ୍କ ପରିବାରର ୪ ଜଣ ସଦସ୍ୟଙ୍କୁ ନୋଟିସ୍ ଜାରି ହୋଇଛି। କେଜ୍ରିୱାଲଙ୍କ ସହ ତାଙ୍କ ପତ୍ନୀ ସୁନୀତା କେଜ୍ରିୱାଲ, ପୁଅ ପୁଲକିତ କେଜ୍ରିୱାଲ ଏବଂ ବାପା ଗୋବିନ୍ଦ ରାମ କେଜ୍ରିୱାଲ ଓ ମାଆ ଗୀତା ଦେବୀଙ୍କୁ ଏହି ନୋଟିସ୍ ଦିଆଯାଇଛି । ନିର୍ବାଚନ କାର୍ଯ୍ୟାଳୟର ତଥ୍ୟ ଅନୁସାରେ, କେଜ୍ରିୱାଲ ନୂଆଦିଲ୍ଲୀ-୪୦ ବିଧାନସଭା କ୍ଷେତ୍ରର ଭୋଟର। ନୂଆଦିଲ୍ଲୀ ଆସେମ୍ବଲି କନଷ୍ଟିଚୁଏନ୍ସିର ପାର୍ଟ-୫୧, କେଜି ମାର୍ଗ ଅଞ୍ଚଳର ମୋଟ ୧୧୦ ଜଣ ଭୋଟରଙ୍କୁ ନୋଟିସ୍ ଦିଆଯାଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ କେଜ୍ରିୱାଲଙ୍କ ପରିବାରର ଏହି ୫ ଜଣ ମଧ୍ୟ ରହିଛନ୍ତି। ଏହି ନୋଟିସ୍ 'Unmapped with Last SIR' ବର୍ଗରେ ଜାରି ହୋଇଛି । ଅର୍ଥାତ୍ ପୂର୍ବ ଏସଆଇଆର ଭୋଟର ତାଲିକା ସହ ବର୍ତ୍ତମାନର ତଥ୍ୟ ମ୍ୟାପ୍ ହୋଇନଥିବା ଭୋଟରଙ୍କ ବିବରଣୀ ଯାଞ୍ଚ ପାଇଁ ନୋଟିସ୍ ଦିଆଯାଉଛି। ଦିଲ୍ଲୀର ଏସଆଇଆର ପ୍ରକ୍ରିୟାରେ ଏଭଳି ଅନ୍ୟ ଅନେକ ଭୋଟରଙ୍କୁ ମଧ୍ୟ ଯାଞ୍ଚ ପାଇଁ ନୋଟିସ୍ ଦିଆଯାଇଛି। ଏହି ଘଟଣାକୁ ନେଇ ଇଇଚ ନିର୍ବାଚନ ଆୟୋଗର ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଛି। ଦଳ ପକ୍ଷରୁ ସୋସିଆଲ ମିଡିଆରେ ପ୍ରଶ୍ନ କରାଯାଇଛି ଯେ, ତିନିଥର ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରହିଥିବା କେଜ୍ରିୱାଲ ଓ ତାଙ୍କ ପରିବାରର ସଦସ୍ୟଙ୍କ ନାମ ସମ୍ପର୍କରେ ଏଭଳି ଯାଞ୍ଚର ଆବଶ୍ୟକତା କାହିଁକି ପଡ଼ିଲା। ତେବେ ନିର୍ବାଚନ କର୍ତ୍ତୃପକ୍ଷଙ୍କ ନୋଟିସ୍ ଜାରି କରିବାର ଆଧାର ହେଉଛି ଏସଆଇଆର ଅଧୀନରେ ଭୋଟର ତଥ୍ୟ ଯାଞ୍ଚ। ଦିଲ୍ଲୀର ଏସଆଇଆର ପ୍ରକ୍ରିୟାରେ ପ୍ରାୟ ୩୩.୧ ଲକ୍ଷ ଭୋଟରଙ୍କୁ 'ନୋ ମ୍ୟାପିଂ' କିମ୍ବା 'ଲଜିକାଲ୍ ଡିସ୍କ୍ରେପାନ୍ସି' ଭଳି କାରଣରେ ନୋଟିସ୍ ଦିଆଯାଇଛି। ଏହାକୁ ନେଇ ସୁପ୍ରିମକୋର୍ଟରେ ମଧ୍ୟ ମାମଲା ରହିଛି ଏବଂ ସେପ୍ଟେମ୍ବର ୨୨ରେ ଏ ସମ୍ପର୍କିତ ଶୁଣାଣି ହେବାକୁ ରହିଛି।

# ଜଳେଶ୍ୱର ରାସ୍ତାକୁ ନେଇ ପୂର୍ତ୍ତ ବିଭାଗର ବଡ଼ ପଦକ୍ଷେପ: ୭ ଦିନ ଭିତରେ ମରାମତି ପ୍ରତିଶ୍ରୁତି, ୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାମ ଶୀଘ୍ର ଆରମ୍ଭ

ଜଳେଶ୍ୱର, ୧୯/୯ (ନି.ପ୍ର): ଜଳେଶ୍ୱର ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ରାସ୍ତାଗୁଡ଼ିକର ତୁରନ୍ତ ମରାମତି ସହ ଦୀର୍ଘମିଆଦୀ ଭିତ୍ତିଭୂମି ବିକାଶକୁ ନେଇ ପୂର୍ତ୍ତ ବିଭାଗ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ବାଲେଶ୍ୱର ପୂର୍ତ୍ତ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ଇଂ.ମାନସ ରଞ୍ଜନ ସେଠୀ ଏବଂ ଅଧୀକ୍ଷଣ ଯନ୍ତ୍ରୀ ଇଂ.ରଞ୍ଜନ ମହାଳିକଙ୍କ ଉପସ୍ଥିତିରେ ଏହି ଆଲୋଚନା ହୋଇଥିଲା। ଜଳେଶ୍ୱର ପୌରପରିଷଦ ଅଧୀନସ୍ଥ ବାରମୁହା ପୋଲଠାରୁ ଚାଲନ୍ତି ରେଳ ଓଭରବ୍ରିଜ୍ ପର୍ଯ୍ୟନ୍ତ,ବଡ଼ବଜାର ଛକଠାରୁ ବାସନ୍ତୀ ପଡ଼ିଆ ପର୍ଯ୍ୟନ୍ତ ଏବଂ ବଡ଼ବଜାର ଛକଠାରୁ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଅଧୀନରେ ଥିବା ରାସ୍ତାଗୁଡ଼ିକ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ କ୍ଷତିଗ୍ରସ୍ତ ହୋଇଛି। ଏହା ଫଳରେ ଯାତାୟାତରେ ସାଧାରଣ ଲୋକଙ୍କୁ ଅସୁବିଧା ଭୋଗିବାକୁ ପଡୁଥିବା ବିଷୟ ଆଲୋଚନାରେ ଉଠିଥିଲା।କ୍ଷତିଗ୍ରସ୍ତ ରାସ୍ତାଗୁଡ଼ିକର ତୁରନ୍ତ ମରାମତି ନେଇ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ବିସ୍ତୃତ ଆଲୋଚନା କରାଯାଇଥିଲା। ଆଲୋଚନା ସମୟରେ ଉକ୍ତ ରାସ୍ତାଗୁଡ଼ିକୁ ସାତ ଦିନ ମଧ୍ୟରେ ପିଚୁ ଦ୍ୱାରା ମରାମତି କରାଯିବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡ଼ିଛି। ଏଥିସହିତ ବାରମୁହା ପୋଲଠାରୁ ଚାଲନ୍ତି ରେଳ ଓଭରବ୍ରିଜ୍ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ ରାଜ୍ୟ ସରକାରଙ୍କ ଅନୁମୋଦିତ ୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଏହି



କାର୍ଯ୍ୟର କାର୍ଯ୍ୟାଦେଶ ପାଇଥିବା ଠିକାଦାର ଶ୍ରୀ ସଞ୍ଜୀବ କୁମାର ନାୟକଙ୍କୁ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ବିଭାଗୀୟ ସ୍ତରରେ ନିର୍ଦ୍ଦେଶ ଦିଆଯାଇଥିଲା।ସେହିପରି ଜଳେଶ୍ୱରରୁ ପଶ୍ଚିମବାର୍ଡ ରାସ୍ତାର ମରାମତି,ବାଘାବାଳିଠାରୁ ରାଇବଣିଆ ରାସ୍ତାର ମରାମତି ଏବଂ କେଶପୁରାଠାରୁ ନମକାନା ଭାୟା ପାଇକାସିଦା,ଉତ୍ତରପଡ଼ା ଓ ଖଳାବାଡ଼ିଆ ରାସ୍ତାର ପ୍ରଶସ୍ତିକରଣ ଓ ମରାମତି ସମ୍ପର୍କରେ ମଧ୍ୟ ପୂର୍ତ୍ତ ବିଭାଗ ସହ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ଜଳେଶ୍ୱର ବ୍ଲକ୍ ପ୍ରତିନିଧି ଶ୍ରୀ ବ୍ରଜ ମୋହନ ପ୍ରଧାନ,ବିଜେପି ଯୁବ ନେତା ଶ୍ରୀ ଫାଲଗୁନି ପାଣିଗ୍ରାହୀ,ଜଳେଶ୍ୱର ନଗର ସଭାପତି ଶ୍ରୀ ଶିବନାରାୟଣ ମହାପାତ୍ର,ଶ୍ରୀ ରାଜେଶ ଖଟୁଆ,ଶ୍ରୀ ତାପସ ପାଣିଗ୍ରାହୀ,ଶ୍ରୀ ପ୍ରବୀର କୁମାର ଦାସ,ଶ୍ରୀ ଅଞ୍ଜନ କୁମାର ଦାସ ଓ ଶ୍ରୀ କାଳିଚରଣ ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।ଜଳେଶ୍ୱର ଅଞ୍ଚଳର ରାସ୍ତାଘାଟର ଉନ୍ନତି,ଭିତ୍ତିଭୂମିର ସୁଦୃଢ଼ୀକରଣ ଏବଂ ଜନସାଧାରଣଙ୍କ ଯାତାୟାତ ସୁବିଧାକୁ ନଜରରେ ରଖି ଏହି ସମସ୍ତ କାର୍ଯ୍ୟକୁ ଶୀଘ୍ର ଆରମ୍ଭ ଓ ସମୟୋଚିତ ଭାବେ ସମ୍ପୂର୍ଣ୍ଣ କରିବା ଉପରେ ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା। ସ୍ଥାନୀୟ ଅଞ୍ଚଳର ରାସ୍ତା ସମସ୍ୟାର ସମାଧାନ ଦିଗରେ ବିଭାଗୀୟ ଅଧିକାରୀଙ୍କ ଏହି ପ୍ରତିଶ୍ରୁତି ଆଗାମୀ ଦିନରେ ଜଳେଶ୍ୱରବାସୀଙ୍କ ଯାତାୟାତ ବ୍ୟବସ୍ଥାକୁ ଅଧିକ ସୁଗମ କରିବ ବୋଲି ଆଶା ପ୍ରକାଶ ପାଇଛି।

# ବସ୍ତା ବ୍ଲକ କଡ଼ ସରକାରୀ କଲ୍ୟାଣ ମଣ୍ଡପ ପାଞ୍ଚ ବର୍ଷ ହେଲା ସରୁନି ନିର୍ମାଣ: ସାଜିଲାଣି ଭୂତ କୋଠି

ବସ୍ତା, ୧୯/୯ (ନି.ପ୍ର): ବାଲେଶ୍ୱର ଜିଲା ବସ୍ତା ବ୍ଲକ କଡ଼ରେ ଏକ ସରକାରୀ କଲ୍ୟାଣ ମଣ୍ଡପ ଆଜକୁ ପାଞ୍ଚ ବର୍ଷ ହେଲା ନିର୍ମାଣ ଆରମ୍ଭ ହୋଇଥିଲେ ହେଁ ଏପର୍ଯ୍ୟନ୍ତ ତାହା ପୂର୍ଣାଙ୍ଗ ନ ହୋଇ ଭୂତ କୋଠିରେ ପରିଣତ ହେଲାଣି। ସୂଚନା ଅନୁଯାୟୀ ଗତ ପାଞ୍ଚ ବର୍ଷ ତଳେ ଏହି ବ୍ଲକର ମହାକୁମା ପଞ୍ଚାୟତ ପତ୍ରଝଡାର ତତ୍କାଳୀନ ସରପଞ୍ଚ ଉକ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ସେ ସମୟର ସରକାର ପ୍ରତି ପଞ୍ଚାୟତରେ ଗୋଟିଏ କଲ୍ୟାଣ ମଣ୍ଡପ ପାଇଁ ୩୫ ଲକ୍ଷ ଟଙ୍କା ମଂଜୁର କରିଥିଲେ। ଏଥି ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ।ସେହି ଅର୍ଥରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଅବଶିଷ୍ଟ ୨୫ ଲକ୍ଷ ଟଙ୍କା ଦେବେ ଦେବେ କହି ଆଉ



ଦେଲେ ନାହିଁ। ଫଳରେ ସେହି ୧୦ ଲକ୍ଷ ଟଙ୍କାର କାମ ହୋଇ ପ୍ରକଳ୍ପଟି ଅପୂର୍ଣାଙ୍ଗ ଅବସ୍ଥାରେ ରହିଛି। ପ୍ରକଳ୍ପର ଚାରି ପାର୍ଶ୍ୱରେ ଅନାବନା ଗଛ, ଲତା ହୋଇ ଅଦରକାରୀ ଓ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି।ପାଞ୍ଚ ବର୍ଷ ପରେ ନିର୍ବାଚନ ହୋଇ ନୂତନ ପଞ୍ଚାୟତ ପ୍ରତିନିଧି ନିର୍ବାଚିତ ହେବା ପରେ ପୁଣି ନିର୍ବାଚନ ଆସନ୍ନ। ଅନ୍ୟ ପକ୍ଷରେ ଦୁଇ ବର୍ଷରୁ ଉର୍ଦ୍ଧ୍ୱ କାଳ ସରକାର ବଦଳି ଗଲାଣି।ନେତା, ମନ୍ତ୍ରୀ ପଞ୍ଚାୟତ ସମିତି ଆସୁଛନ୍ତି ମାତ୍ର ବ୍ଲକ ପାର୍ଶ୍ୱରେ ଏହି ଅସମ୍ପୂର୍ଣ୍ଣ ପ୍ରକଳ୍ପକୁ କେହି ନଜର ଦେଉ ନ ଥିବା କ୍ଷୋଭର ବିଷୟ ହୋଇଛି।ଏ ସମ୍ପର୍କରେ ବିଡ଼ିଓ ମିହିର ରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ ଏହି ପ୍ରକଳ୍ପ କାର୍ଯ୍ୟ ପାଇଁ ଅବଶିଷ୍ଟ ଅର୍ଥ ଆସିବାର ଅଛି, ଆସିଲେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ।

# ଭାରତ ଉପରେ 'ପ୍ରଳୟ'ର ଛାୟା: ଆସୁଛି ଭୟଙ୍କର ଏଲ୍‌ନିନୋ, ବୈଜ୍ଞାନିକଙ୍କ ଚେତାବନୀ

ନୂଆଦିଲ୍ଲୀ,୧୯/୯ : ଭାରତର ୧୮୦ରୁ ଅଧିକ ପରିବେଶ ଓ ପାଣିପାଗ ବୈଜ୍ଞାନିକ ୨୦୨୬-୨୭ରେ ସମ୍ଭାବ୍ୟ ଶକ୍ତିଶାଳୀ ଅଲ୍-ନିନୋକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ବୈଜ୍ଞାନିକଙ୍କ ମତରେ, ଏଥରର ଅଲ୍-ନିନୋ ସାଧାରଣ ବର୍ଷଗୁଡ଼ିକ ତୁଳନାରେ ଅଧିକ ପ୍ରଭାବଶାଳୀ ହୋଇପାରେ। ଏହାର ପ୍ରଭାବ ଭାରତର ଜଙ୍ଗଲ, ନଦୀ, ସମୁଦ୍ର, ପାହାଡ଼ ଓ ବନ୍ୟଜୀବ ଉପରେ ପଡ଼ିବାର ଆଶଙ୍କା ରହିଛି। ସେମାନେ ସରକାର, ଗବେଷଣା ସଂସ୍ଥା ଓ ଫଣ୍ଡିଂ ଏଜେନ୍ସିଗୁଡ଼ିକୁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବାକୁ ଆହ୍ୱାନ ଦେଇଛନ୍ତି। କ୍ଷତି ହେବା ପରେ ଅଧ୍ୟୟନ କରିବା ବଦଳରେ ପୂର୍ବରୁ ନିରୀକ୍ଷଣ, ତଥ୍ୟ ସଂଗ୍ରହ ଓ ରେକର୍ଡ ବ୍ୟବସ୍ଥା କରିବା ଉପରେ ସେମାନେ ଗୁରୁତ୍ୱ ଦେଇଛନ୍ତି।



ସେପ୍ଟେମ୍ବର ୧୬, ୨୦୨୬ରେ ଜେନୋଡୋ ପ୍ଲାଟଫର୍ମରେ ପ୍ରକାଶିତ ଏକ ଗବେଷଣା ପ୍ରବନ୍ଧରେ ଏହି ଚେତାବନୀ ଦିଆଯାଇଛି। ଅଲ୍-ନିନୋ ପ୍ରଶାନ୍ତ ମହାସାଗର ସହ ଜଡ଼ିତ ଏକ ପ୍ରାକୃତିକ ଜଳବାୟୁ ଘଟଣା। ଏଥିରେ ସମୁଦ୍ର ପୃଷ୍ଠର ଜଳ ସାଧାରଣ ତୁଳନାରେ ଅଧିକ ଗରମ ହୋଇଥାଏ। ଏହାର ପ୍ରଭାବ ବିଶ୍ୱର ବିଭିନ୍ନ ଅଞ୍ଚଳର ପାଣିପାଗ ଉପରେ ପଡ଼ିଥାଏ। ଭାରତରେ ଅଲ୍-ନିନୋକୁ ସାଧାରଣତଃ ଦୁର୍ବଳ କିମ୍ବା ବିଳମ୍ବିତ ମୌସୁମୀ ବର୍ଷା ଏବଂ ଅଧିକ ଗରମ ସହ ଯୋଡ଼ି ଦେଖାଯାଏ। ତେବେ ପ୍ରତ୍ୟେକ ଅଲ୍-ନିନୋର ପ୍ରଭାବ ସମାନ ହୋଇନଥାଏ। ବୈଜ୍ଞାନିକମାନେ କହିଛନ୍ତି, ଏଥର ପ୍ରଶାନ୍ତ ମହାସାଗରରେ ସମୁଦ୍ର ତାପମାତ୍ରା ଅସ୍ୱାଭାବିକ ଭାବେ ବଢୁଥିବାରୁ ଆଗାମୀ ମାସଗୁଡ଼ିକ ଉପରେ ନଜର ରଖିବା ଆବଶ୍ୟକ। ବୈଜ୍ଞାନିକଙ୍କ ଆଶଙ୍କା ଅନୁସାରେ, ନଭେମ୍ବର ୨୦୨୬ରୁ ଆସନ୍ତା ବର୍ଷ ପର୍ଯ୍ୟନ୍ତ ଭାରତର ଅନେକ ଅଞ୍ଚଳରେ ସାଧାରଣଠାରୁ ଅଧିକ ଗରମ ଓ ଶୁଖିଲା ପାଣିପାଗ ଦେଖାଦେଇପାରେ। ବର୍ଷା କମିଲେ ଜଳସଙ୍କଟ ବଢ଼ିବା ସହ କୃଷି, ଜଙ୍ଗଲ ଓ ପଶୁପାଳନ ପ୍ରଭାବିତ ହୋଇପାରେ। ବିଶେଷକରି ପୂର୍ବରୁ ଜଳାଭାବ ଥିବା ଅଞ୍ଚଳ, ମରୁଭୂମି ଓ ଉଚ୍ଚ ପାହାଡ଼ିଆ ଅଞ୍ଚଳର ଉଦ୍ଭିଦ ଏବଂ ବନ୍ୟଜୀବ ଏହାଦ୍ୱାରା ଅଧିକ ପ୍ରଭାବିତ ହୋଇପାରନ୍ତି। ଜଳସମ୍ପଦ ଉପରେ ଚାପ ବଢ଼ିଲେ କୃଷି ଉତ୍ପାଦନ ସହ ଗ୍ରାମୀଣ ଅର୍ଥନୀତି ମଧ୍ୟ ପ୍ରଭାବିତ ହୋଇପାରେ। ସହରଗୁଡ଼ିକରେ ମଧ୍ୟ ଦୀର୍ଘ ସମୟର ତୀବ୍ର ଗରମର ପ୍ରଭାବ ବଢ଼ିପାରେ। କଂକ୍ରିଟ୍ ଓ ପିଚୁ ରାସ୍ତା ଯୋଗୁଁ ସହରାଞ୍ଚଳ ପୂର୍ବରୁ ହିଁ ଆଖପାଖ ଗ୍ରାମାଞ୍ଚଳ ତୁଳନାରେ ଅଧିକ ଗରମ ରହିଥାଏ।

# ଚାନ୍ଦିପୁରଠାରେ ଆନ୍ତର୍ଜାତୀୟ ସମୁଦ୍ର ଉପକୂଳ ସଫେଇ ଦିବସ-୨୦୨୬ ପାଳିତ

ବାଲେଶ୍ୱର, ୧୯/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁରସ୍ଥିତ ସମୁଦ୍ର ଉପକୂଳରେ ଆଜି ସକାଳ ୮.୦୦ ଘଟିକା ସମୟରେ ଆନ୍ତର୍ଜାତୀୟ ସମୁଦ୍ର ଉପକୂଳ ସଫେଇ ଦିବସ-୨୦୨୬ ଉତ୍ସାହ ଓ ସଚେତନତାର ସହ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ବିଭାଗ, ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ, ସ୍ଥାନୀୟ ସମୁଦାୟ ଏବଂ ବିଭିନ୍ନ ଅଂଶୀଦାରମାନେ ସକ୍ରିୟ ଭାବେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସାମୁଦ୍ରିକ ଉପକୂଳ ପରିମଳ ଓ ଜୈବ ବିବିଧତାର ସୁରକ୍ଷା, ପ୍ଲାଷ୍ଟିକ୍ ପ୍ରଦୂଷଣ ନିୟନ୍ତ୍ରଣ ଏବଂ ଉପକୂଳ ପରିବେଶର ସୁରକ୍ଷା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା। ଏହି ଅବସରରେ ରେଡ୍ କ୍ରାବ୍ ଅଞ୍ଚଳରେ ଉପକୂଳ ସଫେଇ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ବାଲେଶ୍ୱର ବନ୍ୟପ୍ରାଣୀ ବିଭାଗର ବିଭାଗୀୟ ବନ ଅଧିକାରୀ ଶ୍ରୀଯୁକ୍ତ ପ୍ରତୀକ ଇନ୍ଦଲକର, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଶିବ ମାଲବ୍ୟ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀ, ଶ୍ରୀଯୁକ୍ତ ମନମୋହନ ମୁର୍ମୁ, ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି, ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଅଧକ୍ଷ, ସ୍ନାତକୋତ୍ତର ପରିଷଦ, ଫକୀର ମୋହନ ବଶ୍ୱବିଦ୍ୟାଳୟ ପ୍ରଫେସର ସନ୍ତୋଷ କୁମାର ଅଗରୱାଲା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ଘଏଙ୍ଗ ପ୍ରତିନିଧି, ସ୍ଥାନୀୟ ଚଜଓ ସଦସ୍ୟ, ଠଥ୍ଥ ସଦସ୍ୟ, ବାଲେଶ୍ୱର ବନ୍ୟପ୍ରାଣୀ ବିଭାଗର ବନ କର୍ମଚାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଅଧିକାରୀ, ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଘଏଙ୍ଗ ପ୍ରତିନିଧି, ଚଜଓ ସଦସ୍ୟ, ଠଥ୍ଥ ସଦସ୍ୟ ଏବଂ ବନ କର୍ମଚାରୀମାନେ ସକ୍ରିୟ ଭାବେ ଯୋଗଦେଇ ଉପକୂଳ ଅଞ୍ଚଳରୁ ବିଭିନ୍ନ ପ୍ରକାରର ଆବର୍ଜନା ଓ ପ୍ଲାଷ୍ଟିକ୍ ସାମଗ୍ରୀ ସଫା କରିଥିଲେ। ଏଥିସହିତ ଆବର୍ଜନାକୁ ଦାୟିତ୍ୱପୂର୍ଣ୍ଣ ଭାବେ ନିଷ୍କାସନ କରିବା ଏବଂ ଉପକୂଳ ପରିବେଶକୁ ସୁରକ୍ଷିତ ରଖିବାରେ ସାମୂହିକ ଜନସହଭାଗିତାର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଅବସରରେ ସାମୁଦ୍ରିକ ଜୀବଜନ୍ତୁ, ଉପକୂଳୀୟ ଆବାସସ୍ଥଳୀ ଏବଂ ଜୈବ ବିବିଧତାର ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟବହାର କମାଇବା ସହିତ ପରିବେଶ ଅନୁକୂଳ ଜୀବନଶୈଳୀ ଆପଣାଇବା ଏବଂ ଉପକୂଳ ସୁରକ୍ଷାର ବାର୍ତ୍ତାକୁ ସମାଜର ସମସ୍ତ ବର୍ଗଙ୍କ ନିକଟରେ ପହଞ୍ଚାଇବା ପାଇଁ ଆହ୍ୱାନ ଦିଆଯାଇଥିଲା।


## WALK-IN-INTERVIEW

KAPTIPADA HIGHER SECONDARY SCHOOL, NUASAHI, MAYURBHANJ
Email: kaptipadacollege.nuasahi@gmail.com

A walk-in-interview for the post of Lecturer in English will be held on Dt.28.09.2026 for engagement purely on contractual basis with consolidated remuneration for the session 2026-2027 with certain terms & conditions as may be decided by authority. Interested candidate having minimum 55% of marks in P.G. Level are requested to attend the Walk-in-Interview in the college campus on Dt.28.09.2026 from 10 AM to 1 PM with their complete bio data, original certificates, mark sheets (from Matriculation onwards), and a set of self-attested photocopies of all documents along with two recent passport-size photographs. Candidates having B.Ed, M.Phil&Ph.D will be given preference. No TA/DA will be paid for attending the interview. Remuneration is negotiable.

**- S/d -**
**Principal,**
**Kaptipada Higher Secondary School,**
**Nuasahi, Mayurbhanj**
**Mob- 9937819190**


# ବାରିପଦା ପୌରାଞ୍ଚଳର ବିକାଶ ନେଇ ଜିଲ୍ଲାପାଳଙ୍କୁ ଜେଏମଏମ ପକ୍ଷରୁ ଦାବିପତ୍ର

## ୧୫ ଦିନ ମଧ୍ୟରେ ଟେଣ୍ଡର ଆହ୍ୱାନ ନହେଲେ ଆନ୍ଦୋଳନ ଚେତାବନୀ

ବାରିପଦା, ୧୯/୯ (ନି.ପ୍ର): ବାରିପଦା ପୌରାଞ୍ଚଳରେ ବିକାଶମୂଳକ କାର୍ଯ୍ୟ ଦୀର୍ଘଦିନ ଧରି ଠପ ହୋଇଥିବା ଅଭିଯୋଗ କରି ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା, ବାରିପଦା ଶାଖା ପକ୍ଷରୁ ଶୁକ୍ରବାର ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ବାରିପଦା ପୌରପାଳିକା ଅଧୀନ ୨୮ଟି ୱାର୍ଡରେ ରାସ୍ତା ଉନ୍ନତି, ଡ୍ରେନେଜ, ପାନୀୟ ଜଳ ଯୋଗାଣ, ସହର ସୌନ୍ଦର୍ଯ୍ୟକରଣ, ଜଳାଶୟର ଉନ୍ନତିକରଣ ସମେତ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଅଟକି ରହିଛି। ଫଳରେ ବର୍ଷା ସମୟରେ ଜଳଜମା ସମସ୍ୟା ସହ ରାସ୍ତା ଓ ନାଳର ଅବ୍ୟବସ୍ଥା ଯୋଗୁଁ ସହରବାସୀ ଦୈନନ୍ଦିନ ଜୀବନରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଦଳ ଅଭିଯୋଗ କରିଛି। ୨୦୨୫-୨୬ ଓ ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ପୌରାଞ୍ଚଳର ବିକାଶ ପାଇଁ ଆବଶ୍ୟକ ଅର୍ଥ ବିନିଯୋଗ ଓ ନୂତନ ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇନଥିବା ଅଭିଯୋଗ ହୋଇଛି। ମୁଖ୍ୟମନ୍ତ୍ରୀ ସହରୀ ବିକାଶ



ଯୋଜନା, ୧୬ତମ ଅର୍ଥ କମିଶନ, ୬ଷ୍ଠ ରାଜ୍ୟ ଅର୍ଥ କମିଶନ, ଡିଭୋଲୁସନ ଫଣ୍ଡ ଓ ଟାଇଡ ଗ୍ରାଣ୍ଟ ଆଦି ମାଧ୍ୟମରେ ମିଳୁଥିବା ଅର୍ଥର ସଠିକ ବିନିଯୋଗ କରାଯାଇ ବିକାଶ କାର୍ଯ୍ୟକୁ ଗତି ଦେବାକୁ ଜେଏମଏମ ଦଳ ଦାବି କରିଛି। ପୌରପାଳିକାରେ ଦୁଇଜଣ ପୌର ଯନ୍ତ୍ରୀ ଥିବା ସତ୍ତ୍ୱେ ବିକାଶ ମୂଳକ କାର୍ଯ୍ୟ ଆଶାନୁରୂପ ଭାବେ ଆଗେଇ ନଥିବା ନେଇ ମଧ୍ୟ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ପ୍ରଶ୍ନ ଉଠାଇଛି। ଏହା ସହ ପୌରପାଳିକାର ନିର୍ବାହୀ ଅଧିକାରୀ ପୌରାଞ୍ଚଳର ବିକାଶ ପ୍ରକଳ୍ପ ପ୍ରତି ଆବଶ୍ୟକ ଗୁରୁତ୍ୱ ଦେଉନଥିବା ଏବଂ ଶାସକ ଦଳର ନେତାଙ୍କ ପ୍ରଭାବରେ କାର୍ଯ୍ୟ କରୁଥିବା ଭଳି ପରିସ୍ଥିତି ଦେଖାଯାଉଥିବା ଦଳ ଅଭିଯୋଗ କରିଛି। ତେବେ ଏହି ଅଭିଯୋଗ ଉପରେ ପୌରପାଳିକା ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। ପୌରାଞ୍ଚଳରେ ଠପ ହୋଇଥିବା ବିକାଶ କାର୍ଯ୍ୟର ସମୀକ୍ଷା କରି ତୁରନ୍ତ କାର୍ଯ୍ୟକ୍ଷମ କରିବା ସହ ଆସନ୍ତା ୧୫ ଦିନ ମଧ୍ୟରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ କରିବାକୁ ଦଳ ଦାବି କରିଛି। ଦାବି ପୂରଣ ନହେଲେ ଜନସାଧାରଣଙ୍କ ସ୍ୱାର୍ଥରେ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଓ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରାଯିବ ବୋଲି ଝାମୁମୋ ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜେଏମଏମ ର ଜିଲ୍ଲା ସଭାପତି କୃଷ୍ଣ ଚନ୍ଦ୍ର ଦାସ, ବରିଷ୍ଠ ନେତା ସୁଜିତ ବେହେରା, ସହର ସଭାପତି ତରେନ ସେନାପତି, ଅଭିଷେକ ଦଣ୍ଡପାଟ, ସୁଶାନ୍ତ ସିଂ, ଗେଡୁ ମହାନ୍ତ, ରାଜୀବ ଥମ୍ବ, ଶିବ ସିଂ, ମୁନା ବାଗ, ପ୍ରେମ ସିଂ, କାମେଶ୍ୱର ଲାହାରୀ, ରାକେଶ ବାଗ, ସୌମ୍ୟ ଅଗସ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମଧ୍ୟପ୍ରଦେଶ ଦୁର୍ଘଟଣାରେ ଓଡ଼ିଆଙ୍କ ମୃତ୍ୟୁ ଘଟଣାରେ ପ୍ରଭାତୀ ପରିଡାଙ୍କ ଶୋକ

ଭୁବନେଶ୍ୱର, ୧୯/୯ (ନି.ପ୍ର): ମଧ୍ୟପ୍ରଦେଶରେ ଘଟିଥିବା ଏକ ଦୁଃଖଦ ଦୁର୍ଘଟଣାରେ ଓଡ଼ିଆ ପର୍ଯ୍ୟଟକଙ୍କ ପ୍ରାଣହାନି ଘଟଣାରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନ୍ରଭାତୀ ପରିଡା ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଏହି ଖବର ମୋତେ ଅତ୍ୟନ୍ତ ମର୍ମାହତ କରିଛି। ଏହି ଅପୂରଣୀୟ କ୍ଷତିରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଦିବଂଗତ ଆତ୍ମାଙ୍କ ସଦ୍‌ଗତି କାମନା କରୁଛି ।

# ଜଳେଶ୍ୱରରେ ବିପର୍ଯ୍ୟସ୍ତ ରାସ୍ତାଘାଟ:୧୫ ଦିନ ମଧ୍ୟରେ ମରାମତି ନହେଲେ ଧାରଣା ଦେବ କଂଗ୍ରେସ

ଜଳେଶ୍ୱର, ୧୯/୯ (ନି.ପ୍ର): ଜଳେଶ୍ୱର ସହର ଓ ଏହାର ଆଖପାଖ ଅଞ୍ଚଳରେ ଦୀର୍ଘ ଦିନ ଧରି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ମୁଖ୍ୟ ରାସ୍ତାଗୁଡ଼ିକର ତୁରନ୍ତ ମରାମତି ଦାବିରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି ।ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ଶ୍ରୀ ରାଜୀବ କୁମାର ପରିଡ଼ା ଏ ନେଇ ବାଲେଶ୍ୱର ଆର ଆଣ୍ଡ୍ ବି ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ଆର ଆଣ୍ଡ୍ ବି ଏସ୍‌ଡିଓଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଖବରରୁ ପ୍ରକାଶ ଯେ,ଜଳେଶ୍ୱର ସହର ମଧ୍ୟଦେଇ ଯାଇଥିବା ପ୍ରମୁଖ ରାସ୍ତାଗୁଡ଼ିକ ଦୀର୍ଘ ଦିନ ହେବ ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ବିଶେଷ କରି: ଆର ଆଣ୍ଡ୍ ବି ରାସ୍ତା ହିରୋ ଶୋ'ରୁମ୍ ଠାରୁ ବାସନ୍ତୀ ପଡ଼ିଆ ଏବଂ ବଡ଼ବଜାର ଛକ ଠାରୁ



ନୂଆବଜାର ଛକ ପର୍ଯ୍ୟନ୍ତ, ଆର.ଡି.ରାସ୍ତା ହାଟ ଛକ ଠାରୁ ପାଇକପାଟଣା ଗ୍ରାମ ପର୍ଯ୍ୟନ୍ତ ଓ ଜଳସେଚନ ରିଙ୍ଗ୍ ରୋଡ୍ ଝାଡ଼େଶ୍ୱରପୁର ଠାରୁ ପଞ୍ଚୁଘଣ୍ଟା ପିର ବାବା ପର୍ଯ୍ୟନ୍ତ। ଏହି ସମସ୍ତ ଗୁରୁତ୍ୱପୂର୍ଣ୍ଣ ରାସ୍ତାଗୁଡ଼ିକ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଥିବାରୁ ଦୈନନ୍ଦିନ ଗମନାଗମନରେ ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ରାସ୍ତାରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲଖମା ଯୋଗୁଁ ପ୍ରତିଦିନ ସ୍ଥାନୀୟ ଅଞ୍ଚଳରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ବିଭାଗୀୟ ଉଦାସୀନତା ଓ ଅବହେଳା ଯୋଗୁଁ ଏହି ସମସ୍ୟା ଗୁରୁତର ରୂପ ନେଇଥିବା ନେଇ କଂଗ୍ରେସ ନେତା ଶ୍ରୀ ପରିଡ଼ା ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତାଗୁଡ଼ିକର ମରାମତି କାର୍ଯ୍ୟକୁ ପ୍ରାଥମିକତା ଦେଇ ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀ ମାନଙ୍କୁ ତୁରନ୍ତ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ଅର୍ଥାତ ଅକ୍ଟୋବର ୪ ତାରିଖ ସୁଦ୍ଧା ଯଦି ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ନହୁଏ,ତେବେ ସେହି ଅକ୍ଟୋବର ୪ ତାରିଖ ପୂର୍ବାହ୍ନ ୧୦ ଘଟିକାରୁ ଆର ଆଣ୍ଡ୍ ବି ଅଫିସ୍ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୦ ସେପ୍ଟେମ୍ବର ୨୦୨୬
email : rabibarachayan2015@gmail.com





# ବୁଦ୍ଧ କାହାଣୀ

ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଲୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**



## ୪୫ ରାଜା ଅଜାତଶତ୍ରୁ (କ)

ଦୟାଳୁ ବିମ୍ବିସାରଙ୍କର ଏକ ପୁତ୍ର ଥିଲା, ରାଜକୁମାର ଅଜାତଶତ୍ରୁ, ଯିଏ ଦେବଦତ୍ତଙ୍କର ଜଣେ ପରମମିତ୍ର ଥିଲେ। ଦେବଦତ୍ତଙ୍କ ସହ କ୍ରମାଗତ ସଂପର୍କ ରଖିବା କାରଣରୁ ଅଜାତଶତ୍ରୁ ପ୍ରଭାବିତ ହୋଇ ନିଜର ପିତାଙ୍କୁ ହତ୍ୟା କରିବାକୁ ପ୍ରେରିତ ହୋଇଥିଲେ।

ଏକ ନୀରବ ଏବଂ ଅନ୍ଧକାର ରାତ୍ରିରେ ସେ ନିଜର ଜଙ୍ଘରେ ଏକ ଛୁରୀ ବାନ୍ଧି ରାଜାଙ୍କ କୋଠରୀ ଭିତରକୁ ପଶିଗଲେ, ମାତ୍ର ପ୍ରହରୀମାନେ ତାଙ୍କୁ ଧରି ପକାଇଲେ। ଦୟାଳୁ ରାଜା ମନେମନେ ଭାବିଲେ, "ଆହା, ମୁଁ ବହୁତ ଲମ୍ବା ସମୟ ଧରି ରାଜତ୍ୱ କରିଆସିଛି। ସମୟ ଆସିଛି ମୁଁ ପଦଛାଡ଼ି ଅଜାତଶତ୍ରୁଙ୍କୁ ରାଜା କରିଦେବି, ଯାହା ଦ୍ୱାରା ସେ ଶାନ୍ତିରେ ଶାସନ କରିପାରିବେ ଏବଂ ମୁଁ ଧାର୍ମିକ ଜୀବନ ଅତିବାହିତ କରିପାରିବି।" ଏଣୁ ଅଜାତଶତ୍ରୁଙ୍କୁ ତାଙ୍କ ମନ୍ଦ ଉଦ୍ଦେଶ୍ୟ ପାଇଁ ଦଣ୍ଡ ଦେବା ପରିବର୍ତ୍ତେ ରାଜା ବିମ୍ବିସାର ତାଙ୍କୁ ରାଜା କରିଦେଲେ।

ଅଜାତଶତ୍ରୁଙ୍କୁ ନୂତନ ରାଜା କରାଯିବା ପରେ ସେ ତାଙ୍କ ପିତା ସମେତ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଲେ। ଏକ ନାଗସାପର ଲାଙ୍ଗୁଡ଼ ଧରିଲେ ସେ ଯେପରି ହଠାତ୍ ବୁଲିପଡ଼େ, ସେହିପରି ନିଜ ପିତାଙ୍କୁ ଅନ୍ଧାର ଏବଂ ଶୀତଳ କାରାଗୃହରେ ସେ ନିକ୍ଷେପ କଲେ।

ଅଜାତଶତ୍ରୁ ଆଦେଶ ଦେଲେ, "ମୋ ମାଆ ବ୍ୟତୀତ ତାଙ୍କୁ ଆଉ କୌଣସି ଅତିଥି ସହ ମିଶିବାକୁ ଦିଅନାହିଁ ଏବଂ ତାଙ୍କୁ କୌଣସି ଖାଦ୍ୟ ଦିଅନାହିଁ, ଯାହାଦ୍ୱାରା ସେ ଭୋକରେ ମରିଯିବେ।"

କିନ୍ତୁ ରାଜା ବିମ୍ବିସାର ମୃତ୍ୟୁବରଣ କରିନଥିଲେ। ତାଙ୍କ ବିଶ୍ୱସ୍ତ ପତ୍ନୀ ଗୁପ୍ତଭାବରେ



ନିଜ ପୋଷାକରେ ଲୁଚାଇ ଖାଦ୍ୟ ଆଣୁଥିଲେ। ଯେତେବେଳେ ଅଜାତଶତ୍ରୁ ଏହା ଜାଣିପାରି ଏହାକୁ ବନ୍ଦ କଲେ, ସେ ତାଙ୍କ ଜୁଡ଼ାରେ ଖାଦ୍ୟ ଲୁଚାଇ ଆଣିଲେ। ପୁଣି ଅଜାତଶତ୍ରୁ ଏହା ଜାଣିପାରିଲେ। ଶେଷରେ, ରାଣୀଙ୍କୁ ନିଜ ଶରୀରକୁ ସ୍ନାନ ଦ୍ୱାରା ପରିଷ୍କାର କରି ସେଥିରେ ମହୁ, ଲହୁଣୀ, ଘିଅ ଏବଂ ଚିନିର ମିଶ୍ରଣର ଏକ ପ୍ରଲେପ ଦେବାକୁ ପଡ଼ିଲା। ତାଙ୍କ ଶରୀରର ଏହି ପ୍ରଲେପକୁ ଚାଟି ସେ ବଞ୍ଚିଗଲେ। ଶେଷରେ ଅଜାତଶତ୍ରୁ ଏହା ଜାଣିପାରିଲେ ଏବଂ ତାଙ୍କ ମାଆଙ୍କୁ ପିତାଙ୍କ ପାଖକୁ ଯିବାକୁ ବାରଣ କଲେ। ବର୍ତ୍ତମାନ ରାଜାଙ୍କ ପାଖରେ ନିଜକୁ ବଞ୍ଚାଇ ରଖିବା ପାଇଁ କୌଣସି ଖାଦ୍ୟ ନଥିଲା ଏବଂ ସେ ନିଶ୍ଚିତ ଭାବରେ ମରିଯିବାର ସମ୍ଭାବନା ଥିଲା।

ତଥାପି ଅଜାତଶତ୍ରୁ ଧୈର୍ଯ୍ୟ ହରାଇ କହିଲେ, "ନାପିତକୁ ଡାକ।" ଯେତେବେଳେ ନାପିତ ଆସିଲେ, ତାକୁ ନିର୍ଦ୍ଦେଶ ଦେଲେ, "ମୁଁ ତୁମକୁ ବିମ୍ବିସାରଙ୍କ କୋଠରୀକୁ ଯିବାପାଇଁ ନିର୍ଦ୍ଦେଶ ଦେଉଛି। ତୁମ କ୍ଷୁରରେ ତାଙ୍କ ପାଦତଳ କାଟି ଚମଡ଼ା ଛିଣ୍ଡାଇ ଦିଅ ଏବଂ ସେହି କଞ୍ଚାମାଂସରେ ଲୁଣ ଓ ତେଲ ବୋଳିଦିଅ।


(କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ମିନିଗଳ୍ପ-୨୨

## ମାମଲା (ଫ)

**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ**



ଗାଁ' ନାଁ ମାଣିକପାଟଣା। ନାଇଁ ମ ସେଇ ପର୍କାର। ସେଠି ମୋଟୁରୁ ପାଞ୍ଚ ଛ'ଘର ଭଳିଆ ମାଟିଆଘର। ମାଟିଆ ମାନେ ଗୋପାଳ। ଗୋରୁମଇଁଷି ପାଳି ଏମାନେ କମର ଉମର ଟାଣ କରିଥାନ୍ତି। ହେଲେ ଅପବାଦଟାଏ ତ କାଳକାଳ ରଟୁଥାଏ। ରଟିବା ଥୟ। କଣ ହବ ନା, ସମସ୍ତେ ଉଦୁଉଦିଆ ଖଇଭଜା ଖରବେଳେ ଶୀତଳପଟି ବିଛେଇ ବାରେଣ୍ଡାରେ ଚାଟାଳ ଖାଉଥିବେ। ଭାତନିଦ ଝାମେଇ ଯାଉଥବ, ସିଆଡ଼ୁ ଗୋସାଇଁଘର ନାଳବନ୍ଧପାଖ ପୋଖରୀ କୂଳରୁ ଶୁଭିବ ଖଟଖଟ ସାଏଁ ଶବଦ। ଦି'ଡେଣାର ଭରା ଦେଇ ସପ ଉପରୁ ବକ୍ରାକାରରେ ତଲାସିବା ଢଙ୍ଗରେ ଅନଉଅନଉ ଖାଉଡେ ଯମଦୂତ। କୁଆଁରୀଚାକୁଣ୍ଡା ଗଛରୁ ଧାରୁଆ କାଟଣରେ ତେରେଛେଇ ଝିଙ୍କି ତାଳପତ୍ର ସଟସାଟ୍ କୁଣ୍ଡା ଝାଡିବା ପରି ଖସେଇ ପକଉଥବ କିଏ। ଗୋସାଇଁ ହେରେହେରେ ହୋଇ ଅଣ୍ଟା ସଳଖି ଧାଇଁବେ। ମାଟିଆପୁଅ ବଡ଼ ବହକାଲିଆ।

: ରୁହ ମ। ଉଁଃ। ତମ ଗଛ ନଣ୍ଡା ହେଇଁଯାଉଚିଇଇଅଉ।

ଏପଟେ ଟାକରା ମାରି ମଇଁଷିପଲ ପିଠିରେ କଷି ଦେଉଥବ ମାଟିଆ ପାଞ୍ଚଣ। ମଇଁଷି ପୋଢୁଅ ସାଉଁସାଉଁ କରି ମୁହଁ ଛିଞ୍ଚାଡି ଉଞ୍ଚାଡି ଦଉଥେବେ ପତିତ ତାଳରୁ ପତ୍ର।

ଗୋସାଇଁ ଥୋବରା ମୁହଁରେ କହିବେ: ହଉ ଯା। ଦବ ପାରବଣକୁ ଘିଅ ଦି' ଛଟାଙ୍କି।

ହପ୍ତାକେ ଥରେ ପସରା ମୁଣ୍ଡେଇ ଆସୁଥବ ପଞ୍ଚେଇନାନୀ। ପଞ୍ଚେଇନାନୀ ମହା ଚାଇଁଖରୀ। ସିଆଡୁ ବ୍ରହ୍ମାଣ୍ଡ କମ୍ପେଇ କୁହାଟୁଥବ: ହେ ଶାନ୍ତିବୋଉ। ରଖିବ ଦହି ?

ଶାନ୍ତି ବୋଉ କବାଟ ଦରମେଲେଇ ପଚାରୁଥବ : କି ଦହି ?

: ବସାଦହି।

ମାଟି ଦି'ସେରିଆ ଆଟିକାରେ ପଡିଥବ ଲୁହାର ସରା। ପଞ୍ଚେଇନାନୀ ଲୁଗାମୁଟୁଳାରୁ ସନ୍ତର୍ପଣରେ ତଳକୁ ଉତାରିବ ଆଟିକା। ବସିବ ଦୁଇଜାନୁ ଉଠାଇ। ହାଉଲେ କଡେଇକଡେଇ ଦୁଇ ସରା ଥଲଥଲିଆ ଦହି ପକେଇ ଦବ ଷ୍ଟିଲ ବେଲାରେ।

ଶାନ୍ତିବୋଉ ସେଥିରୁ ମହି ରଖିବ। ସେ ବି ବନେଇବ ହାଣ୍ଡିଏ ଥଲଥଲିଆ ବସାଦହି। ଜପାଦହି। ଛାଡିଦେଲେ ଅକ୍ଷତ ବୁଲି ଆସିବ କଦଳୀପତରରେ ଚକ୍ରାକାରରେ।

ଗୋସାଇଁଙ୍କ ପୁଅ ଶାନ୍ତି ବୋଉକୁ ମାଗିବ ଦହି। ବସାଦହିରୁ ଜନମିଥିବା ଘୋଳଦହି। ବଡ଼କୁଟୁମ୍ବ ଗୋସେଇଁଙ୍କର। ଅଣ୍ଟୁଚି କଉଁଠି। ଗିନାଏ ପିଇଲେ ବୁଝୁନି ମନ।

ପଞ୍ଚେଇନାନୀକୁ ମାଗନ୍ତାନି। ରାହାବାଳିଟା। ଗୋସାଇଁଙ୍କୁ କହିଦବ ଯଦି। ବାପଠୁ ଛେଚା ଖାଇବା ଥୟ। ସେଇ ଗୋହିରୀ ଦେଇ ଦହି ମଥେଇ ଫି ହପ୍ତାରେ ଯାଏ ପଞ୍ଚେଇନାନୀ। ଧୀରେକିନି ଗୋସାଇଁପୁଅ ସୁରାଏ: ପଞ୍ଚେଇନାନୀ। ଦହି ଆଣିଚୁ ?

ଶୁଣି ନଶୁଣିଲା ପରି ଚାଲିଯାଏ ପଞ୍ଚେଇନାନୀ।

ଥରକୁ ଦି'ଥର। ଦି'ଥରରୁ ତିନିଥର। କାନେଇଲା ଗଉଡୁଣୀନାନୀ।

ପଚାରିଲା: କି ଦହି ?

: ଘୋଳଦହି।

ପଞ୍ଚେଇ ହସିହସି ଚାଲିଗଲା। ଦକଦକ ଗୋସେଇଁପୁଅ। ମଲା ତ ଉ। ଗଲା । ଫୋଡିଦବ।

ଦିନେ କିନ୍ତୁ ଆସିଲା ପଞ୍ଚେଇନାନୀ ପସରାମୁଣ୍ଡେଇ। ଡାକିଲା ଶାନ୍ତିବୋଉକୁ।

:ଧ' ଲୋ ନାନୀ।

:ମୁଁ ତ ଡାକିନି !

ଚାହିଁଲା ପୁଅ ଆଡକୁ ପଞ୍ଚେଇନାନୀ। ପୁଅ ମାଇଲା ଚିରାଳ। ଗଉଡୁଣୀ ସରହସୁନ୍ଦରୀ। ତାକୁ ପାରିବ କିଏ ? ଧଇଲା ଖେପାକେ ନନାପୁଅକୁ।

:କିରେ ମେଞ୍ଚଡ଼। ଯାଉଚୁ କେଣେ। ରହ ?

ଥରୁଥାଏ ଟୋକା। ପଞ୍ଚେଇନାନୀ ମଗେଇଲା ଗିଲାସ। ପେଇଲା ତିନିଥର। ଗୋସେଇଁପୁଅ ପେଟ ଟୁମୁକୁଟୁମା। ଗୋସେଇଁଆଣୀ ତୀର୍ଥକାବା। ଅଟକେଇଲେ।

ପଞ୍ଚେଇନାନୀ କହୁଥାଏ: ତୁ ରହ ନାନୀ। ମୋ ପୁଅକୁ ମୁଁ ପିଆଉଚି। ନେ କେତେ ପିଇବୁ ପି। ଲାଜମିଶା ତୃପ୍ତିରେ ହାରିଯାଉଥାଏ ଗୋଟାଏ ଫେରାଦିମନ। ସେ ଆଉ କେବେ କହିବନି ଯେ ପଞ୍ଚେଇନାନୀ ମହାଧରଟିଆ। ବୋଉଠୁ ଠକି ନେଇଯାଉଚି ପଇସା। ପଞ୍ଚେଇନାନୀ ଘୁସୁରିଲାନି। ପଡିଲା । ଗଲା। ମାମଲା ଖଲାସ। ଲୋକେ କହିଲେ ମାଟିଆଘରୁ ଲକ୍ଷ୍ମୀ ଛାଡିଗଲା।।

♥ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ, (ମୋ) ୯୭୭୬୫୪୬୧୩୦

# କବିତା...

## କାହାର ଡାକ ନଥାଇ

**ଜ୍ଞାନେନ୍ଦ୍ର କୁମାର ପଣ୍ଡା**



ତୁମେ ଜାଣିଛନା,
ଦିନେ ଗୋଟିଏ ଅଦ୍ଭୁତ ଖିଆଲ
ମୋ ମଥାକୁ ଘାରିଲା ।
ଯଦି କେବେ ଆଖି ମୋର ଅନ୍ଧ ହୋଇଯାଏ
ତୁମ ବାଟ ଚାହିଁବାକୁ ଏ
ଆଖି ପୁଣି କେଉଁଠି ଆଣିବି ?
ସେଦିନ କାନରୁ ଉତାରିଦେଲି ତାରାଫୁଲ
ହାତରୁ ତମ ପସନ୍ଦର ପାଣିକାଚ
ଗୋଡ଼ରୁ ପାଉଁଜି, ଦି' ନେଥା ଘୁଙ୍ଗୁର ବି ।

ଶେଷରେ ଖୁବ ଭାବିଲି ସବୁ ନାଟ
ଆଉ ଏ ଅନନ୍ତ ବିମୋହର ମୂଳ ତ
ଏ ଦିଇଟି ଆଖି ମୋର ।
ଶୋଇବା ପୂର୍ବରୁ ଆଖି ଦୁଇଟିକୁ କାଢ଼ିନେଇ
ରଖିଦେଲି ହାତବାକ୍ସରେ ଜଉମୁଦ ଦେଇ ।

ଯେମିତି ତୁମକୁ ଶୁଭିବ
ଠିକ୍ ସେତିକି ସ୍ପନ୍ଦନରେ ମୋହମୁକ୍ତଙ୍କ ପରି
ଗୁଣୁଗୁଣେଇ ଦେଲି–
'ଭୋର ହେବାକୁ ଆଉ
କେତେ ଅବା ବାକି ଅଛି
ଯାଃ ଆଉ ନ'ଆସ, ଏଥର ।'

ଗୋଟିଏ ଦୀର୍ଘଶ୍ୱାସ ଛାଡ଼ି
ଟିକିଏ ଆଖି ବନ୍ଦ କଲାବେଳକୁ ଦେଖୁଛି,
ତମେ ଯେମିତି
ଇତସ୍ତତଃ ହୋଇ ପଦାଚାରଣା କରୁଛ,
ଅନତି ଦୂରରେ ଥାଇ ଆସୁଛ, ଯାଉଛ
ପୁନର୍ବାର ଚାଲିଆସୁଛ ।
ପଶ୍ଚାତରେ ତମ ପାଦଚିହ୍ନକୁ ଲିଭେଇଦେଇ
ଥରକୁଥର ପୁଣି ଆଙ୍କିଦେଉଛ ।

ମୁଁ ଚାହିଁଛି ସେମିତି ଏରୁଣ୍ଡି ଏ ପାଖରେ;
ତମକୁ ଦେବି ବୋଲି ଅନ୍ଧାରରୁ ତରବର ହୋଇ
ତମ ଅପେକ୍ଷାରେ ତୋଳି ଆଣିଥିବା ମେଞ୍ଚାଏ
ଫୁଲକଢ଼ ଧରି ବସିଛି ।

ଅଥଚ, ଅନେକ ବେଳ ହେଲାଣି ସ୍ଥିର ହୋଇ
ଅଟକିଛି ଭୋରବେଳ;
ଗୋଟିଏ ବି କଢ଼ କେହି
ସାମାନ୍ୟ ନାଁ ଧରୁନାହାନ୍ତି
ଫୁଲ ହେବାର ।

ମନେମନେ କହିଗଲି, କୁହ ଏମିତି କାହିଁକି ?
ଦୂରରେ ଥାଇ ତମେ ମୋ ମନର ଶଙ୍କାଟିକୁ
ଶୁଣିନେଲ କି କଣ...
କାନରେ ଶୁଭିଗଲା,
'ଶ୍ୟାମଳିର ଅଭିମାନରେ ଅନ୍ଧ ପରା ମୁଁ,
କାଲି ରାତିରୁ ମୋ ଆଖି ଦ୍ୱୟ ହଜିଗଲା ପରେ,
କିଛି ବି ସାକ୍ଷାତ ହେବାକୁ
ମୋର ଚକ୍ଷୁ ବୋଲି କାହିଁ ?'

♥ ସୁନ୍ଦରୀ, ସୁନହଟ, ବାଲେଶ୍ୱର

## ପ୍ରେମ : ୧୯୪୭ ଅଗଷ୍ଟ ୧୭

**ବିବୁଲ ମହାକୁର**



ତୁମେ ଟାଣିଥିବା ସୀମାରେଖାକୁ
ଥରୁଟିଏ କେବେ ଦେଖିଛ କି ?
ହୁଏତ ଦେଖି ଥାଇପାର ଆକାଶ ପଥରୁ !
କି ଦେଖି ଥାଇପାର ଭାରତ ମାଆର
ଖଣ୍ଡ ବିଖଣ୍ଡିତ ବକ୍ଷ ତଳେ।

କେବେ ଥରେ ତ ନିରେଖି ଥାଆନ୍ତ
କାହା ଅନାବିଳ ହୃଦୟ ମଧ୍ୟେ
ଯିଏ ପ୍ରତିଶ୍ରୁତିର ସୀମା ଡେଇଁ ସାରିଥିଲା
ଏ ସୀମା ନିର୍ଦ୍ଧାରଣ ପୂର୍ବରୁ।

ଯଦି ନିରେଖି ଥାଆନ୍ତ
ନିଶ୍ଚିତ ଦେଖି ଥାଆନ୍ତ
ସରଗୋଧା ମାଟିର
ସେଇ ଶିଖ୍ ତରୁଣର ପ୍ରେମସ୍ରୋତକୁ
ଯିଏ ଧରିଥିଲା ଦିନେ ବିଶ୍ୱାସର ହାତଟିଏ
ହଜିଥିଲା ପ୍ରେମଧର୍ମରେ
ପବିତ୍ର ମୁସଲିମ୍ ତରୁଣୀର।

ଟାଣିଥିଲ ସୀମାରେଖା ଏ ମାଟି ଦେହରେ
ହୁଏତ କ୍ଷମତା ଥିଲା।
କିନ୍ତୁ ଏ କ୍ଷମତା ଦେଲା କିଏ ?
ଆଙ୍କିଦେଲ ଭୌଗୋଳିକ ସୀମା
ରେଡକ୍ଲିଫ୍ ଲାଇନ
କାହା ହୃଦୟର ପ୍ରତିଟି ସ୍ପନ୍ଦନ ରେ ।

ଦେଇଥିଲା ପ୍ରତିଶ୍ରୁତି ଫେରିବ ବୋଲି
ଅନିଶ୍ଚିତତା ମଧ୍ୟେ
ଶରୀର ତ ଡେଇଁ ଥିଲା
ହୃଦୟ ବା କେମିତି ଡେଇଁ ଥାଆନ୍ତା
କେମିତି ସ୍ୱୀକାର କରିଥାଆନ୍ତା
ଏ ନିର୍ଦ୍ଦୟ ନିଷ୍ପତ୍ତିକୁ ?
ଏ ରେଡକ୍ଲିଫ୍ ଲାଇନକୁ ?

ଭାରତୀୟ ସୀମା ମଧ୍ୟେ
ବଞ୍ଚିଥିଲା ଆଶାର ପ୍ରଦୀପଟିଏ ହୋଇ
ପ୍ରତ୍ୟହ ଜଳିଜଳି।

କିନ୍ତୁ ସୀମା ପାର ହୋଇ
ମନ ପ୍ରତ୍ୟହ ଖୋଜୁଥିଲା
ସେ ପାକିସ୍ତାନୀ ନିର୍ମଳ ଗଙ୍ଗାକୁ
ଅବିଭାଜିତ ହିନ୍ଦୁସ୍ଥାନର ପ୍ରତିକୋଣେ
ଅମୀମାଂସିତ କବିତା ମଧ୍ୟେ ।

♥ ଗ୍ରା/ପୋ - ବୁର୍ଡ଼ା
ଥାନା - ଲୋଇସିଂହା
ଜିଲ୍ଲା - ବଲାଙ୍ଗୀର
ମୋ.ନଂ.- ୮୨୪୯୭୦୨୨୫୨

## ଚିଠିରେ ଚିଠିରେ

**ବାବାଜୀ ଚରଣ ଜେନା**



ଚିଠିରେ ଚିଠିରେ ଲେଖି ଅଛ ତମେ
ମନ କଥା ସବୁ ଖୋଲି
ଏ ସନ ପୂଜାକୁ ନ ଆସିଲେ ତମେ
ଯିବିନି କଟକ ବୁଲି
ଚିଠି ପଢି ମଥାମୋ ଯାଉଛି ଘୁରି... ।୦।

ଚାକିରୀ ଯେମିତି ତମେ କରି ଅଛ
ଆଉ କେହି କରି ନାହିଁ
ପିଲା ଛୁଆ କଥା ସବୁ ବୁଝୁଛନ୍ତି
ଟଙ୍କା ଦେଲେ ହେବ ନାହିଁ
ଭୋଦେଇ ଝଡିରେ ଉଜୁଡିଛି କ୍ଷେତ
କୋଠିଆ କହିଲା କାଲି
ବୁଲି ବୁଲି ସବୁ ଦେଖିଲି ମୁଁ କ୍ଷେତ
ଖାଇଛି ଉପର ଓଳି
ଏଠି ଦିନ ବିତେ ମୋର ଲୁହ ଢାଳି ... ।୧।

ସବୁବେଳେ ଏଠି ବିଜୁଳି ରହୁନି
କିରୋସିନି ମିଳୁ ନାହିଁ
ଅନ୍ଧାରେ ସିନା ମୁଁ ରହି ଯିବି ଏକା
ପିଲା ତ ବୁଝନ୍ତି ନାହିଁ
ବାପାଙ୍କ ଚଷମା ସଜ କରି ବାକୁ
ବଜାରକୁ ଯାଇ ଥିଲି
ବୋଉଙ୍କର ରକ୍ତ ଚାପ ବଟିକାକୁ
ଆଣିବାକୁ ଭୁଲି ଗଲି
ଡର ଲାଗେ କହିଦେବେ କିଛି ବୋଲି... ।୨।

♥ ଅହଲ୍ୟା ନିବାସ, ପୋପରଡା, ନୂଆବଜାର କଟକ-୪
(ମୋ) ୯୪୩୭୮୩୪୭୧୯

## ଚିତ୍ରପଟ

**ଶୁଭସ୍ମିତା ତ୍ରିପାଠୀ**



ତତେ ମୋ ପ୍ରିୟ ବହିର
ମଝି ପୃଷ୍ଠାରେ
ଲୁଚେଇ ସାଇତି ପାରିବିନି କେବେ,
ଗୋଲାପ କହିଲେ ତତେ
ତୁ ବାସ୍ନା ହେଇ ଦୋଳି ଖେଳିବୁ ପବନରେ,
ଧୂପ କହିଲେ ବ୍ୟାପିଯିବୁ ଆକାଶ,
ମାଟି କହିଲେ ମାପିନେବୁ ନଈକୂଳିଆ ସଞ୍ଜ,
ତତେ ନୀଳରଙ୍ଗର ମିଛ କରି
ଆଖିରେ ବସେଇଲେ
ତୁ ସତ ହେଇ ଝରିଯିବୁ ପକ୍ଷୀଙ୍କ ଗୀତରେ,
ଉଡିଯିବୁ କାହିଁ କେତେ ଦୂର
ନଚେତ ଅଜଣା ଗୀତର ଧୂନ୍ ହେଇ
ବାଜୁଥିବୁ କେଉଁ ନୂଆଁ ସଜା ଗିଟାରର
ପର୍ପଲ ଦେହରେ ।

ତତେ ତୁଳୀ ଧରି ଆଙ୍କିଲେ
ରଙ୍ଗ ନିଅଣ୍ଟ ହେବ ମୋ ଲାଗି,
ମୋ ପୃଥିବୀରେ ବି ଅନେକ ରଙ୍ଗ, ଅଥଚ
ତୁ ହେବୁନି କେଉଁ ରଙ୍ଗର
ଯେଉଁ ଲୁହ ଟୋପାକର ରଙ୍ଗ ନାହିଁ କିଛି
ତୁ ସେଇଠି ହିଁ ଉତ୍ତରିବୁ ଗୋପନରେ
ଜାଣେ,
ତତେ ପ୍ରାର୍ଥନାରେ ମାଗିଲେ ଗଡିଯିବ ବେଳ,
ଦୂର ଦେଉଳର ଦଧିନଉତିରୁ
ମୋ ମାଗିଲାପଣ ସବୁ
ଉଡିଯିବେ ଧଳାପାରା ହେଇ, ତା'ପରେ
ମିଶିଯିବେ ବିଜୁଳିର ସୁନେଲି ଦରଜେ,
ତୁ ମାଗିବାରେ ନଥିବୁ
ତତେ ଦୂରତାରେ ହିଁ ଭୋଗିହେବ
ଅବେଳରେ !

ମୁଁ ପାଣି ବାହାରର ମାଛ,
ଛାଡି ଆସିଛି ପାଣି,
ଜାଲ ଆଉ ଭଉଁରୀର ମୋହ
ତତେ କୂଳ ଦେଖେଇବି,
ଶୁଣେଇବି ବୋଲି ଛାତି ତଳର ଗୀତ
ରାତିକର ଜହ୍ନ ଆଲୁଅରେ,

ତୁ ଆକାଶ ହେଇ ପକ୍ଷୀବସା ଖୋଜୁ,
ମୁଁ ସାଉଁଟି ବସେ ନଈକୂଳ ଚୋରାବାଲି,
କେଉଁ କୁଟାକାଠି ଗଢ଼ା ପୃଥିବୀରେ ତୋ
ମୋ ପାଇଁ ଜାଗା ନାହିଁ ବୋଲି
ମୁଁ ଦୁଇ କବିତା ଧାଡି ଫାଙ୍କରେ
ନିଜ ପାଇଁ ଜାଗା ଟିକେ ଖୋଜିପାରେ !

ତୁ ବାଉଁଶ ଗୀତ ହଉ, ମୁଁ ଝିଙ୍କାରୀର ସ୍ୱର
ଟୋପାଏ ରାତିର କାକରରେ ମୁଁ
ଭିଜୁଥିବା ଦେହ, କେଉଁ ଆକାଶ ରଙ୍ଗର
ଛଳନାରେ ଭିଜୁଥିବା ମୁହଁ ।

ତତେ ପାଇବାର ଇଚ୍ଛା ସବୁକୁ
ଫିଙ୍ଗିଦେଲେ ହିଁ
ମୁଁ ପାଦକରେ ନିଆଁ
ଆଉ ଆର ପାଦେ ହିମ ଧରି
କାଗଜରେ ତାରା ହେଇ ମିଞ୍ଜିମିଞ୍ଜି ଜଳେ !

♥ ବ୍ରହ୍ମପୁର, ଗଞ୍ଜାମ

## ପାଉଁଜିର ପାଣ୍ଡୁଲିପି-୩୩

**ବିପିନ ମହାନ୍ତି**

### ନହୁଲୀ ବଧୂର ପହିଲି ପାଉଁଜି



ନହୁଲୀ ବଧୂର ପହିଲି ପାଉଁଜି ଛମଛମ ତୋଳେ ନାଦ
ସହେଲି ସାଥିରେ ତୁଠ ପଥରରେ ନିଠେଇ ମାଜୁଛି ପାଦ
ବଧୂଲି ଓଠେ ତା' ହସର ଜୁଆର ନଇ ଗଣେ ପରମାଦ
ତନୁ ତୀର୍ଥରେ ତା' ରୂପର ଫୁଆରା ତାରୁଣ୍ୟ ତୂର୍ଯ୍ୟନାଦ।

ଅପଘନ କା'ର ଜହ୍ନ ଜୋଛନାରେ ପହଁରଇ ନଇତୁଠେ
ଅଶରୀର କେଉଁ ମୁକୁଳା କେଶରୁ ମଲ୍ଲୀର ମହକ ଛୁଟେ
କେତେଦିନ ଅବା ତୁଠ ପଥରଟା ସହିଥାନ୍ତା ଅଦଉତି
ଭରା ଯଉବନ ଭାରା ବହିବହି ପାଷାଣ କରନ୍ତା ଛାତି।

କାମିନୀ କାଞ୍ଚନ ମନକୁ ଯାମିନୀ ଧୀରେଧୀରେ କରି ଗ୍ରାସେ
ଶିଉଳିଲଗା ସେ ତୁଠ ପଥରରେ ଅଜାଣତେ ପାଦ ଖସେ।
ଭିଜା ବସନଟା ନିର୍ବିବନ୍ଧ ଡେଇଁ ରମ୍ୟ କୋଣାରକେ ହଜେ
ନିଶୂନ ନିଶିଥେ ନଟନଟୀ କଟି ଶିଞ୍ଜୀର ପରଶ ଖୋଜେ।

ପ୍ରେମର ଲକ୍ଷଣ ବଡ଼ ବିଲକ୍ଷଣ ଇଏ ବୟସର ଦୋଷ
ଅୟସ ନୁହେଁ ଲୋ' ବୟସ ମାଗୁଛି ଯୌବନର କାରାବାସ।

♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

## କହି ହେଇନାହିଁ ଯାହା...(୧୩)

**ସୈରିନ୍ଧ୍ରୀ ସାହୁ**



ତମେ କହିଥିଲ ପ୍ରେମର ରଂଗ
ଫିକା ହେବନାହିଁ କେବେହେଲେ
ବସା ବାନ୍ଧିବାକୁ କଥା ଦେଇଥିଲ
ନିରୋଳା ବନର ମନ ଡାଳେ
ନିଦର ଶେଯରେ ସପନ ଦୋଳିରେ
ସବୁ ଅଛି କିନ୍ତୁ ତମେ ନାହିଁ
ଗପ ନୁହେଁ ଏବେ ଗୀତ ମୁଁ ଲେଖୁଛି
ଢୋକିଦେଇ ସବୁ ଲୁହ କୋହ। ♥

## ସାବନି ରଙ୍ଗର ଝିଅ

**ସ୍ନିଗ୍ଧା ପଣ୍ଡା**



ଯେତେବେଳେ ଘନ ସାବନି ରଙ୍ଗର ଅଝଟ ଝିଅଟେ ରୁଷେ
ଆକାଶ ଛାତିର କୋହ ଭିଜା କିଛି ସ୍ମୃତି ବର୍ଷା ହେଇ ଖସେ
କଳାକବରୀରେ ମେଘର ଓଢଣା ବାନ୍ଧି ଥିଲା ଯତନରେ
ଫିଟେଇଦେଲାଣି ଚପଳ ଚଞ୍ଚଳ ପବନ ତା' ଦୁଷ୍ଟାମିରେ

ସୁନା ଫଳେଇବା ପାଇଁ ମାଟି କୋଳେ ଟୋପାଟୋପା ରୂପା ଖସେ
ଫୁଲେଇ ବସିଚି ମୁହଁକୁ ଝୁଲେଇ ଚିଡେଇ ବିଜୁଳି ହସେ
ଆଲୁଅରେ ପୁଣି ଝଲସି ଉଠଇ ଗୋପନ ତା' ଅଭିମାନ
ଆକାଶରୁ ମେଘ ଓହ୍ଲେଇ ସେଇଠି ଖୋଜୁଥାଏ ପିଲାଦିନ

ଛାତିରୁ ଉତୁରି କୋହଯାକ ତା'ର ଆଖିରୁ ଛିଟିକି ଆସେ
ଭିଜା ମାଟି ସାଙ୍ଗେ କେତେ ମହମହ ସାରା ସଂସାରଟା ବାସେ
ତତଲା ବୁକୁରୁ ଧୂଆଁ ପୋଛିଦେଇ ଭାବେ ଫେରିଯିବ ଘରେ
ଓଦା ସରସର କାଗଜ ଡଙ୍ଗା କି ଦୂରଦେଶେ ଯାଇପାରେ

ସାବନି ଝିଅକୁ ବେଶି ବେଳ କୋଉ ଏମିତିରେ ରୁଷି ଆସେ
ପାଣି ଆଞ୍ଜୁଳାରେ ନିରେଖି ନିଜର ମୁହଁକୁ ଅନେଇ ହସେ

♥ ଲହଣ୍ଡା , ବରଗଡ

# ପାଠକର ସକ୍ରିୟ ଅଂଶଗ୍ରହଣ ସାହିତ୍ୟକୁ ଏକ ସାମାଜିକ ଶକ୍ତିରେ ପରିଣତ କରେ : ପ୍ରଭାତ କୁମାର ମିଶ୍ର

**ପ୍ରଭାତ କୁମାର ମିଶ୍ର** ସାଂପ୍ରତିକ ଓଡିଆ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ସେ ଏକାଧାରରେ ଜଣେ କବି, ନାଟ୍ୟକାର, ଆଲୋଚକ ଓ ଦକ୍ଷସଂଗଠକ । ନିଜ ଲେଖାମାନଙ୍କରେ ସମାଜର ସ୍ୱଷ୍ଟ ଓ ସଫଳ ଚିତ୍ର ଆଙ୍କି ସେ ତିଆରି କରିଛନ୍ତି ନିଜ ସୃଜନର ବଳୟ । ବୋଉଙ୍କ ମୁହଁରୁ ଶୁଣିଥିବା 'ବାଘ-ବଉଳାଗୀତ'ର କରୁଣ ସ୍ୱର ତାଙ୍କ ଭିତରେ ତିଆରି କରିଥିଲା ଯେଉଁ ସମ୍ବେଦନଶୀଳ ଅଭିରୁଚି ତାହାହିଁ ତାଙ୍କ ଚେତନଶୀଳ ହୃଦୟର ଝର୍କା ଖୋଲିବାରେ ହୋଇଥିଲା ସମର୍ଥ। "ମୋର ଇଚ୍ଛା, ସାହିତ୍ୟ ପାଠକଙ୍କୁ କୌଣସି ପ୍ରସ୍ତୁତ ଉତ୍ତର ଦେବା ପରିବର୍ତ୍ତେ ତାଙ୍କ ଭିତରେ ଏକ ମାନବୀୟ ପ୍ରଶ୍ନ ଜାଗ୍ରତ କରୁ" ବୋଲି କହୁଥିବା ଏହି ଲେଖକଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



**■ ଅଳ୍ପରେ ପ୍ରଭାତ କୁମାର ମିଶ୍ର**



ଜନ୍ମ- ୧୫-୦୪-୧୯୭୫
ପିତା - ଶ୍ରୀଯୁକ୍ତ ଦିବାକର ମିଶ୍ର
ମା'- ନିଶାମଣି ଦେବୀ
ଜନ୍ମସ୍ଥାନ- ନୟାଗଡ
ଠିକଣା - ଅସ୍ତ ଅରଣ୍ୟ, ନୟାଗଡ ମହିଳାମହାବିଦ୍ୟାଳୟ ପଛ, ନୟାଗଡ
(ମୋ) ୯୯୩୮୭୮୨୨୬୫

**ପ୍ରକାଶିତ ପୁସ୍ତକ** (କବିତା) ପ୍ରହରୀ, ଭାବବିନ୍ଦୁ, ତନୁତୃଣ
(ଗଳ୍ପ) କୁହୁ କୁହୁ- ଉହୁଃ ଉହୁଃ, ମାତ୍ର ବିଚ୍ଛେଦ, ରତ୍ନରାଗ
(ସମାଲୋଚନା) ଛୁଞ୍ଚି ଓ ମାଛି
(ଲଳିତ ନିବନ୍ଧ) ଚିତ୍ର ବିଚିତ୍ର
(ପ୍ରବନ୍ଧ) ବିପୁଳାଚ ପୃଥ୍ୱୀ
(ନାଟକ) ବେକାର, ରୁଦ୍ଧଦ୍ୱାର, ଜୀବନ ସଉଦା, କଅଁଳ କଢିର ସ୍ୱପ୍ନ, ଟୋପେ ଅମୃତ, ଗାନ୍ଧୀ ଉବାଚ, ମୌନ ଭିକ୍ଷା ଇତ୍ୟାଦି...

**■ ସାହିତ୍ୟ ପ୍ରତି ଆକୃଷ୍ଟ ହେଲେ କେମିତି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?**

■■ ସାହିତ୍ୟକୁ 'ସାହିତ୍ୟ' ବୋଲି ଭାବିବା ବା ଜାଣିବା ପୂର୍ବରୁ ହିଁ ସାହିତ୍ୟ ମୋର ସହଜାତ, ଆଜି ପଛକୁ ଫେରି ଚାହିଁଲେ ଏହି ଧାରଣାଟି ମୋ ଭିତରେ ଦୃଢ଼ତର ହୋଇଉଠୁଛି । ସାହିତ୍ୟ ପ୍ରତି ମୋର ଆକର୍ଷଣ କୌଣସି ନିର୍ଦ୍ଦିଷ୍ଟ ଦିନର ଘଟଣା ନୁହେଁ; ବରଂ ମୋ ଶୈଶବର ଅନେକ ଅନୁଭବ, ଶୁଣିଥିବା କାହାଣୀ, ଗୀତ ଓ ଲୋକଜୀବନର ଛବି ମିଶି ଧୀରେ ଧୀରେ ମୋ ଭିତରେ ଜଣେ ଭାବୁକ ମଣିଷକୁ ଗଢ଼ି ତୋଳିଥିଲା ବୋଲି ମୁଁ କହି ପାରିବି । ମୋର ସୃଜନଶୀଳତାର ଆଦିଗୁରୁର ଶ୍ରେୟ ମୁଁ ନିଶ୍ଚିତ ଭାବରେ ମୋ ବୋଉଙ୍କୁ ଦେବାକୁ ଚାହିଁବି। ରାତିରେ ଶୋଇବା ବେଳେ ବୋଉ(ମାଆ)ଙ୍କ ମୁହଁରୁ ଶୁଣିଥିବା 'ବାଘ-ବଉଳାଗୀତ'ର କରୁଣ ସ୍ୱର ମୋ ଭିତରେ ହୁଏତ ପ୍ରଥମଥର ପାଇଁ ଏକ ସମ୍ବେଦନଶୀଳ ଅଭିରୁଚି ସୃଷ୍ଟି କରିଥିଲା। ସେହି ସ୍ୱରରେ ଥିବା ବିଷାଦ, ଲୋକଜୀବନର ଅନୁଭବ ଓ ଅନୁଚ୍ଚାରିତ ଯନ୍ତ୍ରଣା ମୋ ଅବଚେତନରେ କେତେ ଗଭୀର ଛାପ ପକାଇଥିଲା, ତାହା ସେତେବେଳେ ଅବଶ୍ୟ ବୁଝିପାରି ନଥିଲି, ଏବେକୁ ଭାବୁଛି । ତା' ସହିତ ମୋ ନନା-ବୋଉ ମୋତେ ରାମାୟଣ, ମହାଭାରତ, ଶିବପୁରାଣ ଏବଂ ଅନେକ ଲୋକକାହାଣୀ, ଓଷା-ବ୍ରତରେ ବର୍ଣ୍ଣିତ ତତ୍କାଳୀନ ଜନଜୀବନ ଓ ତାହାର ଆଦର୍ଶ ସହ ପରିଚିତ କରାଇଥିଲେ। ସେଗୁଡ଼ିକ ମୋ ପାଇଁ କେବଳ କାହାଣୀ ନଥିଲା; ଥିଲା ଜୀବନକୁ ଦେଖିବାର ପ୍ରଥମ ପାଠ। ସେଇ ଅବୋଧ ବୟସରେ କେବେ ଦର୍ଶକ, କେବେ ଶ୍ରୋତା, କେବେ କଥନକଳାର ଅସ୍ୱଷ୍ଟ ଭାଷ୍ୟକାର ହେଉ ହେଉ, ମୋ ଅଲକ୍ଷ୍ୟରେ ମୁଁ ନିଜ ଭିତରେ ଜଣେ ନିରବ ଭାବୁକ ହୋଇପଡ଼ିଥିଲି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢ଼ିବା ବେଳେ 'ଜହ୍ନମୁଖା' ନାମରେ ଏକ ନାଟକ ଲେଖିବାକୁ ଉଦ୍ୟମ କରିଥିଲି, ଆଜି ମଧ୍ୟ ସେ ସ୍ମୃତି ମୋ ମନରେ ଜାଗରିତ ହୋଇଉଠେ । ପୁରାଣରୁ ଶୁଣିଥିବା କାହାଣୀଗୁଡ଼ିକୁ ନିଜ ଢଙ୍ଗରେ କବିତାର ରୂପ ଦେବାର ପ୍ରୟାସ ମଧ୍ୟ ସେଇ ଆଦ୍ୟ କୈଶୋରରୁ ଆରମ୍ଭ ହୋଇଥିଲା। ୧୯୮୭ ବେଳକୁ ମୋ କବିତା ଖାତାରେ ଯେଉଁ କବିତାଗୁଡ଼ିକ ବିକଶିତ ହେଉଥିଲେ, ତାହାକୁ ମୁଁ ଆଜିର ଦିନରେ ଶିଶୁ ସାହିତ୍ୟ ବୋଲି ଦାବି କରିପାରିବି ନାହିଁ। ବରଂ ମୋ ଭାବନା ମୋତେ ସବୁବେଳେ ମୋ ବୟସଠାରୁ ଅଧିକ ପରିପକ୍ୱ କରିବାକୁ ଏକପ୍ରକାର ବାଧ କରୁଥିଲା। ପିଲାବେଳେ ଯେତେବେଳେ ମୁଁ ମୋ କବିତା ସହ ଶ୍ରେଣୀରେ ଧରାପଡ଼ିଥିଲି, ସେତେବେଳେ ଅନ୍ୟମାନଙ୍କ ଦୃଷ୍ଟିରେ ବିଶ୍ୱସନୀୟ ହୋଇପାରିନଥିଲି। ସେହି ଦୁଃଖ ହୁଏତ ମୋତେ ନିଜକୁ ଓ ନିଜ ସର୍ଜନକଳାକୁ ଅଧିକ ପ୍ରାମାଣିକ କରିବା ପାଇଁ ହୁଏତ ଭିତରୁ ପ୍ରେରିତ କରିଥିଲା। ତେଣୁ ଆଜି ଲାଗେ, ମୁଁ ସାହିତ୍ୟକୁ ଖୋଜି ନଥିଲି; ସାହିତ୍ୟ ହିଁ ହୁଏତ ଧୀରେ ଧୀରେ ମୋ ଭିତରେ ନିଜର ଏକ ଆସନ ତିଆରି କରୁଥିଲା।

**■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ମୋ ସୃଜନଶୀଳତାର ଆଦିଗୁରୁ ଭାବେ ମୁଁ ପ୍ରଥମେ ମୋ ବୋଉଙ୍କୁ ସ୍ମରଣ କରିବି କିନ୍ତୁ ମୋର କବିଜୀବନର ଆଦ୍ୟଗୁରୁ ଏବଂ ସାରସ୍ୱତ ଜୀବନର ପ୍ରଥମ ପ୍ରେରଣା ଭାବେ ମୁଁ ବିଶିଷ୍ଟ ସାହିତ୍ୟିକ ତଥା ବରିଷ୍ଠ କବି-ନାଟ୍ୟକାର ସ୍ୱର୍ଗତ ହରିହର ମିଶ୍ରଙ୍କୁ ସଦା ସ୍ମରଣ କରିବି। ୧୯୮୪ ବେଳକୁ ଆମ ସହରରେ 'ଆଞ୍ଚଳିକ ସାହିତ୍ୟ ସମାଜ' ନାମରେ ଏକ ସାହିତ୍ୟିକ ଅନୁଷ୍ଠାନ ଗଢ଼ିଉଠିଥିଲା। ସ୍ଥାନୀୟ କବି ଓ ସାହିତ୍ୟିକମାନେ ସେଠାରେ ପ୍ରତି ମାସରେ କବିତା ଆସର ଜମାଉଥିଲେ। ଅନୁଷ୍ଠାନର ସଭାପତି ଥିଲେ ବରିଷ୍ଠ କବି ଓ ନାଟ୍ୟକାର ସ୍ୱର୍ଗତ ହରିହର ମିଶ୍ର ଏବଂ ସମ୍ପାଦକ ଥିଲେ ପ୍ରଧାପକ ଅନ୍ନଦା ପ୍ରସାଦ ମିଶ୍ର। ୧୯୮୭ର ଏକ ଫଗୁଣ ସନ୍ଧ୍ୟା। ଜଣେ ବନ୍ଧୁଙ୍କଠାରୁ ଖବର ପାଇ ମୋ କବିତା ଖାତା ସହ ସେଠାରେ ପହଞ୍ଚି ସମସ୍ତଙ୍କ ସାମ୍ନାରେ କବିତା ପାଠ କରିବା ମୋତେ ହୁଏତ ଏକ ନିଶ୍ଚିତ ତଥା ଦାୟିତ୍ୱପୂର୍ଣ୍ଣ ଭବିଷ୍ୟତ ଦେଇଥିଲା ବୋଲି ସ୍ୱୀକାର କରୁଛି । ଆଜି ପଛକୁ ଚାହିଁଲେ ସେହି ଦିନଟିକୁ ମୋ ସାହିତ୍ୟଜୀବନର ଅୟମାରମ୍ଭର ଏକ ଶୁଭ ମୁହୂର୍ତ୍ତ ବୋଲି ବି କହିପାରିବି। କବି ହରିହର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ସେଦିନ ମୋତେ ମୋ କବିତା ଥରେ ନୁହେଁ, ତିନିଥର ଆବୃତ୍ତି କରି ଶୁଣାଇବାକୁ ପଡ଼ିଥିଲା। ତା'ପରେ ମୋ କବିତାର ସମୀକ୍ଷା କଲାବେଳେ ମୋ ଭାବନାର ବାହାରେ ଓ ଭିତରେ ଏତେ ଅର୍ଥବୋଧ ରହିପାରେ—ଏହା ମୋତେ ଏକାଧାରରେ ଆଶ୍ଚର୍ଯ୍ୟଚକିତ ଓ ପୁଲକିତ କରିଥିଲା। ସେହି ଦିନଠାରୁ ହରିହର ମିଶ୍ର ମୋ କବିଜୀବନର ଆଦ୍ୟଗୁରୁ। ସେ ହିଁ ମୋ ସାରସ୍ୱତ ଜୀବନର ପ୍ରଥମ ବଡ଼ ପ୍ରେରଣା। ପରବର୍ତ୍ତୀ କଲେଜ ଜୀବନରେ ବରିଷ୍ଠ କବି ଡ. ବଂଶୀଧର ଷଡ଼ଙ୍ଗୀ ଓ କବି ଡ. ଦିଲୀପ ଦାସଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ମିଳିଥିଲା। ମୋର ଶିକ୍ଷା ଗୁରୁ ଭାବରେ ରେଭେନ୍ସାରେ ପଢ଼ିଲାବେଳେ ମୁଁ ପାଇଛି ସ୍ୱର୍ଗତ ନାଟ୍ୟକାର ରତ୍ନାକର ଚଇନିଙ୍କୁ, ବିଶିଷ୍ଟ ସମାଲୋଚକ ସ୍ୱର୍ଗତ ଡ. କପିଳେଶ୍ୱର ଗାହାଣଙ୍କୁ, ବରିଷ୍ଠ ଆଲୋଚକ ଡ. ନଟବର ଶତପଥୀ ଓ ବିଶିଷ୍ଟ କବି ଡ. ହୃଷିକେଶ ମଲ୍ଲିକଙ୍କୁ । ସେମାନଙ୍କ ଅମାୟିକ ସ୍ନେହ, ସାହିତ୍ୟବୋଧ ଓ କବିତ୍ୱକୁ ମୁଁ ମୋ ମର୍ମେ ମର୍ମେ ଖୁବ୍ ନିଭାଇଛି। ମୋ ସହର ନୟାଗଡ଼ ଯେ ଏକ ଐତିହ୍ୟ ପୂର୍ଣ୍ଣ ସହର କହିବା ବି ଅତ୍ୟୁକ୍ତି ହେବ । ଏ ମାଟି ଉପେନ୍ଦ୍ର ଭଞ୍ଜ, ଯଦୁମଣି ମହାପାତ୍ର, ଭକ୍ତଚରଣ ଦାସ, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ଓ ପଠାଣି ସାମନ୍ତଙ୍କ ପରି ଜ୍ଞାନୀ-ଗୁଣୀମାନଙ୍କର ପବିତ୍ର ତୀର୍ଥ ସ୍ଥଳ । ଏ ଅଞ୍ଚଳର ବାୟୁତରଙ୍ଗରେ ସେମାନଙ୍କ କୀର୍ତ୍ତି ଓ ଗୁଣବତ୍ତା ଏବେବି ପ୍ରବାହିତ । ତେଣୁ ମୋର ସାରସ୍ୱତ ଯାତ୍ରା ଜଣେ ମାତ୍ର ଗୁରୁଙ୍କ ଦାନ ନୁହେଁ; ଅନେକ ଆଲୋକିତ ମଣିଷଙ୍କ ସ୍ନେହ, ସଂସ୍ପର୍ଶ, ପ୍ରେରଣା ଓ ଆଦର୍ଶରେ ଯେ ପ୍ରଭାବିତ କହିଲେ ସତ୍ୟର ଅପଳାପ ହେବନାହିଁ ।

**■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବୃତ୍ତି ଓ ପରିବାର କେମିତି ପ୍ରୋତ୍ସାହିତ କରନ୍ତି ଆପଣଙ୍କ ଲେଖକୀୟ ଜୀବନକୁ ?**

■■ ସାହିତ୍ୟ ଜଗତରେ ମୋର ପ୍ରଥମ ପ୍ରବେଶ କୌଣସି ଆନୁଷ୍ଠାନିକ ଘୋଷଣା ଭଳି ନଥିଲା; ଏହା ବରଂ ଥିଲା ଏକ ଆଶ୍ଚର୍ଯ୍ୟତମ ନିୟତି । କିନ୍ତୁ ଆଜି ମନେହୁଏ, ସେହି ଅପ୍ରସ୍ତୁତ ଉପସ୍ଥିତି ହିଁ ମୋ ଜୀବନର ଏକ ବଡ଼ ସୌଭାଗ୍ୟ ଥିଲା। ୧୯୮୭ର ସେହି ଫଗୁଣ ସନ୍ଧ୍ୟାରେ 'ଆଞ୍ଚଳିକ ସାହିତ୍ୟ ସମାଜ'ର କବିତା ଆସରରେ ପ୍ରଥମଥର ବୟୋଜ୍ୟେଷ୍ଠ ସାହିତ୍ୟିକମାନଙ୍କ ସାମ୍ନା କରିଥିଲି। ହାତରେ ଥିଲା ମୋର କବିତା ଖାତା, ମନରେ ଥିଲା ଅଜଣା ଆଶଙ୍କା ଓ ଉତ୍ସାହ। କବିତା ପାଠପରେ ତାହାର ଅର୍ଥ ଓ ଭାବସମ୍ଭାବନା ଉପରେ ଆଲୋଚନା ଶୁଣିବାପରେ, ସେହି ଦିନ ମୋତେ ଲାଗିଥିଲା ମୋ ଭିତରେ ଯାହା ଏପର୍ଯ୍ୟନ୍ତ ଅସ୍ୱଷ୍ଟ ଥିଲା, ସାହିତ୍ୟ ତାହାକୁ ଏକ ନାମ ଓ ଏକ ଦିଗ ଦେଉଛି। ବୃତ୍ତିଜୀବନ ଓ ପରିବାର ମୋ ଲେଖକୀୟ ଜୀବନକୁ ନିଜ ନିଜ ଭାବରେ ପ୍ରଭାବିତ କରିଛନ୍ତି। ବୃତ୍ତି ମୋର ଶିକ୍ଷକତା, ଓଡ଼ିଆ ଭାଷା ଓ ସାହିତ୍ୟରେ; ଯାହା ମୋତେ ଜୀବନର ବାସ୍ତବତା ସହିତ ନିରନ୍ତର ସାକ୍ଷାତ କରାଇଛି; ମଣିଷ, ସମାଜ, ସମ୍ପର୍କ, ଅଭାବ-ଅସୁବିଧା, ସଂଘର୍ଷ ଓ ସ୍ୱପ୍ନକୁ ନିକଟରୁ ଦେଖିବାର ସୁଯୋଗ ଦେଇଛି। ଜଣେ ଲେଖକ ପାଇଁ ଏସବୁ ହିଁ ତ ଜୀବନର ପ୍ରଥମ ପାଠ୍ୟପୁସ୍ତକ। ଆଉ ପରିବାର—ସେ ମୋ ପାଇଁ ସବୁବେଳେ ଏକ ନିରବ ଆଶ୍ରୟ। କିଛି ଦୁଃଖ ହୁଏତ ଜୀବନର ଚରମ ପ୍ରାପ୍ତି ହୋଇ ଆସେ । ସଂଘର୍ଷକୁ ସବୁ ମଣିଷ ନିଜ ଇଚ୍ଛାରେ ଓହ୍ଲାନ୍ତି, ନିଜ ସାମର୍ଥ୍ୟ ଓ ପ୍ରସ୍ଥିତି ତାଙ୍କୁ ଲହୁ-ଲୁହାଣ କରେ କେବେ ମହୁ ମୁହାଣ କରେ । ଲେଖକଟିଏର ସବୁବେଳେ ବାହ୍ୟ ପ୍ରଶଂସା ଦରକାର ହୁଏନାହିଁ; ତା'ର ଦରକାର ହୁଏ ଏମିତି ଏକ ପରିବେଶ, ଯେଉଁଠି ସେ ନିଜ ସହିତ କିଛି ସମୟ କଥା ହୋଇପାରିବ। ନିଜଦୁନିଆଠୁ ନିଜକୁ ଭିନ୍ନ କରିବା ଏତେ ବି ସହଜ ହୋଇନଥାଏ । ତଥାପି ମୋ ପରିବାରର ସ୍ନେହ, ସହଯୋଗ ଓ ବୁଝାମଣା ମୋତେ ଅଧିକ କର୍ତ୍ତବ୍ୟନିଷ୍ଠ କରିପାରିଛି । ମୋର ମତରେ, ଜଣେ ଲେଖକର ସର୍ଜନଶୀଳ ଜୀବନ କେବଳ ତା'ର ଏକାକୀ ପ୍ରୟାସର ଫଳ ନୁହେଁ। ତା' ପଛରେ ଥାଏ ପରିବାରର ନିରବ ସମର୍ଥନ, ବୃତ୍ତିଜୀବନର ଅନୁଭବ, ଗୁରୁଜନଙ୍କ ଆଶୀର୍ବାଦ ଏବଂ ସବୁଠାରୁ ବଡ଼ କଥା-ଜୀବନକୁ ଗଭୀର ଭାବରେ ଦେଖିବାର ଅନ୍ତର୍ଦୃଷ୍ଟି। ସେହି ଅର୍ଥରେ ମୋର ସାହିତ୍ୟଯାତ୍ରା କେବଳ ଲେଖିବାର ଯାତ୍ରା ନୁହେଁ; ଏହା ଜୀବନକୁ ପଢ଼ିବା, ମଣିଷକୁ ବୁଝିବା ଏବଂ ନିଜ ଭିତରର ନିରବ ଭାବୁକ ସହିତ ନିରନ୍ତର ସଂଳାପ କରିବାର ଏକ ଦୀର୍ଘ ଯାତ୍ରା।

**■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ?**

■■ ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ନେଇ ମୁଁ ଆଶାବାଦୀ, କିନ୍ତୁ ଏହି ଆଶା କେବଳ ପରମ୍ପରାର ଗୌରବ ଉପରେ ନିର୍ଭରଶୀଳ ନୁହେଁ। ଏକ ଭାଷାର ସାହିତ୍ୟ ସେତେବେଳେ ଜୀବନ୍ତ ରହେ, ଯେତେବେଳେ ସେ ନିଜ ସମୟର ଜଟିଳତା, ମଣିଷର ଅନ୍ତର୍ଦ୍ୱନ୍ଦ୍ୱ ଓ ସମାଜର ପରିବର୍ତ୍ତନକୁ ସୃଜନଶୀଳ ଭାବରେ ଧାରଣ କରିପାରେ। ମୋ ମତରେ, ଆଜିର ସାହିତ୍ୟର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି - ଶୈଳୀର ଚମକଠାରୁ ବିଷୟବସ୍ତୁର ଗଭୀରତାକୁ ଅଧିକ ଗୁରୁତ୍ୱ ଦେବା। ଭାଷାର ନୂତନ ପରୀକ୍ଷା, ଚିତ୍ରକଳ୍ପ ଓ ଅଭିନବ ଗଠନ ନିଶ୍ଚୟ ଦରକାର; କିନ୍ତୁ ସେଗୁଡ଼ିକ ଯଦି ଜୀବନର ମୂଳ ପ୍ରଶ୍ନଠାରୁ ବିଚ୍ଛିନ୍ନ ହୋଇଯାଏ, ତେବେ ସାହିତ୍ୟ କେବଳ ଏକ ନୈପୁଣ୍ୟର ପ୍ରଦର୍ଶନୀ ହୋଇପଡ଼ିବ। ମୋର କବିତାଗ୍ରନ୍ଥ 'ପ୍ରହରୀ'କୁ ମୁଁ ମାନବବାଦ ଓ ପୃଥିବୀବାସୀଙ୍କ ପ୍ରତି ଲେଖକୀୟ ଦାୟିତ୍ୱର ଏକ ମାଧ୍ୟମିକ ରୂପ ବୋଲି ଭାବେ। ମୋର ଗଳ୍ପ, ନାଟକ ଓ ନିବନ୍ଧଗୁଡ଼ିକରେ ମଧ୍ୟ ମଣିଷ, ସମାଜ ଓ ତାହାର ନୈତିକ ପ୍ରଶ୍ନଗୁଡ଼ିକୁ ନେଇ ଏହି ଚିନ୍ତା ଓ ଅନୁଭବ କରାଯାଇପାରେ। ସାହିତ୍ୟକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଲେଖକଙ୍କୁ ପ୍ରଥମେ ନିଜର ଲେଖକୀୟ ଅହଂକାରରୁ ବାହାରି ଆସିବାକୁ ହେବ। ସାହିତ୍ୟ କେବଳ ସାହିତ୍ୟିକମାନଙ୍କ ମଧ୍ୟରେ ପରିଚାଳିତ ହେଲେ ତାହାର ସାମାଜିକ ଭୂମିକା ସୀମିତ ହୋଇଯାଏ। ଲେଖକ, ପାଠକ ଓ ସମାଜ ମଧ୍ୟରେ ଏକ ସଜୀବ ସମ୍ପର୍କ ଗଢ଼ିଉଠିବା ଦରକାର। ଏହି ଉଦ୍ଦେଶ୍ୟରେ ୧୯୯୪ ମସିହାରେ ମୋ ସହରରେ 'ନୟାଗଡ଼ ଜିଲ୍ଲା ଲେଖକ ପରିଷଦ' ଗଠନ ଏବଂ ୨୦୧୦ ମସିହାରେ 'ନିଖିଳ ଓଡ଼ିଆ ପାଠକ ମଞ୍ଚ' ପ୍ରତିଷ୍ଠା ମୋ ପାଇଁ କେବଳ ସଂଗଠନ ଗଢ଼ିବାର ପ୍ରୟାସ ନୁହେଁ; ଏହା ଲେଖକ ଓ ପାଠକଙ୍କ ମଧ୍ୟରେ ସାହିତ୍ୟିକ ସମନ୍ୱୟ ସୃଷ୍ଟି କରିବାର ଏକ ଦୀର୍ଘମିଆଦୀ ଉଦ୍ୟମ। ମୋର ବିଶ୍ୱାସ, ସାହିତ୍ୟ ଲୋକଙ୍କ ପାଖକୁ ଯିବାର ମାର୍ଗ କେବଳ ପତ୍ର-ପତ୍ରିକାର ପ୍ରକାଶନ ନୁହେଁ, ବରଂ ସାହିତ୍ୟିକ ସଂସ୍କୃତି ଗଢ଼ିବା ପରି ଏକ ଗୁରୁଦାୟିତ୍ୱ ।

**■ କୁହାଯାଉଛି ମାତୃଭାଷା ଏବେ ସଂକଟରେ। ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇପାରିବ କି ?**

■■ ମାତୃଭାଷାର ସଂକଟକୁ କେବଳ ଭାଷା ବ୍ୟବହାରର ହ୍ରାସ ଭାବେ ଦେଖିଲେ ସମସ୍ୟାଟିର ଗଭୀରତା ବୁଝିହେବ ନାହିଁ। ଏହା ଆମର ସ୍ମୃତି, ସଂସ୍କୃତି, ଚିନ୍ତନ ପ୍ରଣାଳୀ ଓ ଆତ୍ମପରିଚୟର ସଂକଟ ମଧ୍ୟ। ତଥାପି ମୁଁ ଭାଷାର ଭବିଷ୍ୟତକୁ ନେଇ ନିରାଶ ନୁହେଁ। କାରଣ ଭାଷା କେବଳ ଅତୀତର ସ୍ମାରକ ନୁହେଁ; ଏହା ନୂଆ ଅନୁଭବ ଓ ନୂଆ ଚିନ୍ତାକୁ ଧାରଣ କରିବାର ଏକ ସଜୀବ ମାଧ୍ୟମ। ମୋ ମତରେ, ମାତୃଭାଷାକୁ ବଞ୍ଚାଇବା ପାଇଁ କେବଳ ଭାଷାପ୍ରେମର ଆବେଗ ଯଥେଷ୍ଟ ନୁହେଁ। ଓଡ଼ିଆକୁ ଜୀବନର ପ୍ରୟୋଜନୀୟ ଭାଷା କରିବାକୁ ହେବ। ଶିକ୍ଷା, ବିଜ୍ଞାନ, ପ୍ରଯୁକ୍ତି, ପ୍ରଶାସନ, ଗବେଷଣା, ଡିଜିଟାଲ୍ ମାଧ୍ୟମ ଓ ଆଧୁନିକ ଜ୍ଞାନଚର୍ଚ୍ଚାରେ ଓଡ଼ିଆର ସ୍ଥାନ ସୁଦୃଢ଼ ହେବା ଆବଶ୍ୟକ। ସାହିତ୍ୟ ଏହି ପରିବର୍ତ୍ତନର ମାନସିକ ଭିତ୍ତି ତିଆରି କରିପାରେ। କିନ୍ତୁ ସାହିତ୍ୟକୁ ମଧ୍ୟ ନୂଆ ପିଢ଼ିର ଭାଷା, ଚିନ୍ତା ଓ ଅନୁଭବ ସହିତ ସଂଳାପ କରିବାକୁ ହେବ। ଯଦି ଓଡ଼ିଆ ସାହିତ୍ୟ ଆଜିର ଯୁବମନର ପ୍ରଶ୍ନ, ବିଜ୍ଞାନମନସ୍କତା, ପ୍ରଯୁକ୍ତିଜୀବନ ଓ ବଦଳୁଥିବା ସାମାଜିକ ସମ୍ପର୍କକୁ ନିଜ ଭିତରେ ସ୍ଥାନ ଦେଇପାରେ, ତେବେ ଭାଷା ତାଙ୍କ ପାଇଁ ଅତୀତର ଭାର ନୁହେଁ, ଭବିଷ୍ୟତର ସମ୍ଭାବନା ହୋଇଉଠିବ। ଭାଷା ସେତେବେଳେ ବଞ୍ଚିଥାଏ, ଯେତେବେଳେ ତାହାରେ କେବଳ ପୁରୁଣା କଥା ନୁହେଁ, ନୂଆ ପିଢ଼ିର ନୂଆ ସ୍ୱପ୍ନ ମଧ୍ୟ ଉଚ୍ଚାରିତ ହୁଏ।

**■ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରୁଥିବା ବେଳେ କେଉଁ ବିଭାଗରେ ବେଶୀ ସ୍ୱଚ୍ଛନ୍ଦ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?**

■■ ମୁଁ କଥାସାହିତ୍ୟ, କବିତା, ନାଟକ ଓ ସୃଜନଶୀଳ ସମାଲୋଚନା-ଏହି ବିଭିନ୍ନ କ୍ଷେତ୍ରରେ ଲେଖିଆସିଛି। ପ୍ରତ୍ୟେକ ବିଭାଗ ମୋତେ ଜୀବନକୁ ଅଲଗା ଭାବରେ ଅନୁଭବ କରିବାର ସୁଯୋଗ ଦେଇଛି। କଥାସାହିତ୍ୟରେ ଚରିତ୍ର ଓ ପରିସ୍ଥିତିର ବିସ୍ତାର, ନାଟକରେ ସଂଘାତର ପ୍ରତ୍ୟକ୍ଷତା, ସମାଲୋଚନାରେ ବିଚାରର ଶୃଙ୍ଖଳା ଏବଂ କବିତାରେ ଅନୁଭବର ସଂକ୍ଷିପ୍ତ ଗଭୀରତା ମୋତେ ଆକର୍ଷିତ କରେ। ତଥାପି କବିତା ମୋର ସବୁଠାରୁ ଅନ୍ତରଙ୍ଗ ସୃଜନଭୂମି। କାରଣ କବିତାରେ ମୁଁ ଜୀବନକୁ କେବଳ ଘଟଣା ଭାବରେ ନୁହେଁ, ତାହାର ଅଦୃଶ୍ୟ ଅର୍ଥ, ଅନ୍ତର୍ଦ୍ୱନ୍ଦ୍ୱ ଓ ନିରବ ଅନୁଭବ ଭାବରେ ଧରିବାକୁ ଚେଷ୍ଟା କରେ। କିନ୍ତୁ ଜଣେ ଲେଖକଙ୍କ ପାଇଁ ବିଭାଗର ସୀମାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ତାଙ୍କର ଜୀବନଦୃଷ୍ଟି। ଏକେଇ ମାନବୀୟ ପ୍ରଶ୍ନ କବିତାରେ ପ୍ରତୀକ ହୋଇପାରେ, ଗଳ୍ପରେ ଚରିତ୍ର ହୋଇପାରେ, ନାଟକରେ ସଂଘାତ ହୋଇପାରେ କିମ୍ବା ନିବନ୍ଧରେ ଚିନ୍ତାର ରୂପ ନେଇପାରେ। ସାହିତ୍ୟ ମଣିଷର ମାନସିକତାକୁ ଆଦେଶ ଦେଇ ବଦଳାଏ ନାହିଁ। ଏହା ତାଙ୍କର ଚେତନାରେ ଏକ ପ୍ରଶ୍ନ ରଖିଯାଏ। ସେହି ପ୍ରଶ୍ନ କେବେ ତାଙ୍କୁ ନିଜ ଆଚରଣ ବିଷୟରେ ଭାବିବାକୁ ବାଧ କରେ, କେବେ ଅନ୍ୟ ମଣିଷର ଅନୁଭବକୁ ବୁଝିବାର ସୁଯୋଗ ଦିଏ। ମୋ ଦୃଷ୍ଟିରେ ସାହିତ୍ୟର ପ୍ରଭାବ ତାହାର ପ୍ରଚାରରେ ନୁହେଁ, ପାଠକର ଭିତରେ ଜନ୍ମ ନେଉଥିବା ନୂଆ ଦୃଷ୍ଟିରେ। ଏକ ସତ୍ୟ ସାହିତ୍ୟକୃତି ପାଠକକୁ ତୁରନ୍ତ ବଦଳାଇ ନପାରେ; କିନ୍ତୁ ତାଙ୍କର ଚିନ୍ତାର ଦିଗକୁ ଧୀରେ ଧୀରେ ପରିବର୍ତ୍ତିତ କରିପାରେ।

**■ ଓଡ଼ିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ କେତେ ଆଶାବାଦୀ ?**

■■ ମୁଁ ଓଡ଼ିଆ ଭାଷା ଓ ସାହିତ୍ୟର ଭବିଷ୍ୟତକୁ ନେଇ ଆଶାବାଦୀ। ହଁ, ଏହି ଆଶା କେବଳ ଭାବନାର ନୁହେଁ; ଏହା ଭାଷାର ସୃଜନଶୀଳ କ୍ଷମତା ଉପରେ ଆଧାରିତ ହୋଇଥାଏ। ଓଡ଼ିଆ ଭାଷାର ଐତିହ୍ୟ ଓ ସାହିତ୍ୟିକ ପରମ୍ପରା ଆମର ଶକ୍ତି। ପରମ୍ପରାକୁ କେବଳ ପୁନରାବୃତ୍ତି କଲେ ତାହା ଜୀବନ୍ତ ରହେ ନାହିଁ; ତାହାକୁ ନୂଆ ଅର୍ଥରେ ପୁନଃସୃଷ୍ଟି କରିବାକୁ ହୁଏ। ମୋର ମତରେ, ଓଡ଼ିଆ ସାହିତ୍ୟର ଆଗାମୀ ଦିନର ମୁଖ୍ୟ ପଦକ୍ଷେପଟି ହେଉଛି - ନୂଆ ପାଠକ ସୃଷ୍ଟି କରିବା। କେବଳ ଲେଖକ ବଢ଼ିଲେ ସାହିତ୍ୟର ଭବିଷ୍ୟତ ସୁଦୃଢ଼ ହେବ ନାହିଁ; ସଚେତନ, ବିଚାରଶୀଳ ଓ ନିୟମିତ ପାଠକ ସମାଜ ଗଢ଼ିଉଠିବା ଦରକାର। ଏହି କାରଣରୁ ଲେଖକ ଓ ପାଠକଙ୍କ ମଧ୍ୟରେ ସମ୍ପର୍କ ଗଢ଼ିବାର ପ୍ରୟାସକୁ ମୁଁ ସାହିତ୍ୟିକ ଭବିଷ୍ୟତର ଏକ ମୁଖ୍ୟ ସର୍ତ୍ତ ଭାବେ ଦେଖେ। ପାଠକ ନଥିଲେ ସାହିତ୍ୟର ସୃଜନ ଏକପାଖିଆ ହୋଇଯାଏ; ପାଠକର ସକ୍ରିୟ ଅଂଶଗ୍ରହଣ ସାହିତ୍ୟକୁ ଏକ ସାମାଜିକ ଶକ୍ତିରେ ପରିଣତ କରେ। ମୂଳ ଆମର ପରମ୍ପରା; କିନ୍ତୁ ଭବିଷ୍ୟତ ଆମର ନବସୃଜନରେ।

**■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଚାହିଁବେ ?**

■■ ପୁରସ୍କାର ଜଣେ ଲେଖକଙ୍କ ସାଧନାକୁ ସାମାଜିକ ସ୍ୱୀକୃତି ଦିଏ। ଏହା ତାଙ୍କୁ ଉତ୍ସାହିତ କରେ, ତାଙ୍କର କାର୍ଯ୍ୟକୁ ବ୍ୟାପକ ପାଠକସମାଜର ଦୃଷ୍ଟିକୁ ଆଣେ। ତେଣୁ ପୁରସ୍କାରର ଗୁରୁତ୍ୱକୁ ଅସ୍ୱୀକାର କରିହେବ ନାହିଁ। କିନ୍ତୁ ଏହାକୁ ସାହିତ୍ୟସାଧନାର ଚୂଡ଼ାନ୍ତ ମାପଦଣ୍ଡ କରିଦେବା ମଧ୍ୟ ଠିକ୍ ନୁହେଁ। ମୋ ମତରେ, ପୁରସ୍କାର ହେଉଛି ଜଣେ ଲେଖକଙ୍କ ଯାତ୍ରାପଥର ଏକ ସ୍ୱୀକୃତି; ତାଙ୍କର ସର୍ଜନର ଶେଷ ମୂଲ୍ୟାୟନ ନୁହେଁ। ସାହିତ୍ୟର ସ୍ଥାୟୀତ୍ୱ ପୁରସ୍କାରର ତାଲିକାରେ ନୁହେଁ, ପାଠକଙ୍କ ମନରେ ତାହା କେତେଦିନ ଜୀବନ୍ତ ରହିପାରିଲା, ସେଥିରେ ନିର୍ଭର କରେ। ମୁଁ ସାହିତ୍ୟ ମାଧ୍ୟମରେ କୌଣସି ଏକକ ନୀତିବାକ୍ୟ ପ୍ରଚାର କରିବାକୁ ଚାହେଁନି। ମୋର ଲେଖାର ମୂଳ ଅନ୍ତଃସ୍ରୋତ ହେଉଛି ମାନବବାଦ—ମଣିଷକୁ ତାହାର ଜାତି, ଧର୍ମ, ଭାଷା, ବର୍ଗ ବା ପରିଚୟର ସୀମାରୁ ଊର୍ଦ୍ଧ୍ୱରେ ଏକ ସମ୍ବେଦନଶୀଳ ମଣିଷ ଭାବରେ ଦେଖିବା ଓ ଗୁରୁତ୍ୱଦେବା । 'ପ୍ରହରୀ'ରେ ମୁଁ ଯେଉଁ ମାନବୀୟ ଚେତନା ଓ ପୃଥିବୀବାସୀଙ୍କ ପ୍ରତି ଲେଖକୀୟ ଦାୟିତ୍ୱକୁ ଅନୁଭବ କରିଛି, ସେହି ଚିନ୍ତା ମୋର ଅନ୍ୟାନ୍ୟ ସୃଜନରେ ମଧ୍ୟ ବିଭିନ୍ନ ରୂପରେ ଉପସ୍ଥାପିତ ହୋଇଛି । ମୋର ଇଚ୍ଛା, ସାହିତ୍ୟ ପାଠକଙ୍କୁ କୌଣସି ପ୍ରସ୍ତୁତ ଉତ୍ତର ଦେବା ପରିବର୍ତ୍ତେ ତାଙ୍କ ଭିତରେ ଏକ ମାନବୀୟ ପ୍ରଶ୍ନ ଜାଗ୍ରତ କରୁ। ସେହି ପ୍ରଶ୍ନ ଏମିତି ହେଉ କି ଅନ୍ୟ ମଣିଷର ଯନ୍ତ୍ରଣାକୁ ମୁଁ କେତେଦୂର ନିଜର ବୋଲି ଅନୁଭବ କରିପାରୁଛି ? ମୋ ପାଇଁ ସାହିତ୍ୟର ଶେଷ ସାର୍ଥକତା ଏହିଥିରେ । ଏହା ମଣିଷକୁ କେବଳ ଭଲ ପାଠକ ନୁହେଁ, ଅଧିକ ସଚେତନ ଓ ଅଧିକ ମାନବୀୟ ମଣିଷରେ ପରିଣତ କରୁ। ❤❤




ସମ୍ମାନିତ ହେବାର ସ୍ମରଣୀୟ ମୁହୂର୍ତ୍ତରେ ଲେଖକ ପ୍ରଭାତ କୁମାର ମିଶ୍ର...





ସମ୍ମାନିତ ହେବାର ଗରିମାମୟ ସ୍ମୃତିଚିତ୍ରରେ ଲେଖକ...

## ଧାରାବାହିକ ଅନୁବାଦ ଉପନ୍ୟାସ

ହିନ୍ଦୀ ମୂଳ- ସରୋଜ କୌଶିକ
ଅନୁବାଦ- ନମିତା ପାଇକରାୟ



# ପୂର୍ଣ୍ଣମିଦମ୍



ହିନ୍ଦୀ ସାହିତ୍ୟର ଏକ ବହୁ ଚର୍ଚ୍ଚିତା କଥାଶିଳ୍ପୀ ସରୋଜ କୌଶିକ । ତାଙ୍କର ଜନ୍ମ ୦୬ ଅକ୍ଟୋବର ୧୯୪୦ରେ ଫିରୋଜପୁର ପଞ୍ଜାବ ଅଖଣ୍ଡ ଭାରତରେ ହୋଇଥିଲା । 'ସେ କରାଚୀ, ବମ୍ବେ, କଲିକତାରୁ ଶିକ୍ଷା ଲାଭ କରିଛନ୍ତି । ସମାଜସେବା, ସଂଗୀତ ଏବଂ ପଢ଼ା ଲେଖାରେ ରୁଚି, ମା'ଠାରୁ ପ୍ରଭାବିତ ହୋଇଛନ୍ତି । ବାପାଙ୍କଠାରୁ ସେ ପାଇଛନ୍ତି ନିର୍ଲିପ୍ତତା । ବର୍ତ୍ତମାନ ସୁଦ୍ଧା ତାଙ୍କ ଲେଖନୀ ଚଳଚଞ୍ଚଳ । ତାଙ୍କ ରଚିତ 'ପୂର୍ଣ୍ଣମିଦମ୍'ଉପନ୍ୟାସଟି ତାଙ୍କର ହିନ୍ଦୀ ସାହିତ୍ୟ ଜଗତରେ ବହୁ ଚର୍ଚ୍ଚିତ ଉପନ୍ୟାସ ।

**ନମିତା ପାଇକରାୟଙ୍କ ଦ୍ୱାରା ଅନୁଦିତ 'ପୂର୍ଣ୍ଣମିଦମ୍' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୪
(ପୂର୍ବ ପ୍ରକାଶିତ ଉତ୍ତାରୁ)

ବିରୁର ସ୍ୱାଭିମାନକୁ ଆଘାତ ଲାଗିଲା । ଏମିତି ତ ଗାଁର ପିଲା, ତା' ସହ ହରିଜନ ଦଳିତ, ତାର ସ୍ୱାଭିମାନ ବାହାରକୁ ଦେଖାଯାଏ ନାହିଁ। କିନ୍ତୁ ଭିତରେ ଯନ୍ତ୍ରଣାରେ ଜଡ଼ସଡ଼ ହୋଇଥାଏ ।

'ଏମିତି, ଗୋଟେ ଜିଜ୍ଞାସା । ହାତରେ ଏତେ ମୂଲ୍ୟବାନ ପୁସ୍ତକ । ଛାଡ଼ କଲିକତା ମହାନଗରୀରେ ଯଦି କେଉଁଠି ହଜିଯିବ । ବିନା କୁଣ୍ଠାରେ ମୋ ସହ ସଂପର୍କ କରିବ । ଏଇଟା ନିଅ ମୋର କାର୍ଡ । ତୁମ ଭିତରୁ ଗୋଟେ ସ୍ଫୁର୍ଲିଙ୍ଗ ସାମ୍ନାକୁ ଆସିଲା । ସେଇଥିପାଇଁ ତୁମ ସହ କଥା ହେବାକୁ ଇଚ୍ଛା ହେଲା । ଏମିତି ବି ମୁଁ ଅନ୍ୟ ମାନଙ୍କ ପାଣ୍ଡୁଲିପିକୁ 'ସଂଶୋଧନ' କରେ। ଆରେ ଷ୍ଟେସନ ଆସିବା ସମୟ ହୋଇଗଲାଣି। ନାଁ ଠିକଣା କିଛି ପଚାରିନି । ତୁମ ନାଁ କଣ ?

'ବିରେଶ୍ୱର'

'ମୁଁ ଇତି ଭାର୍ଗବ ।'

ସାଙ୍ଗେ ସାଙ୍ଗେ ହାଓ୍ୱଡ଼ା ଷ୍ଟେସନରେ ଟ୍ରେନ ଅଟକି ଗଲା । କୁଲିମାନେ ଡବା ଭିତରକୁ ପଶି ଆସିଲା । ବିରେଶ୍ୱର ତା'ର ବ୍ୟାଗ ଉଠାଇ ଓହ୍ଲେଇ ଗଲା । ଏଇଟା ହାଓ୍ୱଡ଼ା ଷ୍ଟେସନ । କିଏ କେଉଁଠାରୁ ଆସୁଛି, କେଉଁ ଆଡ଼କୁ ଯାଉଛି, କହିବା କାଠିକର ପାଠ । ଭିଡ଼ ଯେ ଭିଡ଼ । ରାସ୍ତାରେ ଯିବା ଲୋକ କେହି କାହାକୁ ଅଭିବାଦନ କରିବା ଦେଖାଯାଉ ନଥିଲା । ରାମ-ରାମ ବା ନମସ୍କାର କେହି କାହାକୁ କରୁନଥିଲେ । ଅସଭ୍ୟ, ବିଜାତୀୟ ସହର କି ?

ବିରେଶ୍ୱର ତୃଷାରେ ଛଟପଟ ହେଉଥିଲା। ପାଖ କୋଠାର ତଳେ ଗୋଟିଏ ଦୋକାନ ଦୃଷ୍ଟିକୁ ଆସିଲା । ଲମ୍ବା ଲମ୍ବା ପାଦ ପକାଇ ସେଠି ପହଞ୍ଚି କରି କହିଲା, 'ଶୁଣନ୍ତୁ ...' କ୍ଲାନ୍ତ ପାଇଁ ଆଗକୁ ଆଉ କିଛି କହି ପାରିଲାନି । ପୁଣି ନିଶ୍ୱାସ ନେଇ ସାହାସ ଜୁଟାଇଲା କିଛି କହିବା ପାଇଁ । 'କଣ ଗୋଟେ ଗ୍ଲାସ ପାଣି ମିଳିବ ପିଇବା ପାଇଁ ?'

ପାଣି ବଦଳରେ ଗୋଟେ ପାଟି ଶୁଭିଲା। 'ଏଠି କପଡ଼ା ବିକ୍ରି ହେଉଛି ପାଣି ନୁହେଁ । ଆଗକୁ ଯାଅ ଚା' ଦୋକାନରେ ସବୁ ମିଳିବ । ଯା, ଯା ସକାଳୁ ସକାଳୁ କେଜାଣି କେଉଁଠୁ ପଳେଇ ଆସୁଛନ୍ତି ବଇନି ବିଗାଡ଼ିବାକୁ ।'

ବିରୁ ଆଗକୁ ଚାଲିବାକୁ ଲାଗିଲା, ଚାଲୁ ଚାଲୁ ଭାବିଲା ଏଠି କଣ ପାଣି ବି ବିକ୍ରି ହୁଏ । ଗାଁରେ ତ ଏମିତି ପାଣି ପିଆଇବାକୁ ପୂଣ୍ୟ ଭାବନ୍ତି । ଏଠି ପାଣି ମାଗିଲେ ଭୂଡୁକୁ ମିଳୁଛି । ଚା' ଦୋକାନରେ ବି ଗୋଟେ ସିଙ୍ଗଡ଼ା କିଣିଲା ପରେ ପାଣି ମିଳିଲା । ସିଙ୍ଗଡ଼ା ଖାଉ ଖାଉ ବିରୁ ଭାବୁଥିଲା । ଗାଁର ସୂର୍ଯ୍ୟ ଓ ସହରର ସୂର୍ଯ୍ୟ କଣ ଅଲଗା ଅଲଗା ? ପ୍ରକୃତି ତ ଭେଦଭାବ କରୁନାହିଁ । ଭେଦଭାବର ଭାବ କେବଳ ମଣିଷ ମନରେ ଥାଏ । ତାକୁ କପଡ଼ା ଦୋକାନୀ ମୂର୍ଖ ଲାଗିଲା । ଦ୍ୱିପ୍ରହରକୁ ସକାଳୁ ସକାଳୁ କହୁଥିଲା।

ପେଟ ଭରିଗଲା ପରେ, ପ୍ରତିଦିନର ଖାଇବା ବ୍ୟବସ୍ଥା କରିବାକୁ ପଡ଼ିବ ଭାବିବାକୁ ଲାଗିଲା ବିରୁ । ଏପଟ ସେପଟ କେତେ ପ୍ରକାର ଦୋକାନକୁ ଯାଇ କାମ କରିବା ପାଇଁ ଯାଚନା କଲା । ସବୁ ପ୍ରକାର କାମ କରିବା ପାଇଁ ଇଚ୍ଛା ପ୍ରକାଶ କଲା, ହେଲେ ସବୁଠାରୁ ତାକୁ ଧକ୍କା ମିଳିଲା । ଅସହାୟ, ଅପମାନିତ, ହତାସ ହୋଇ ବିରେଶ୍ୱର ଆଗକୁ ଯାଇ ଫୁଟ୍‌ପାଥ୍ ଉପରେ ବସିଗଲା । ଦୂର ଗଙ୍ଗା ନଦୀ ଛୁଇଁ ଆସୁଥିବା ପବନ ତା' ଦେହରେ ପିଟି ହେଲା । ଏମିତି ତ ଚାଲି ଚାଲି ଥକି ଯାଇଥିଲା । ସେଇଠି ଦୁଇ ଟଙ୍କାର 'ଝାଲମୁଢ଼ି' ଖାଇ ରାସ୍ତା କଡ଼ ବେଞ୍ଚରେ କୁକୁର ପରି ମୋଡ଼ିମାଡ଼ି ହୋଇ ଶୋଇଲା । ପାହାନ୍ତିଆରେ ତା'ର ନିଦ ଭାଙ୍ଗିଗଲା । ସକାଳର ଦୃଶ୍ୟ ପୁରା ଅଲଗା ଥିଲା । ସକାଳର ଆଲୁଅରେ ଚତୁର୍ଦ୍ଦିଗରେ ବିକ୍ଷିପ୍ତ ହୋଇ ପଡ଼ିଥିବା ଅଳିଆ ସହରର ପରିଚୟ ଦେଉଥିଲା । ନା କାହାକୁ ରାମ ରାମ କହିବା, ନା ଦୟା କରିବା କି ଦାନ କରିବା କିଛି ନାହିଁ । ନିଜ ଭିତରେ ସଂକୁଚିତ ମଣିଷ । ସେ ଦେଖିଲା, ଅଇଁଠା ପତର, କାଗଜ ଗିଲାସ, ଭଙ୍ଗା ମାଟି ଗିଲାସ, ପାନପିକ ପଡ଼ିଥିବା, ପରିସ୍ରାରେ ଭିଜିଥିବା ଓଦା ମାଟି, ଝାଡ଼ାର ଦୁର୍ଗନ୍ଧ ଭିତରେ, ଚା' ବାଲା ଚୁଲ୍ଲୀ ଜଳଉ ଥିଲା । କେତେଜଣଙ୍କ ଚୁଲ୍ଲୀ ଜଳା ବି ସରିଥିଲା । ସେ ସେଇଠି ଗୋଟେ ମାଟି ଗିଲାସରେ ଚା' କିଣି ପିଇଲା । ସେଇଠି ଚା' ପିଉ ପିଉ ତା' କାନରେ ଅନେକ ପ୍ରକାର ଶବ୍ଦ ଶୁଭିଲା । ସାମ୍ନାରେ ଯାଉଥିବା ଷ୍ଟିମରର ପୁଙ୍ଗାର ଶବ୍ଦ। ନୌକାରେ ଜିନିଷ ରଖୁଥିବା ନାଉରୀଆର ପାଟିର ଶବ୍ଦ, କୁକୁର ଅଇଁଠା ପତ୍ର ଚାଟୁଥିବାର ଶବ୍ଦ, ଅପରିଷ୍କାର ଜାଗାରୁ ଖାଇବା ଖୋଜୁଥିବା ଭିଖାରୀ ଛୁଆର ଶବ୍ଦ । ସମସ୍ତେ ଯେମିତି ଏ ସହରରେ ତାଙ୍କ ଅସହାୟତା ଦେଖାଉଥିଲେ । ବିରୁ ଅସହାୟ ହେବାକୁ ଚାହୁଁନଥାଏ। ଅନ୍ତର ଭିତରୁ ରିଚାର ଶବ୍ଦ ଶୁଭୁଥିଲା । 'ବିରୁ, ପଥରେ ଆସୁଥିବା ବାଧା ଆଗରେ ଅଟକି ଯିବୁନି। ଏବେ ତ ପଥର ଆରମ୍ଭ ହେଲା । ଉଠ ଆଗକୁ ଚାଲ । ତୋ ଆତ୍ମା ସତ୍ୟର । ପବିତ୍ର ଆତ୍ମା ଥକି ପଡ଼ନା ।' ବିରୁର ପାଦ ଇତିର ଘରମୁହାଁ ହେଲା । ଭାଗ୍ୟର ବିଧାନ ଉପରେ କଣ ଭରସା ।

ଇତିର ଘର । ପୁରୁଣା ଦୋ ତାଲା, ନଦୀ କୂଳରେ । ରେଲଲାଇନ୍‌କୁ ଲାଗିଥାଏ । 'ବାଗ ବଜାର' ନାଁ କିନ୍ତୁ ବଗିଚାର ନାଁ ଗନ୍ଧ ନଥାଏ। ଘଣ୍ଟି ବଜାଇଲା ପରେ ଜଣେ ସ୍ତ୍ରୀ ଲୋକ ଆସି କବାଟ ଖୋଲିଲା । ବିରୁ କିଛି ପଚାରିବା ପୂର୍ବରୁ ଉପରୁ ଶବ୍ଦ ଆସିଲା, 'କିଏ ଆସିଛି ସେଫାଳୀ ?'

'ଜାଣିନି ଦିଦି, ତୁମକୁ ଖୋଜୁଛନ୍ତି ।' ସେତେବେଳକୁ ଇତି କବାଟ ପାଖରେ ପହଞ୍ଚି ସାରିଥିଲା । ବିରୁକୁ ଦେଖି ଆଉ କିଛି କହିବାର ନଥିଲା କି ପଚାରିବାର ନଥିଲା ।

'ଭିତରକୁ ଆସ, ବାହାରୁ ବାହାରୁ ଯିବାର ଇଚ୍ଛା ନାହିଁ ତ ?'

'ବାଃ, ଯେବେଠାରୁ ସହର ଆସିଛି, ନାଳୀର କୀଟ ପରି ଅପରିଷ୍କାର ଭିତରେ ଖାଇ ଶୋଇ ଫୁଟପାଥରେ ଦିନ କାଟୁଛି ।

'ଲାଗୁଛି ।'ଇତି ହସିଲା ।

'ଯାଅ.. ଗାଧୁଆ ଘରେ ଗାଧୋଇ କି ଆସ । ଜଳଖିଆ ଖାଇଲା ବେଳେ କଥା ହେବା । ନାଁ ବିରେଶ୍ୱର, ମାନେ ବିରୁ ତ ?'

ଔପଚାରିକତା ପରେ ବିରୁ ଗାଧୋଇ ସାରି ତଳକୁ ଆସିଲା । ଇତି କହିଥିଲେ ଲୁଗାପଟା ସେଫାଳୀ ଧୋଇଦେବ । ସେଇଥିପାଇଁ ସେସବୁ ଗାଧୁଆ ଘରେ ଛାଡ଼ି ଆସିଲା । ଟେବୁଲରେ ଇତି ଚା' ରଖି ଅପେକ୍ଷା କରି ବସିଥିଲା । ସାମ୍ନାରେ ଥିଲା ସିଙ୍ଗଡ଼ା ଓ ସନ୍ଦେଶ । ବିରୁକୁ ଭୋକ ଲାଗୁଥିଲା ତ ସେଇଥିପାଇଁ ତୁରନ୍ତ ଖାଇବାକୁ ବସିଲା । ଖାଉ ଖାଉ ଇତି ବିରୁଠାରୁ ସବୁ ପଚାରି ବୁଝିଲା । ଗୌରାର ଘରକୁ ନ ଯିବାର କାରଣ ବି ବତାଇ ଦେଲା । ଇତିକୁ ବିରୁର ସ୍ୱାଭିମାନ ଗୁଣ ପସନ୍ଦ ଆସିଲା । ତା' ପାଟିରୁ ବାହାରିଗଲା 'ଏମିତି ଆଗକୁ ବଢ଼ ।' ଛାଡ଼ ଏବେ ତ ଚାକିରୀ କ୍ଷେତ୍ରକୁ ଯାଉଛି, ଦେଖ ଯଦି କାହା ମାଧମରେ ତୁମକୁ ଚାକିରୀ ମିଳିଯାଏ। ଦ୍ୱିପ୍ରହର ଭୋଜନ କରି ଦେଇଥିବ। ରାତି ଖାଇବା ସାଙ୍ଗହୋଇ ଖାଇବା । ଆଦେଶ ଦେଉ ଦେଉ ଇତି ବାହାରି ଚାଲିଗଲା । ଇତି ଯିବା ପରେ ବିରୁ ଶୋଇପଡ଼ିଲା । ଅଫିସରୁ ଆସି ଇତି ବିରୁକୁ ଉଠାଇଲା, ସେତେବେଳକୁ ସନ୍ଧ୍ୟା ହୋଇସାରିଥିଲା । ରାତିରେ ଖାଇ ସାରିବା ପରେ ଇତି ହସି ହସି କହିଲା, 'ଭାଗ୍ୟବାନ.. ତୁମକୁ ଗୋଟେ ସାପ୍ତାହିକ ସମ୍ବାଦପତ୍ରରେ କାମ ମିଳିଯାଇଛି । କାଲି ସକାଳେ ଜଏନ କରିବାର ଅଛି । ନାଁ, ଠିକଣା ଏବଂ ମୋର ଭିଜିଟିଂ କାର୍ଡ ସାଙ୍ଗରେ ନେଇକି ଯିବ।'

ବିରେଶ୍ୱର କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା। ଭୋକିଲାକୁ ଭୋଜନ ମିଳିବା ଖୁସି । ଏକ ଆତ୍ମତୃପ୍ତି । ବିରେଶ୍ୱରର କାମ ଥିଲା 'ପେଜ୍ ଥ୍ରୀ' ପାଇଁ ରୋଚକ ଖବର ଯୋଗାଡ଼ କରିବା। ଗରମ ଗରମ ପାର୍ଟିର ବଢ଼େଇ ଚଢ଼େଇ ଲେଖିବା। ଦରକାର ବେଳେ ଗଧକୁ ବି ବାପା ବନେଇବାକୁ ପଡ଼ିବ । ଏ ଚାକିରୀ, ତା' ପେଟ ଭରିବାର ସାଧନ ହେବ । ସେ କେଉଁଠି ପଢ଼ିଥିଲା, ' ସବୁକଥା ମଣିଷର ମୁହଁରେ ଲେଖା ହୋଇଥାଏ, 'କାରଣ ଜୀବନ ରକ୍ଷା କରିବା ପାଇଁ ମଣିଷକୁ ସଂଘର୍ଷ କରିବାକୁ ହେବ ।' କାମ ମିଳିଗଲେ ତାକୁ ତା' ମୁହଁରୁ ତ କେହି ଅସହାୟତା ବାରି ପାରିବେନି । ତାକୁ ସଂକୁଚିତ ହେବାକୁ ପଡ଼ିବନି ।

କାମ ପ୍ରତି ବିରୁର ମନ ଲାଗିଗଲା । ଧ୍ୟାନର ସହ କାମ କରି ଉନ୍ନତି ଆଡ଼କୁ ଗତି କଲା। ପ୍ରୁଫ ରିଡିଙ୍ଗର କାମଥିଲା । ଆରମ୍ଭରୁ ସେ ଇତିଠାରୁ ସବୁ ପ୍ରକାର ପରାମର୍ଶ ନେଲା। ପୁଣି ସେ ନିଜେ ନିଜେ କାମ କରିବାକୁ ଲାଗିଲା। ଗୋଟିଏ ଧାରାବାହିକ ଉପନ୍ୟାସ ଉପରେ ବିରୁର ଧ୍ୟାନ ଦେଖି ତା' ସାଙ୍ଗ ଅତିଶ କହିଲା, 'ଥଣ୍ଡା ରୁହ । ଇଏ ମାଡାମ ଦୟାବତୀ, ମାନେ ମାଡାମ ବିଭାଙ୍କର ଉପନ୍ୟାସ । ଯିଏ ଏ ସମ୍ବାଦପତ୍ରକୁ ଚଳଉଛନ୍ତି। ଯିଏ ଲେଖିକି ଦେଇଛନ୍ତି, ଏଥିରେ ବେଶୀ ପ୍ରୁଫ ରିଡିଙ୍ଗ ଦରକାର ନାହିଁ ।

ଏତେ ନାମକରା ମହିଳା, ପଢ଼ାଲେଖା ମହିଳାଙ୍କୁ 'ଭୂତ ଲେଖକ'ର କଣ ଦରକାର ଥିଲା ? ତାଙ୍କ ବ୍ୟକ୍ତିତ୍ୱ କଣ ଗୋଟେ ଛଳନା ?

'କିନ୍ତୁ ଅତିଶ, ବିଭାଜୀଙ୍କର ଅନେକ ପୁସ୍ତକ ପ୍ରକାଶିତ ହୋଇସାରିଛି । ଗୋଟିଏ ପୁସ୍ତକ ପୁରସ୍କୃତ ହୋଇସାରିଛି । ପୁନଶ୍ଚ ନାରୀବାଦୀ, କେତେ ଅଧିବେଶନରେ ସୁନ୍ଦର ବକ୍ତବ୍ୟ ରଖୁଥିବା ଜଣାଶୁଣା ମହିଳା ସେ।' ବିରୁ ତାଙ୍କର ପ୍ରଶଂସା କରିବାକୁ ଲାଗିଲା ।

'ରୁହ ରୁହ.. ଭୁଲ କଥା । ଫାଲତୁ କଥା। ସ୍ତ୍ରୀ ଆରକ୍ଷଣର କଥା କୁହନ୍ତି, ନୈତିକ ଦୃଷ୍ଟିକୋଣର କଥା କୁହନ୍ତି । କିନ୍ତୁ କାମ କରନ୍ତି ସଂପୂର୍ଣ୍ଣ ଅନୈତିକ । ଆରେ ବିରୁ ସୋସାଇଟିର ଏ ମହିଳାମାନେ ଯେତେ କଲେ ସେତେ କମ୍। ନାଁ ର ଭୋକ ଏମାନଙ୍କର କେବେ ଶାନ୍ତ ପଡ଼େନି।'

ଅତିଶ କଥା ଶୁଣି ବିରୁ ଆଶ୍ଚର୍ଯ୍ୟ ହୋଇ କହିଲା, 'ତୁମେ ଏ ସବୁ ଏତେ ବିଶ୍ୱାସର ସହ କେମିତି କହି ପାରୁଛ ?'

'ବିରୁ ସମସ୍ତେ ଜାଣନ୍ତି, କହିବାକୁ କାହାର ସାହାସ ନାହିଁ । ସବୁ ପ୍ରକାର ବ୍ୟବସାୟ ଏ କରେ। ସଂପର୍କର ବ୍ୟବସାୟ, ଦେହ ବ୍ୟବସାୟ, ଲୋକଙ୍କୁ କିଣିବା ବ୍ୟବସାୟ ।

ବିରୁ ଆଶ୍ଚର୍ଯ୍ୟରେ ପଚାରିଲା, 'କଣ କହୁଛ ? ଏ ସାରା ବ୍ୟବସାୟ ତୁମକୁ କେମିତି ଜଣା ?'

'ଲଜ୍ଜାର କଥା ସାଙ୍ଗ । ଶୁଣିଲେ ମଥାନତ ହୋଇଯିବ ସରମରେ । ମୋ ପଡ଼ିଶା ଘର ଝିଅ ବିଭାଜୀଙ୍କ ଦପ୍ତରରେ କାମ କରୁଥିଲା । ସେ କାନ୍ଦି କାନ୍ଦି କହିଥିଲା, କେମିତି ବାହାନାରେ ତାକୁ ହୋଟେଲରେ ବିଦେଶୀ ଗ୍ରାହକଙ୍କ କୋଠରୀକୁ ପଠା ଯାଉଥିଲା । ଝିଅର ବୟସ ମାତ୍ର ପନ୍ଦର ବର୍ଷ ଥିଲା । ତା' ବଦଳରେ ମାଡାମଙ୍କୁ ମିଳିଥିଲା ବଡ଼ ଅର୍ଡର ବୁଝିଲ ।'

ଅତିଶ କହୁ କହୁ ତା' ଚେହେରା ଘୃଣାରେ କୁଞ୍ଚିତ ହୋଇଗଲା । ଏବଂ ବିରୁ ବି ବିରୋଧ ପ୍ରକଟ କରି ସେ ଧାରାବାହିକକୁ ସେଇଠି ବନ୍ଦ କରିଦେଲା । ସଂପାଦକଙ୍କ ପାଖରେ କଥା ପହଞ୍ଚିଲା । ସେ ବିରୁକୁ ଡକାଇ ଅଶ୍ରାବ୍ୟ ଭାଷାରେ ଗାଳି କଲେ । କହିଲେ ପୁଣି କାମ ଆରମ୍ଭ କର ଯେଉଁଠୁ ଛାଡ଼ିଛ । ନଚେତ ଇସ୍ତଫା ଦେଇ ଦିଅ ।

(କ୍ରମଶଃ)


♥ ଭୁବନେଶ୍ୱର
(ମୋ): ୯୮୬୧୩୮୫୦୪୬

---

## ପୁସ୍ତକ ସମୀକ୍ଷା

# ସମାଜ ସଂସାର ସଂସ୍କୃତି

ଲେଖକ :
ସୁଧାଂଶୁ ଶେଖର ଦ୍ୱିବେଦୀ




ପ୍ରକାଶକ - ପ୍ରଥମ ବହି, କଟକ
ମୂଲ୍ୟ - ୧୫୫ ଟଙ୍କା
ଠିକଣା : ବିସି-୭୪,ସଲ୍ଟ ଲେକ୍,କଲକତା-୬୪
ମୋ-୯୬୮୧୩୭୩୫୧୨

ସୁଧାଂଶୁ ଶେଖର ଦ୍ୱିବେଦୀ ଦୀର୍ଘ ବର୍ଷ ଧରି ଓଡ଼ିଆ ଭାଷା ସାହିତ୍ୟକୁ ଅତୁଳନୀୟ ଅବଦାନ ଦେଇ ଚାଲିଛନ୍ତି। ଜୀବନର ପ୍ରତିଟି ଅବସ୍ଥାକୁ ନିଜ ଭାଷା ବିନ୍ୟାସରେ ସଜେଇ ପାଠକ ମାନଙ୍କ ନିକଟରେ ଉପସ୍ଥିପିତ କରିବାରେ ସେ ଜଣେ ଅନନ୍ୟ ଶିଳ୍ପୀ। ଏଯାବତ୍ ୫୦ ଖଣ୍ଡ ପୁସ୍ତକ ରଚନା କରି ଓଡ଼ିଶାର ପୁରପଲ୍ଲୀଠାରୁ ମହାନଗରଯାଏ ଶ୍ରୀ ଦ୍ୱିବେଦୀ ସୁଖ୍ୟାତି ଅର୍ଜନ କରି ପାରିଛନ୍ତି। ଶିଶୁ-କିଶୋର ସାହିତ୍ୟ, ମୌଳିକ ସାହିତ୍ୟ ନାଟକ, ରମ୍ୟ ରଚନା, କବିତା, ସନ୍ଦର୍ଭ ଆଦି ରଚନା କରି ସେ ଓଡ଼ିଆ ଭାଷା ସାହିତ୍ୟ ପାଇଁ ଗର୍ବ ଓ ଗରୀମାର ଅଧିକାରୀ ହୋଇ ପାରିଛନ୍ତି।

'ସମାଜ ସଂସାର ସଂସ୍କୃତି' ତାଙ୍କ ଦ୍ୱାରା ରଚିତ ସନ୍ଦର୍ଭ ସମାହାରର ଦ୍ୱିତୀୟ ସଙ୍କଳନ ଅଟେ। ଯାହା ମଣିଷ ଜୀବନର ପ୍ରତିଟି ପଦକ୍ଷେପରେ ନିଜପାଇଁ ତଥା ଅନ୍ୟମାନଙ୍କ ପାଇଁ କାମରେ ଆସିଥାଏ। ମଣିଷ ଜୀବନ ଦୁର୍ଲ୍ଲଭ। ଦୁର୍ଲ୍ଲଭ ଜୀବନ ମଧ୍ୟରେ ଅନେକ କିଛି ଘଟେ ପୁଣି ଧୀରେ ଧୀରେ ଘଟଣାସବୁ ସମାପ୍ତ ହୋଇଯାଏ। ଘଟିବା ଏବଂ ସମାପ୍ତ ହୋଇଯିବା ଭିତରେ ଆମ ଜୀବନ ଶଗଡ ଚକ ଭଳି ଆଗକୁ ଗଡେ। ସେସବୁ ପରିଦୃଶ୍ୟକୁ ଏକତ୍ର କରି ସନ୍ଦର୍ଭ ମାଧ୍ୟମରେ ସେ ଅତି ସୁନ୍ଦର ରୂପେ ରଚନା କରିଛନ୍ତି ଭ୍ରାନ୍ତି, ଧୈର୍ଯ୍ୟ, ଶାଶ୍ୱତ, ଶବ୍ଦ, ସମୃଦ୍ଧି, ମନର ଶାନ୍ତି, ପ୍ରତିଭା, ଭାଷା, ଆତ୍ମ ସାକ୍ଷାତ୍ କାର, ମୃତ୍ୟୁ ସତ୍ୟ, ମୋକ୍ଷ, ଦାମ୍ପତ୍ୟ, ସ୍ୱରୂପ, କ୍ଷମା, ଆଦର୍ଶ, ଆଚରଣ, ଜୀବନ ଜିଜ୍ଞାସା ଭଳି ମୋଟ ୬୫ଟି ଉପାଦେୟ ସନ୍ଦର୍ଭ ପୁସ୍ତକର ମର୍ଯ୍ୟାଦା ବୃଦ୍ଧି କରିବାରେ ସକ୍ଷମ ହୋଇପାରିଛି। ଯାହା ସମସ୍ତ ପାଠକଙ୍କ ମନ ମଧ୍ୟରେ ଏକ ନୂତନ ଆଲୋକ ପ୍ରକାଶିତ ହେବ।

ପରିବର୍ତ୍ତନଶୀଳ ସଂସାର ମଧ୍ୟରେ କିଛି ବି ସ୍ଥାୟୀ ନୁହେଁ। ସୂର୍ଯ୍ୟ ଅସ୍ତ ଯିବାପରେ ମନୁଷ୍ୟର ଆୟୁଷ ଗୋଟେ ଦିନ କମ୍ ହୋଇ ଯାଏ। ଏଭଳି ବାସ୍ତବିକତାକୁ ଜାଣି ମଧ ମନୁଷ୍ୟ ଦିନସାରା କରିଥିବା କର୍ମ ପ୍ରତି ବିଚାର କରିପାରେ ନାହିଁ। ଶୁଭ କର୍ମ କରିବାରେ ହୃଦୟରେ ଶୁଭ ବିଚାର ଆସିବାରେ ବିଳମ୍ବ ହୁଏ ନାହିଁ। ଆୟୁଷର ପ୍ରତିଟି କ୍ଷଣ ସମସ୍ତ ଦେବା ନେବାର ରସକୁ ପ୍ରାପ୍ତ ହୋଇନଥାଏ। ଅତଏବ ଏହାକୁ ବ୍ୟର୍ଥରେ ନଷ୍ଟ କରିବା ମହାନ ଭୁଲ। ପ୍ରକୃତରେ ପ୍ରଥମେ ସ୍ୱୟଂ ସଂସ୍କାରିତ ହେଲେ ସମାଜ ପାଇଁ କିଛି କରି ପାରିବାକୁ ସାହାସ କରିପାରିବା। ଏହା ହିଁ ସତ୍ୟ।

ଶ୍ରୀ ଦ୍ୱିବେଦୀଙ୍କର ଏଭଳି ଶିକ୍ଷଣୀୟ ସନ୍ଦର୍ଭ ସମାହାର ପୁସ୍ତକଟି ୧୩୬ ପୃଷ୍ଠାରେ ସଂକଳିତ ହେବା ସହିତ ଏହାର ମୂଲ୍ୟ ମାତ୍ର ୧୫୫ ଟଙ୍କା ରଖା ହୋଇଛି। ପୁସ୍ତକଟିକୁ ପ୍ରଥମ ବହି ପ୍ରକାଶନୀ, କଟକ ଦ୍ୱାରା ପ୍ରକାଶ କରାହୋଇଛି। ସମସ୍ତଙ୍କ ନିମନ୍ତେ ଏହି ପୁସ୍ତକ ପଠନଯୋଗ୍ୟ ହେବା ସହିତ ଆତ୍ମତୃପ୍ତି ମିଳିବ ଏହା ନିଶ୍ଚୟ।

---

## ଛୋଟ ଗଳ୍ପ

# ଭାଗ୍ୟ

ସତ୍ୟନାରାୟଣ ପ୍ରଧାନ

ରାକ୍ଷୀ ଭଳି ଦିନରେ ଭାଇ ଭଉଣୀ ଦୁହେଁ ରେଳ ଷ୍ଟେସନରେ ବସି ଯିବା ଆସିବା କରୁଥିବା ଯାତ୍ରୀ ମାନଙ୍କୁ ପଇସା ମାଗୁଥିଲେ । ଯାହାର ଇଚ୍ଛା ହେଉଥିଲା ସିଏ ଦେଉଥିଲା ଅନ୍ୟ କେହି ନ ଦେଇ ଚାଲି ଯାଉଥିଲେ । ସେମାନଙ୍କ ଭିତରେ ରାକ୍ଷୀ ହେଉଛି ଏକ ପବିତ୍ର ବନ୍ଧନର ଦିନ ବୋଲି ଧାରଣା ନ ଥିଲା । ସେମାନେ ତାଙ୍କ ମାନସପଟରୁ ଯେପରି ସବୁଦିନ ଭଳି ସେଇପରି ଦିନଟିଏ ବୋଲି ଗ୍ରହଣ କରି ନେଇଥିଲେ ।

ଲୋକ ଜଣଙ୍କ ପଇସା ଦେବା ବଦଳରେ ଭଉଣୀର ହାତକୁ ରାକ୍ଷୀ ଟିଏ ବଢ଼ାଇ ଚାଲି ଯାଇଥିଲା । ସେମାନେ ତ ସବୁଦିନ ବଞ୍ଚିବା ପାଇଁ କେବଳ ମାଗିବା ଶିଖି ଯାଇଥିଲେ । ସେ ରାକ୍ଷୀକୁ ଟିକେ ସମୟ ହାତରେ ଧରି ପୁଣି ଫୋପାଡ଼ି ଦେଲା ଅଳିଆ ଗଦା ଭିତରକୁ । ଯୁବକ ଜଣେ ନିଜ ଜୀବନକୁ ନେଇ ଭାରି ଚିନ୍ତାରେ ଥିଲା ସେ ଜଣେ ଲେଖକ ହେଲେ ତା ଲେଖାକୁ କେହି ପସନ୍ଦ କରୁ ନ ଥିଲେ ।

ସବୁଠି କେବଳ ତାକୁ ନିରାଶ ହେବାକୁ ପଡୁଥିଲା ଆହୁରି ନୂଆ ଲେଖା ଦରକାର ବୋଲି ସବୁବେଳେ ଶୁଣିବାକୁ ପଡୁଥିଲା । ସେ ଏହି ଦୃଶ୍ୟକୁ ଅତି ନିକଟରୁ ଦେଖି ଗୋଟେ ସୁନ୍ଦର କାହାଣୀ ଲେଖିବାରେ ସଫଳ ହୋଇଥିଲା । ଟଙ୍କା କିପରି ମଣିଷର ବଞ୍ଚିବାର ସବୁ ଖୁସିକୁ ଜାଳି ପୋଡି ଝାରଖାର କରିଦିଏ । ତା ପାଖରେ ଜଣେ ସାଧାରଣ ମଣିଷର ଆବଶ୍ୟକ ଜିନିଷ ଗୁଡାକ ସାତପର ପାଲଟେ ଯାଏ ଖାଲି ଭୋକିଲା ପେଟ ଲାଗି।

ଏହି ଲେଖା ସବୁ ଜାଗାରେ ପ୍ରଚାର ଆଉ ପ୍ରସାର ହୋଇ ଯାଇଥିଲା । ସମାଜରେ ଏପରି ବି ଲୋକ ଅଛନ୍ତି ଯେଉଁମାନେ ଜୀବନକୁ ଜିଇବା ପାଇଁ ପର ହାତ ଟେକା କେଇଟା ଟଙ୍କାରେ ପାଅନ୍ତି ଦୁନିଆର ସବୁଠୁ ଖୁସି । ତା ପରେ ସେଇ ଗୋଟେ ଲେଖାରେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତାଙ୍କର ସେ ପ୍ରଥମ ପସନ୍ଦ ପାଲଟି ଯାଇଥିଲା । ମଣିଷକୁ ଭାଗ୍ୟ କେତେବେଳେ କେଉଁଠି ଠିଆ କରିଦେବ ବେଶ ବାରି ହୋଇ ପଡୁଥିଲା ।

♥ ଅଣ୍ଡିଆ, ଯାଜପୁର,
ମୋ - ୯୧୭୮୩୧୩୬୪୪

---

# ସାର୍ଥକ ଓ ଆନନ୍ଦମୟ ଜୀବନର କିଛି ପ୍ରକୃତ ସତ୍ୟ ଓ ମୂଲ୍ୟବୋଧ



(ଇଂ) ବିଜୟ ମିଶ୍ର

ମନୁଷ୍ୟ ଜୀବନ ଅନିଶ୍ଚିତତାରେ ଭରା ଏବଂ ମରଣଶୀଳ । ଯିଏ ଏହି ସଂସାରରେ ଜନ୍ମ ନେଇଛି, ଦିନେ ନା ଦିନେ ତାକୁ ମହାପ୍ରୟାଣ କରିବାକୁ ପଡ଼ିବ । ମନୁଷ୍ୟ ରୂପରେ ଜନ୍ମ ନେଇଥିବା ଭଗବାନ, ମହାପୁରୁଷ ଓ ଈଶ୍ୱରଙ୍କ ଦୂତମାନେ ମଧ ଏହି ନିୟମରୁ ମୁକ୍ତ ହୋଇନାହାନ୍ତି । ଆଜି ସୁସ୍ଥ ଓ ସବଳ ଥିବା ମଣିଷ କେବେ ଏ ସଂସାର ଛାଡ଼ି ଚାଲିଯିବ, ତାହା କେହି ଜାଣେ ନାହିଁ । ତେଣୁ ଜୀବନ କେବଳ ବଞ୍ଚି ରହିବାର ନାମ ନୁହେଁ; ସୁସ୍ଥ, ସ୍ୱାଧୀନ, ସ୍ୱାଭିମାନୀ, ଆନନ୍ଦମୟ ଓ ସାର୍ଥକ ଭାବେ ବଞ୍ଚିବା ହିଁ ଜୀବନର ପ୍ରକୃତ ସଫଳତା ।

ଧନୀ-ଗରିବ, ଉଚ୍ଚ-ନୀଚ, ଜାତି, କୁଳ, ଦେଶ କିମ୍ବା ଧର୍ମ ନିର୍ବିଶେଷରେ ପ୍ରତ୍ୟେକ ମଣିଷ ସୁଖ, ଶାନ୍ତି ଓ ଆନନ୍ଦ ଖୋଜିଥାଏ । ଖାଦ୍ୟ, ପୋଷାକ, ବାସସ୍ଥାନ, ସୁନିଦ୍ରା, ସୁସ୍ଥ ଶରୀର, ସ୍ନେହ-ପ୍ରେମ ଓ ସୁସ୍ଥ ତଥା ସହମତିପୂର୍ଣ୍ଣ ନାରୀ-ପୁରୁଷ ମଧୁର ସମ୍ପର୍କ ମଣିଷର ମୌଳିକ ଆବଶ୍ୟକତା । ଏସବୁର ସନ୍ତୁଳିତ ପୂରଣ ସହିତ ଶାରୀରିକ ଓ ମାନସିକ ସୁସ୍ଥତାରେ ହିଁ ପ୍ରକୃତ ସୁଖ ଓ ଶାନ୍ତି ନିହିତ । ସଙ୍ଗୀତ, ମନଛୁଆଁ ସାହିତ୍ୟ, ବ୍ୟାୟାମ, ଖେଳକୁଦ, ଭ୍ରମଣ, ସୁନ୍ଦର ପ୍ରାକୃତିକ ପରିବେଶର ସାନ୍ନିଧ୍ୟ ଓ ମଧୁର ସାମାଜିକ ସମ୍ପର୍କ ମଧ ଜୀବନକୁ ଆନନ୍ଦମୟ କରିଥାଏ ।

ଅପାର ଧନସମ୍ପଦ, ଉଚ୍ଚ ପଦପଦବୀ କିମ୍ବା ମାନସମ୍ମାନ ଥିଲେ ମଧ ମଣିଷ ସବୁବେଳେ ସୁଖୀ ହୋଇପାରେ ନାହିଁ । ଅନ୍ୟପକ୍ଷରେ, ସୀମିତ ସମ୍ପଦ ଥାଇ ମଧ ଅନେକେ ଶାନ୍ତି ଓ ଆନନ୍ଦରେ ଜୀବନ ବିତାଇଥାନ୍ତି । ତେଣୁ ଧନସମ୍ପଦ, ପଦପଦବୀ କିମ୍ବା ଖ୍ୟାତି ପାଇଁ ଜୀବନର ମୌଳିକ ସୁଖ ଓ ମାନସିକ ଶାନ୍ତିକୁ ଅବହେଳା କରିବା ଉଚିତ ନୁହେଁ ।

ମଣିଷର ପ୍ରକୃତ ସୌନ୍ଦର୍ଯ୍ୟ କେବଳ ରୂପ, ରଙ୍ଗ କିମ୍ବା ଚେହେରାରେ ନଥାଏ; ଏହା ତାଙ୍କର ମନ, ଚିନ୍ତନ, ଆଚାର-ବ୍ୟବହାର ଓ ଚରିତ୍ରରେ ପ୍ରତିଫଳିତ ହୁଏ । ମଧୁର ବଚନ, ସହାସ୍ୟ ମୁଖମଣ୍ଡଳ, ସ୍ନେହ, ପ୍ରେମ ଓ ଉତ୍ତମ ବ୍ୟବହାର ଜଣେ ବ୍ୟକ୍ତିଙ୍କୁ ଅଧିକ ଆକର୍ଷଣୀୟ କରେ । ଅନ୍ୟପକ୍ଷରେ, ଦୁଶ୍ଚିନ୍ତା, ଈର୍ଷା, ଦ୍ୱେଷ ଓ କୁଟିଳତା ମନର ଖୁସି ତଥା ଶାନ୍ତିକୁ ନଷ୍ଟ କରେ । ତେଣୁ ନିର୍ମଳ, ସକାରାତ୍ମକ ଓ ଉଦାର ମନୋଭାବ ହିଁ ସୁନ୍ଦର ଓ ଆନନ୍ଦମୟ ଜୀବନର ଆଧାର।

ବୟସ ବଢ଼ିବା ସହ ଶରୀରରେ ପରିବର୍ତ୍ତନ ଆସିବା ସ୍ୱାଭାବିକ । କିନ୍ତୁ ମଣିଷର ପ୍ରକୃତ ଯୌବନ କେବଳ କ୍ୟାଲେଣ୍ଡର ବୟସ ଉପରେ ନିର୍ଭର କରେ ନାହିଁ । ଶାରୀରିକ ଓ ମାନସିକ ସୁସ୍ଥତା, ସକ୍ରିୟତା, ଉତ୍ସାହ, ସକାରାତ୍ମକ ଚିନ୍ତନ ଓ ଯୁବା ମନୋଭାବ ହିଁ ଜୀବନ୍ତତାର ପ୍ରକୃତ ମାପଦଣ୍ଡ । ଅଧିକ ବୟସର ଜଣେ ବ୍ୟକ୍ତି ମଧ ସୁସ୍ଥ, ଚଞ୍ଚଳ ଓ ଉତ୍ସାହପୂର୍ଣ୍ଣ ଜୀବନ ବିତାଇପାରନ୍ତି; ପୁଣି କମ୍ ବୟସର ବ୍ୟକ୍ତି ଅସୁସ୍ଥ, ଆଳସ୍ୟପରାୟଣ ଓ ଉତ୍ସାହହୀନ ହୋଇପାରନ୍ତି ।

ଧନସମ୍ପଦ ଅପେକ୍ଷା ଜ୍ଞାନ, ଦକ୍ଷତା, କାର୍ଯ୍ୟକୁଶଳତା, ଆଚାର-ବ୍ୟବହାର ଓ ସୁନ୍ଦର ବ୍ୟକ୍ତିତ୍ୱ ମଣିଷର ପ୍ରକୃତ ମୂଲ୍ୟ ବଢ଼ାଇଥାଏ । ଶିକ୍ଷାଗତ ଯୋଗ୍ୟତା ଔପଚାରିକ ଶିକ୍ଷାର ପ୍ରମାଣ ହୋଇପାରେ; କିନ୍ତୁ ପ୍ରକୃତ ଜ୍ଞାନ ଅନୁଭବ, ଅଧ୍ୟୟନ, ଚିନ୍ତନ ଓ ଆତ୍ମଶିକ୍ଷାରୁ ଅର୍ଜିତ ହୁଏ । ତେଣୁ କେବଳ ଡିଗ୍ରୀ ନୁହେଁ, ଜ୍ଞାନ, ଦକ୍ଷତା, ବିବେକ ଓ ଚରିତ୍ରର ବିକାଶ ହିଁ ଅଧିକ ମହତ୍ତ୍ୱପୂର୍ଣ୍ଣ ।

ଅନ୍ୟମାନଙ୍କଠାରୁ ସର୍ବଦା ପ୍ରଶଂସା ଓ ସମ୍ମାନ ପାଇବାର ଅତ୍ୟଧିକ ଆଶା ମଣିଷକୁ ମାନସିକ ଭାବେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ କରିଥାଏ । ଅର୍ଥାତ୍, ଅନ୍ୟମାନଙ୍କ ପ୍ରଶଂସା ଓ ସମ୍ମାନରେ ନିଜର ଆନନ୍ଦ ଓ ସଫଳତା ଖୋଜୁଥିବା ବ୍ୟକ୍ତିଙ୍କର ନିଜ ଉପରେ ଆତ୍ମବିଶ୍ୱାସ ଦୁର୍ବଳ ଥାଏ ଏବଂ ତାଙ୍କର ନିଜସ୍ୱ ଆତ୍ମିକ ଆନନ୍ଦ ମଧ ରହେ ନାହିଁ । ସେଭଳି ଲୋକ ଅନେକ ସମୟରେ ନିଜର ବିଫଳତା କିମ୍ବା ଅନ୍ୟମାନଙ୍କ ସମାଲୋଚନାରେ ଭାଙ୍ଗି ପଡ଼ନ୍ତି ଓ ଅବସାଦଗ୍ରସ୍ତ ମଧ ହୋଇଥାନ୍ତି । ଏହା ସହିତ, ଅଯଥା ପ୍ରଚାର, ତୋଷାମଦ କିମ୍ବା ଅନୈତିକ ଉପାୟରେ ମିଳୁଥିବା ପ୍ରଶଂସା ଓ ସମ୍ମାନ ମଧ ଦୀର୍ଘସ୍ଥାୟୀ ହୁଏ ନାହିଁ । ଯୋଗ୍ୟତା, ସତ୍ୟନିଷ୍ଠା, ଦକ୍ଷତା ଓ ଉତ୍ତମ ଚରିତ୍ରରୁ ହିଁ ବ୍ୟକ୍ତି ପ୍ରକୃତ ସମ୍ମାନ ଲାଭ କରିଥାଏ । ତେଣୁ ମିଥ୍ୟା ପ୍ରଶଂସା ପଛରେ ଧାଇଁବା ଅପେକ୍ଷା ନିଜର ଜ୍ଞାନ, କୌଶଳ, ଦକ୍ଷତା, ଯୋଗ୍ୟତା ଓ ବ୍ୟକ୍ତିତ୍ୱର ବିକାଶ କରିବା ଅଧିକ ଶ୍ରେୟସ୍କର ।

ସ୍ୱାଧୀନତା ମଣିଷର ଏକ ମୌଳିକ ଆକାଂକ୍ଷା । ତେଣୁ ନିଜର ବ୍ୟକ୍ତିଗତ ଜୀବନ ଓ ସ୍ୱାଧୀନତା ସହିତ ଅନ୍ୟର ବ୍ୟକ୍ତିଗତ ଜୀବନ ଓ ସ୍ୱାଧୀନତାକୁ ମଧ ସମ୍ମାନ କରିବା ଉଚିତ । ବିନା କାରଣରେ କାହାରି ଅନିଷ୍ଟ ନ କରି, ନିର୍ଭୟ ଓ ସ୍ୱାଭିମାନର ସହିତ ବଞ୍ଚିବାରେ ହିଁ ପ୍ରକୃତ ଆନନ୍ଦ ରହିଛି ।

ପାପ ଓ ପୁଣ୍ୟର ଧାରଣା ସମାଜ, ସଂସ୍କୃତି ଓ ଧାର୍ମିକ ବିଶ୍ୱାସ ସହିତ ଜଡ଼ିତ। ଖାଦ୍ୟପାନୀୟ, ପୋଷାକ, ସମ୍ପର୍କ ଇତ୍ୟାଦିରେ ପାପ ଓ ପୁଣ୍ୟ ଖୋଜିବା ନିରର୍ଥକ ହୋଇଥାଏ । କାରଣ, ଭିନ୍ନ ଭିନ୍ନ ସମାଜରେ ଓ ଜଳବାୟୁରେ ଏସବୁ ଭିନ୍ନ ଭିନ୍ନ ହୋଇଥାଏ । ପ୍ରକୃତ ପାପ ଓ ପୁଣ୍ୟ ମନୁଷ୍ୟର କର୍ମରେ ନିହିତ ଥାଏ । ଏଣୁ ସାର୍ବଜନୀନ ମାନବିକ ଦୃଷ୍ଟିରୁ କୁହାଯାଇପାରେ—ଅନ୍ୟର ଉପକାର କରିବା ପୁଣ୍ୟ ଏବଂ ଅନ୍ୟକୁ ଅନ୍ୟାୟଭାବେ କଷ୍ଟ ଦେବା ପାପ ।

ସମସ୍ତ ମନୁଷ୍ୟ ଗୋଟିଏ ପୃଥିବୀର ବାସିନ୍ଦା । ଭାଷା, ଧର୍ମ, ସଂସ୍କୃତି, ଜୀବନଶୈଳୀ ଓ ପରମ୍ପରାରେ ଭିନ୍ନତା ଥିଲେ ମଧ ମାନବିକତା ଆମ ସମସ୍ତଙ୍କୁ ଏକତ୍ର କରେ । ଭିନ୍ନ ଭିନ୍ନ ଦେଶ ଓ ସମାଜର ଉତ୍ତମ ଜ୍ଞାନ, କୌଶଳ, ଚିନ୍ତାଧାରା ଓ ଜୀବନଶୈଳୀ ପରସ୍ପର ମଧ୍ୟରେ ଆଦାନପ୍ରଦାନ ହେବା ଫଳରେ ମାନବସମାଜ ଆଜି ଅନେକ ଉନ୍ନତି ଓ ପ୍ରଗତି କରିପାରିଛି । ଏଣୁ ଭିନ୍ନତାକୁ ସମ୍ମାନ କରି ପରସ୍ପର ପ୍ରତି ସହିଷ୍ଣୁତା, ସମ୍ମାନ ଓ ସହଯୋଗର ଭାବ ରଖିବା ଉଚିତ । ଏହା ସମସ୍ତଙ୍କ ପାଇଁ ମଙ୍ଗଳକାରୀ ହୋଇଥାଏ ।

ଶେଷରେ କୁହାଯାଇପାରେ, ଜୀବନର ପ୍ରକୃତ ସଫଳତା କେବଳ ଧନ, ପଦପଦବୀ, ଖ୍ୟାତି କିମ୍ବା ବାହ୍ୟ ଆଡ଼ମ୍ବରରେ ନାହିଁ । ସୁସ୍ଥ ଶରୀର, ଶାନ୍ତ ମନ, ସ୍ୱାଭିମାନ, ସ୍ୱାଧୀନତା, ଜ୍ଞାନ, ଦକ୍ଷତା, ସଦ୍‌ଗୁଣ, ମଧୁର ସମ୍ପର୍କ ଓ ମାନବିକତାର ସମନ୍ୱୟରେ ହିଁ ଜୀବନ ସୁନ୍ଦର, ସାର୍ଥକ ଓ ଆନନ୍ଦମୟ ହୋଇଥାଏ । ଅନ୍ୟର ମଙ୍ଗଳରେ ନିଜର ଅବଦାନ ରଖିପାରିବା ହିଁ ଜୀବନର ସର୍ବୋତ୍ତମ ସାର୍ଥକତା ।

♥ ଆଇନଜୀବୀ,
ଫ୍ଲାଟ ନମ୍ବର - ୩୦୫
ନନ୍ଦିଘୋଷ ଆପାର୍ଟମେଣ୍ଟ,
କମାପଲ୍ଲୀ-ଗୋଇଲୁଣ୍ଡି ରୋଡ଼
ପୋଷ୍ଟ : ବ୍ରହ୍ମପୁର
ଗଞ୍ଜାମ, (ଓଡ଼ିଶା)
ମୋ: ୯୪୩୯୯୭୯୯୬୬

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
୨୦ ସେପ୍ଟେମ୍ବର ୨୦୨୬
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

# ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ

## ଦିଲ୍ଲୀପ କୁମାର ସାହୁ



ସେ ଥିଲେ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ। ଆଶ୍ଚର୍ଯ୍ୟ ଲାଗୁଥିବ ନିଶ୍ଚୟ। ଗୋଟିଏ ରାଜ୍ୟର ପୁଣି ପ୍ରଧାନମନ୍ତ୍ରୀ ! ହଁ ରାଜ୍ୟମାନଙ୍କର ମୁଖ୍ୟଙ୍କୁ ପ୍ରଧାନମନ୍ତ୍ରୀ କୁହାଯାଉଥିଲା। ୧୯୩୫ ମସିହାରେ ଇଂରେଜ ସରକାର ଭାରତୀୟ ମାନଙ୍କୁ କିଛି କ୍ଷମତା ଦେବାପାଇଁ ଏକ ଆଇନ ପ୍ରଣୟନ କଲେ। ତା ପରଠାରୁ ରାଜ୍ୟ ଓ କେନ୍ଦ୍ରରେ ସରକାର ଗଠନ ପାଇଁ ନିର୍ବାଚନ କରାଗଲା। ସେତେବେଳେ ଯେଉଁ ଦଳ ସଂଖ୍ୟା ଗରିଷ୍ଠତା ହାସଲ କରୁଥିଲା ସେହିଦଳର ନେତାମାନେ କେନ୍ଦ୍ରର ଓ ରାଜ୍ୟମାନଙ୍କର ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କରୁଥିଲେ। ଦେଶ ସ୍ୱାଧୀନ ହେବାପରେ ମଧ୍ୟ ଏହି ବ୍ୟବସ୍ଥା ଥିଲା। ୧୯୫୦ ମସିହା ଜାନୁଆରୀ ୨୬ ପରେ ଏହାର ପରିବର୍ତ୍ତନ ଘଟିଲା । ସେତେବେଳେ କେନ୍ଦ୍ରରେ କେବଳ ପ୍ରଧାନମନ୍ତ୍ରୀ ରହିଲେ। ରାଜ୍ୟ ମୁଖ୍ୟଙ୍କୁ କୁହାଗଲା ମୁଖ୍ୟମନ୍ତ୍ରୀ । ତେବେ ଆମରାଜ୍ୟର ସେହି ପ୍ରଥମ ପ୍ରଧାନମନ୍ତ୍ରୀ, ଯିଏ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଇଂରେଜ ସରକାରଙ୍କୁ ପ୍ରବର୍ତ୍ତାଇବା ନିମନ୍ତେ ତିନି ତିନି ଥର ଇଂଲଣ୍ଡ ଯାଇଥିଲେ । ଆଉ ସେହି ଗସ୍ତ ଖର୍ଚ୍ଚ ତୁଲାଇବା ପାଇଁ ନିଜ ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ କରିଥିଲେ, ସେ ହେଉଛନ୍ତି ପାରଳାଖେମୁଣ୍ଡିର ମହାରାଜା କୃଷ୍ଣଚନ୍ଦ୍ର ନାରାୟଣ ଗଜପତି ।

ଗଜପତି କୃଷ୍ଣଚନ୍ଦ୍ର ୧୮୯୨ ମସିହା ଏପ୍ରିଲ ୨୨ ତାରିଖରେ ଜନ୍ମଗ୍ରହଣ କରିଥିଲେ। ସେଥିଲେ ରାଜା ଗୌରଚନ୍ଦ୍ର ଦେବ ଓ ରାଣୀ ବିଷ୍ଣୁପ୍ରିୟା ଦେବୀଙ୍କର ଜ୍ୟେଷ୍ଠ ପୁତ୍ର । ରାଜପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ବିଳାସ ବ୍ୟସନ ପ୍ରତି ତାଙ୍କର ରୁଚି ନଥିଲା । ନିଜ ରାଜଉଆସରେ ସେ ତାଙ୍କର ବାଲ୍ୟ ଶିକ୍ଷା ଶେଷ କରିଥିଲେ। ଏହାପରେ ଅଧିକ ପଢିବା ନିମନ୍ତେ ତାଙ୍କୁ ମାନ୍ଦ୍ରାଜ ବା ଆଜିକାର ଚେନ୍ନାଇ ସହରକୁ ଯିବାକୁ ପଡିଥିଲା। ସେ ଥିଲେ ଦକ୍ଷିଣ ଓଡ଼ିଶାର ପ୍ରଥମ ସ୍ନାତକ ବା ଗ୍ରାଜୁଏଟ। ୧୯୧୩ ମସିହାରେ ସେ ପାରଳାଖେମୁଣ୍ଡି ଫେରିଆସିଥିଲେ । ସେତେବେଳକୁ ପିତା ଗୌରଚନ୍ଦ୍ରଙ୍କର ଦେହାନ୍ତ ହୋଇସାରିଥିଲା। ତେଣୁ କୃଷ୍ଣଚନ୍ଦ୍ରଙ୍କୁ ରାଜ୍ୟଭାର ଗ୍ରହଣ କରିବାକୁ ପଡିଲା । ସେ ଖରସୁଆଁ ରାଜ୍ୟର ରାଜଜେମା ନଳିନୀ ଦେବୀଙ୍କୁ ବିବାହ କରିଥିଲେ । ନଳିନୀ ଦେବୀ ଦୁଇଟି ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇ ଅଳ୍ପ ବୟସରେ ମୃତ୍ୟୁବରଣ କରିଥିଲେ। ପତ୍ନୀଙ୍କ ମୃତ୍ୟୁପରେ କୃଷ୍ଣଚନ୍ଦ୍ର ଆଉ ଦ୍ୱିତୀୟ ବିବାହ ନକରି ରାଜ୍ୟ ସେବାରେ ଜୀବନ ଉତ୍ସର୍ଗ କରିଥିଲେ।

ଛାତ୍ରାବସ୍ଥାରୁ କୃଷ୍ଣଚନ୍ଦ୍ର ନିଜ ଅଞ୍ଚଳର ଶିକ୍ଷାର ବିକାଶ ପାଇଁ ଚିନ୍ତା କରିଆସୁଥିଲେ। ତାଙ୍କ ବାପା ୧୮୯୬ ମସିହାରେ ପାରଳାଖେମୁଣ୍ଡିରେ ଏକ ମହାବିଦ୍ୟାଳୟ ସ୍ଥାପନ କରିଥିଲେ । ଅର୍ଥର ଅଭାବ ଆଳରେ ଇଂରେଜ ସରକାର ମହାବିଦ୍ୟାଳୟକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ବିରୁଦ୍ଧରେ କୃଷ୍ଣଚନ୍ଦ୍ର ସ୍ୱର ଉତ୍ତୋଳନ କରିବାରୁ ସରକାର ସେହି ନିଷ୍ପତ୍ତିରୁ ଓହରି ଯିବାକୁ ବାଧ୍ୟ ହୋଇଥିଲେ। ତାହା ଥିଲା ଓଡ଼ିଶାର ସର୍ବପୁରାତନ ମହାବିଦ୍ୟାଳୟ ମାନଙ୍କ ମଧ୍ୟରୁ ଅନ୍ୟତମ। ଏବେ ତାହା ଓଡ଼ିଶା ସରକାରଙ୍କ ପରିଚାଳନାଧୀନ। ଶିକ୍ଷାର ବିକାଶ ପାଇଁ କୃଷ୍ଣଚନ୍ଦ୍ର ନିଜ ରାଜ୍ୟରେ ଅନେକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଥିଲେ। ସଂସ୍କୃତ ଶିକ୍ଷାର ପ୍ରସାର ପାଇଁ ଗୋଟିଏ ସଂସ୍କୃତ ବିଦ୍ୟାଳୟ ସ୍ଥାପନ କରିଥିଲେ । ପରବର୍ତ୍ତୀ ସମୟରେ ତାହା ଏକ ମହାବିଦ୍ୟାଳୟରେ ପରିଣତ ହୋଇଥିଲା । ନାରୀ ଶିକ୍ଷାର ପ୍ରସାର ପାଇଁ ସେ ଗୋଟିଏ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ବାଳିକା ମାନଙ୍କ ମନରେ ପାଠ ପଢିବା ନିମନ୍ତେ ଆଗ୍ରହ ସୃଷ୍ଟି ପାଇଁ ସେ ଛାତ୍ରୀମାନଙ୍କୁ ଶାଢୀ ଓ ଗହଣା ପୁରସ୍କାର ଦେଉଥିଲେ। ନିଜ ଅଞ୍ଚଳକୁ ଛାଡି ଅନ୍ୟାନ୍ୟ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ମଧ୍ୟ କୃଷ୍ଣଚନ୍ଦ୍ର ଅନୁଦାନ ଦେଉଥିଲେ। ମଣିଷ ତିଆରି କାରଖାନା ବୋଲାଉଥିବା ସତ୍ୟବାଦୀ ବକୁଳବନ ବିଦ୍ୟାଳୟ ଛାତ୍ରାବାସ ନିର୍ମାଣ ପାଇଁ ସେ ଅର୍ଥ ଯୋଗାଇ ଦେଇଥିଲେ। ଅର୍ଥ ଅଭାବରୁ ପାଠ ଛାଡୁଥିବା ମେଧାବୀ ଛାତ୍ର ଛାତ୍ରୀଙ୍କ ପାଇଁ ସେ ଛାତ୍ରବୃତ୍ତିର ବ୍ୟବସ୍ଥା କରିଥିଲେ। ବିଜ୍ଞାନ ପଢୁଥିବା ଛାତ୍ରମାନଙ୍କୁ ଇଣ୍ଟରମିଡିଏଟ ଶିକ୍ଷା ପରେ ଇଞ୍ଜିନିୟରିଂ, ଡାକ୍ତରୀ ଓ ପ୍ରାଣୀ ଚିକିତ୍ସା ବିଜ୍ଞାନ ପଢିବା ନିମନ୍ତେ ରାଜକୋଷରୁ ଅର୍ଥ ଦେଇ ବାହାରକୁ ପଠାଉଥିଲେ।

ପାରଳାଖେମୁଣ୍ଡି ଏକ କୃଷିପ୍ରଧାନ ଅଞ୍ଚଳ ହୋଇଥିବାରୁ କୃଷ୍ଣଚନ୍ଦ୍ର ଜଳସେଚନର ସୁବିଧା ପାଇଁ ବାରଶହରୁ ଅଧିକ ପୋଖରୀ ଖୋଳାଇଥିଲେ। ଫଳରେ ଏତେ ଧାନ ଅମଳ ହେଲାଯେ ଲୋକେ ପାରଳାଖେମୁଣ୍ଡିକୁ ଉତ୍କଳର ଭାତହାଣ୍ଡି କହିବାକୁ ଲାଗିଲେ। ନିଜ ଖର୍ଚ୍ଚରେ ଗୁଣୁପୁରଠାରୁ ପାରଳାଖେମୁଣ୍ଡିକୁ ଏକ ନ୍ୟାରୋଗଜ ରେଳପଥ ନିର୍ମାଣ କରି ଯାତାୟତର ବିକାଶ କରିଥିଲେ କୃଷ୍ଣଚନ୍ଦ୍ର। ନିଜ ରାଜମହଲରେ ଏକ ଛାପାଖାନା ପ୍ରତିଷ୍ଠା କରି କବି ଓ ଲେଖକ ମାନଙ୍କ ଲେଖା ଛାପିବାର ବ୍ୟବସ୍ଥା କରିଥିଲେ ସେ । ଏହାଦ୍ୱାରା ଓଡ଼ିଆ ଭାଷା ସାହିତ୍ୟର ବିକାଶ ଅନେକାଂଶରେ ହୋଇପାରିଥିଲା। କଳାର ବିକାଶ ପାଇଁ ପାରଳାଖେମୁଣ୍ଡିରେ କୃଷ୍ଣଚନ୍ଦ୍ର ଏକ ସ୍ଥାୟୀ ପ୍ରେକ୍ଷାଳୟ ପ୍ରତିଷ୍ଠା କରିଥିଲେ। ତାଙ୍କର ଲକ୍ଷଥିଲା ପ୍ରଜାମାନଙ୍କର ସର୍ବାଙ୍ଗୀନ ଉନ୍ନତି।

ଇଂରେଜମାନେ ଓଡ଼ିଶା ଅଧିକାର କରିବାପରେ ଓଡ଼ିଆ ଭାଷା ତାର ଅସ୍ତିତ୍ୱ ହରାଇବାକୁ ଆରମ୍ଭ କଲା କୋର୍ଟ କଚେରୀ ଓ ସରକରୀ ଦପ୍ତର ମାନଙ୍କରେ ପଡୋଶୀ ଭାଷା ଯେପରିକି ବଙ୍ଗଳୀ, ତେଲୁଗୁ ଆଦିରେ ସରକାରୀ କାର୍ଯ୍ୟ ପରିଚାଳିତ ହେଲା। ଏହା କୃଷ୍ଣଚନ୍ଦ୍ରଙ୍କୁ ଖୁବ୍ ବାଧୁଥିଲା । ତେଣୁ ମଧୁସୂଦନ ଦାସଙ୍କ ଆହ୍ୱାନରେ ଆରମ୍ଭ ହୋଇଥିବା ଭାଷା ଆନ୍ଦୋଳନକୁ ସେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ତାଙ୍କ ଅନୁରୋଧ କ୍ରମେ ୧୯୧୪ ମସିହାରେ ପାରଳାଖେମୁଣ୍ଡି ଠାରେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ଆୟୋଜିତ ହୋଇଥିଲା । ଏହି ଅଧିବେଶନରେ ସେ କେବଳ ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ନୁହେଁ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଆନ୍ଦୋଳନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହା ମଧୁବାବୁ, ଗୋପବନ୍ଧୁ , ଫକୀରମୋହନ ଆଦିଙ୍କ ମନକୁ ଖୁବ୍ ପାଇଥିଲା । ତାପରଠାରୁ କେବଳ ସ୍ୱତନ୍ତ୍ର ଭାଷା ନୁହେଁ ସ୍ୱତନ୍ତ୍ର ଭାଷା ଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଆରମ୍ଭ ହୋଇଥିଲା ଆନ୍ଦୋଳନ।

ଭାରତୀୟ ବିଧି ବ୍ୟବସ୍ଥାରେ ସଂସ୍କାର ଆଣିବାପାଇଁ ୧୯୨୭ରେ ସାଇମନ କମିଶନ ଭାରତ ଆସିଥିଲେ । ତାଙ୍କୁ ସବୁ ମହଲରେ ବିରୋଧ କରାଯାଉଥିଲା। କିନ୍ତୁ କୃଷ୍ଣଚନ୍ଦ୍ର ତାଙ୍କୁ ସ୍ୱାଗତ କରିବାସହିତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ। ଫଳରେ ସାଇମନ ସାହେବ ଏହି ପ୍ରସଙ୍ଗକୁ ବ୍ରିଟିଶ ପାର୍ଲିଆମେଣ୍ଟରେ ଉତ୍ଥାପନ କରିଥିଲେ। ବିହାର ଓଡ଼ିଶା ସରକାରଙ୍କ ପ୍ରତିନିଧି ଭାବରେ ୧୯୩୦ ମସିହାରେ ଇଂଲଣ୍ଡ ଯାତ୍ରାକରି ସେଠାରେ ଆୟୋଜିତ ଭାରତ ସ୍ୱାଧୀନତା ସମ୍ପର୍କୀୟ ଗୋଲଟେବୁଲ ବୈଠକରେ କୃଷ୍ଣଚନ୍ଦ୍ର ଯୋଗ ଦେଇଥିଲେ । ସେହି ବୈଠକରେ ମଧ୍ୟ ସେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପ୍ରସଙ୍ଗ ଉଠାଇଥିଲେ। ଫଳରେ ଆନ୍ଦୋଳନ ସପକ୍ଷରେ ମତ ପ୍ରକାଶ ପାଇଥିଲା ଓ ଉତ୍କଳ ପ୍ରଦେଶର ସୀମା ନିର୍ଦ୍ଧାରଣ ନିମନ୍ତେ ଏକ କମିଟି ଗଠନ କରାଗଲା। କେଉଁକେଉଁ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବା ଆବଶ୍ୟକ ଏ ସମ୍ପର୍କରେ, କମିଟି ନିକଟରେ ତଥ୍ୟ ପ୍ରଦାନ ନିମନ୍ତେ, ମଧୁବାବୁଙ୍କ ଅନୁରୋଧ କ୍ରମେ କୃଷ୍ଣଚନ୍ଦ୍ର ନିଜ ଖର୍ଚ୍ଚରେ ୧୯୩୩ ମସିହାରେ ଇଂଲଣ୍ଡ ଯାତ୍ରା ଚରିଥିଲେ। କମିଟିର ରିପୋର୍ଟ ଯେତେବେଳେ ପ୍ରକାଶ ପାଇଲା ସେଥିରେ ପାରଳାଖେମୁଣ୍ଡି ଓ ଜୟପୁର ଜମିଦାରୀ ନଥିବାରୁ କୃଷ୍ଣଚନ୍ଦ୍ର ଖୁବ୍ ବ୍ୟଥିତ ହୋଇପଡିଲେ। ପୁନର୍ବାର ସେ ଇଂଲଣ୍ଡ ଯାତ୍ରା କରି କମିଟି ଆଗରେ ନିଜର କ୍ଷୋଭ ପ୍ରକାଶ କଲେ । ଫଳରେ କମିଟି ତାଙ୍କ ରିପୋର୍ଟ କୁ ପୁନଃବିଚାର କରି ପାରଳାଖେମୁଣ୍ଡି ଓ ଜୟପୁରକୁ ଓଡ଼ିଶା ଅନ୍ତର୍ଭୁକ୍ତ କରିଥିଲେ । ନହେଲେ ସେହି ଦୁଇ ଓଡ଼ିଆ ଭାଷା ଭାଷି ଅଞ୍ଚଳକୁ ଆମେ ହରାଇ ବସିଥାନ୍ତେ। କୃଷ୍ଣଚନ୍ଦ୍ର ଗଜପତି ବାରମ୍ୱାର ଇଂଲଣ୍ଡ ଯାତ୍ରା କରିବାଦ୍ୱାରା ଗୁରୁତର ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ସେଥିପାଇଁ ତାଙ୍କୁ ରାଜମହଲର ଅନେକ ସୁନା ଅଳଙ୍କାର ବିକ୍ରି କରିବାକୁ ପଡିଥିଲା।


୧୮୩୬ ମସିହା ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେଲା। ସାରାରାଜ୍ୟରେ ଆନନ୍ଦର ଲହରୀ ଖେଳିଗଲା। ସରକାର ଗଠନ ପାଇଁ ୧୯୩୭ ମସିହାରେ ନିର୍ବାଚନ ହେଲା। ନିର୍ବାଚନରେ କଂଗ୍ରେସ ବହୁମତ ପାଇଥିଲେ ମଧ୍ୟ ସରକାର ଗଠନରୁ ଓହରିଗଲା। ତେଣୁ କୃଷ୍ଣଚନ୍ଦ୍ର ଗଜପତିଙ୍କ ନେତୃତ୍ୱ ରେ ମିଳିତ ସରକାର ଗଠିତ ହେଲା। କୃଷ୍ଣଚନ୍ଦ୍ର ହେଲେ ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ। ସେ ଏହି ଦାୟିତ୍ୱରେ ମାତ୍ର ସାଢେ ତିନିମାସ ରହିଥିଲେ । ସେହିବର୍ଷ ଜୁଲାଇ ୧୮ ତାରିଖରେ ତାଙ୍କ ମନ୍ତ୍ରୀମଣ୍ଡଳ ଭାଙ୍ଗିଯାଇଥିଲା। ପୁନଶ୍ଚ ସେ ୧୯୪୧ ମସିହା ନଭେମ୍ବର ୨୪ ତାରିଖରୁ ୧୯୯୪ ମସିହା ଜୁନ୍ ୩୦ ତାରଖଯାଏ ଏହି ପଦ ମଣ୍ଡନ କରିଥିଲେ। ପ୍ରଧାନମନ୍ତ୍ରୀ ଭାବରେ କୃଷ୍ଣଚନ୍ଦ୍ର ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷିର ବିକାଶ ଦିଗରେ ଦୃଢ ପଦକ୍ଷେପ ନେଇଥିଲେ। (ଅବଶିଷ୍ଟାଂଶ ପୃଷ୍ଠା ୭ରେ)



ବ୍ୟକ୍ତି ଓ ବ୍ୟକ୍ତିତ୍ୱ

# ଚିକିତ୍ସାର ଚିରଚଳମାନ କରିଡରରେ ଏକ ଦୀପ୍ତିମାନ ଦିଗଦର୍ଶୀ : ଡା. ଗୌରୀଶଙ୍କର ଷଡ଼ଙ୍ଗୀ

## ଡ. ଗୋଲକ ବିହାରୀ ଆଚାର୍ଯ୍ୟ





### ଦେବଦୂତ ଡାକ୍ତର : ଦୟାର ଦୀପ୍ତ ଦିଶା

'ଡାକ୍ତରୀ ଦୈବୀ ଦାୟିତ୍ୱ, ଦୁଃଖଦଗ୍ଧ ଦେହ ଓ ଦୁର୍ବଳ ଦିଲକୁ ଦୟା, ଦକ୍ଷତା ଓ ଦୃଢ଼ ବିଶ୍ୱାସର ଦୀପ୍ତିରେ ଦିଗଦର୍ଶନ ଦେବାର ଦିବ୍ୟ ଧର୍ମ। ଆଲୋପାଥିର ଅମୂଲ୍ୟ ଅନୁକମ୍ପା ଅସୁସ୍ଥଙ୍କୁ ଅଭୟ ଓ ଆଶ୍ୱାସନ ଅର୍ପଣ କରେ। କିନ୍ତୁ ଯେତେବେଳେ ମାନବସେବାର ମହନୀୟ ମନୋଭାବ ମୁନାଫାର ମୋହରେ ମଳିନ ହୁଏ, ସେତେବେଳେ ସମଗ୍ର ଚିକିତ୍ସା ବ୍ୟବସ୍ଥାର ମର୍ଯ୍ୟାଦା ମଧ ମ୍ଳାନ ହୋଇଯାଏ। ଏପରି ପରିପ୍ରେକ୍ଷୀରେ ପରୋପକାର, ପବିତ୍ରତା ଓ ପେଶାଗତ ପ୍ରତିବଦ୍ଧତାର ପ୍ରତୀକ କିଛି ଆଦର୍ଶ ଡାକ୍ତରଙ୍କୁ ପ୍ରକାଶପଥରେ ପ୍ରତିଷ୍ଠିତ କରିବାର ଏହି ପ୍ରୟାସ ଏକ ପ୍ରଶଂସନୀୟ ପଦକ୍ଷେପ। ସେମାନଙ୍କର ପ୍ରେରଣାଦାୟକ ପଦଚିହ୍ନ ପରବର୍ତ୍ତୀ ପିଢ଼ି ପାଇଁ ପଥପ୍ରଦର୍ଶକ ପ୍ରଦୀପ ହୋଇ ରହିବ।'

ଚିକିତ୍ସା କେବଳ ଏକ ବୃତ୍ତି ନୁହେଁ; ଏହା ଜ୍ଞାନ, ଜୀବନ ଓ ଜନସେବାର ଏକ ନିରନ୍ତର ଯାତ୍ରା। କେହି ଡାକ୍ତର ଚିକିତ୍ସାକୁ ବୃତ୍ତି ଭାବେ ଗ୍ରହଣ କରନ୍ତି, କେହି ବିଶେଷଜ୍ଞତାକୁ ଜୀବିକାର ପରିଚୟ କରନ୍ତି; ଆଉ କେତେକ ବିରଳ ଚିକିତ୍ସକ ନିଜର ଜ୍ଞାନ, ଜୀବନାନୁଭବ, ଜନସମ୍ପୃକ୍ତି ଓ ଜୀବନ୍ତ ଜିଜ୍ଞାସା ଦ୍ୱାରା ନିଜେ ଏକ ଅନୁଷ୍ଠାନରେ ପରିଣତ ହୁଅନ୍ତି। ଡା. ଗୌରୀଶଙ୍କର ଷଡ଼ଙ୍ଗୀ ସେହି ବିରଳ ବର୍ଗର ଜଣେ ଚିକିତ୍ସକ।

କଳିଙ୍ଗନଗରସ୍ଥିତ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲର ନ୍ୟୁରୋସାଇନ୍ସ ବିଭାଗର ସିନିୟର କନ୍ସଲ୍ଟାଣ୍ଟ ଭାବେ ସେ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କର ଶିକ୍ଷାଗତ ଯୋଗ୍ୟତା—**MBBS, MS (General Surgery) I M.Ch. (Neurosurgery)**। **MKCG** ମେଡିକାଲ୍ କଲେଜରୁ **MBBS**, ବୁର୍ଲା **VSS** ମେଡିକାଲ୍ କଲେଜରୁ **General Surgery**ରେ **MS** ଏବଂ କଟକ **SCB** ମେଡିକାଲ୍ କଲେଜରୁ **Neurosurgery**ରେ **M.Ch.** ହାସଲ କରିଛନ୍ତି। ଟାଟା ଷ୍ଟିଲ୍ ମେଡିକାରେ ଯୋଗଦାନ ପୂର୍ବରୁ **IMS & SUM Hospital**ରେ ପ୍ରାୟ ଏକ ଦଶନ୍ଧି ଧରି **Associate Professor** ଭାବେ ଶିକ୍ଷାଦାନ ଓ ଚିକିତ୍ସାସେବା କରିଛନ୍ତି। ତାଙ୍କ ବିଶେଷ କାର୍ଯ୍ୟକ୍ଷେତ୍ର ମଧ୍ୟରେ **spine** ଓ **trauma surgery** ଗୁରୁତ୍ୱପୂର୍ଣ୍ଣ। **Tata Steel Medica – Dr. Gouri Shankar Sarangi** କିନ୍ତୁ ଏକ ଜୀବନୀରେ ଡିଗ୍ରୀ ଲେଖାଯାଇପାରେ, ପଦପଦବୀ ଲିପିବଦ୍ଧ ହୋଇପାରେ, ଅନୁଭବର ବର୍ଷ ଗଣାଯାଇପାରେ; ଜଣେ ଚିକିତ୍ସକଙ୍କ ମନର ମଣିଷଟିକୁ କିନ୍ତୁ କେବଳ ଜୀବନୀ ଦ୍ୱାରା ଚିହ୍ନିବା ସମ୍ଭବ ନୁହେଁ।

**ଥକି ନ ଥିବା ଚିକିତ୍ସକ:**

ଡା. ଷଡ଼ଙ୍ଗୀଙ୍କ ବ୍ୟକ୍ତିତ୍ୱର ସବୁଠାରୁ ଉଲ୍ଲେଖନୀୟ ପାର୍ଶ୍ୱ ହେଉଛି—ଅନୁଭବ ତାଙ୍କୁ ଥକିବା ଶିଖାଇନାହିଁ; ବରଂ ଅଧିକ ଅନୁଭବୀ କରିଛି। ବୟସ ତାଙ୍କୁ ବିରତ କରିନାହିଁ; ବରଂ ବିବେକୀ କରିଛି।

ପ୍ରଶାସନିକ ପଦରୁ ଅବସର ନେବା ପରେ ମଧ ତାଙ୍କ ଚିକିତ୍ସାଜୀବନରେ ଅବସର ଆସିନାହିଁ। ହାତରେ ଲାପଟପ୍, ମନରେ ଅବିରତ ଜିଜ୍ଞାସା ଓ ପାଦରେ ନିରନ୍ତର ଗତି—ଆଜି ମଧ ସେ ହସ୍ପିଟାଲର କରିଡରରେ ଚାଲିଚାଲି ରୋଗୀ ଦେଖନ୍ତି, ମାମଲା ଅନୁଧାନ କରନ୍ତି, ଔଷଧ ସମ୍ପର୍କରେ ଖୋଜନ୍ତି ଓ ନୂଆ ଜ୍ଞାନ ଆହରଣ କରନ୍ତି।ଏହି ଦୃଶ୍ୟଟି ନିଜେ ଏକ ଶିକ୍ଷା। ଅବସର ପଦରୁ ହୋଇପାରେ, ପେଶାରୁ ନୁହେଁ; ଚାକିରିରୁ ହୋଇପାରେ, ଚିକିତ୍ସାଧର୍ମରୁ ନୁହେଁ।ଆଧୁନିକ ଚିକିତ୍ସାବିଜ୍ଞାନ ଏକ ସ୍ଥିର ଜ୍ଞାନ ନୁହେଁ। ନୂଆ ଔଷଧ, ନୂଆ ନିର୍ଣ୍ଣୟ ପଦ୍ଧତି, ନୂଆ ଚିକିତ୍ସା ପ୍ରୋଟୋକଲ୍ ଓ ନୂଆ ପ୍ରଯୁକ୍ତି ପ୍ରତିଦିନ ଚିକିତ୍ସାର ପରିସରକୁ ବଦଳାଉଛି। ତେଣୁ ଜଣେ ଅନୁଭବୀ ଚିକିତ୍ସକଙ୍କ ପାଇଁ ଅନୁଭବ ସହିତ ଅଦ୍ୟତନ ଜ୍ଞାନର ସମନ୍ୱୟ ହିଁ ପ୍ରକୃତ ସମ୍ପଦ। ଡା. ଷଡ଼ଙ୍ଗୀଙ୍କ ଜୀବନ ସେହି ସତ୍ୟର ଏକ ସଜୀବ ଉଦାହରଣ।

**ଅନୁଭବ ସହ ଅଦ୍ୟତନ ଜ୍ଞାନର ଅପୂର୍ବ ଅନ୍ୱୟ**

ଡା. ଷଡ଼ଙ୍ଗୀଙ୍କ ଚିକିତ୍ସା ପଦ୍ଧତି ସମ୍ପର୍କରେ ଯେଉଁ ଅନୁଭୂତି ମିଳେ, ତାହାର ମୂଳରେ ରହିଛି ଏକ ବିଶେଷ ଅଭ୍ୟାସ—ସେ କେବଳ ସ୍ମୃତି ଉପରେ ନିର୍ଭର କରନ୍ତି ନାହିଁ। ରୋଗୀ ତାଙ୍କ ନିକଟକୁ ଆସିଲେ ସେ ପ୍ରଥମେ ଶୁଣନ୍ତି, ପଚାରନ୍ତି, ପରୀକ୍ଷା କରନ୍ତି ଓ ରୋଗର ସ୍ୱରୂପ ବୁଝିବାକୁ ଚେଷ୍ଟା କରନ୍ତି। ଆବଶ୍ୟକତା ଅନୁଯାୟୀ ଔଷଧର ନାମ, ମାତ୍ରା, ପ୍ରୟୋଗ ଓ ଉପଯୋଗିତାକୁ ପୁଣି ଯାଞ୍ଚ କରନ୍ତି। ଏହା ଅନୁଭବ ପ୍ରତି ଅବିଶ୍ୱାସ ନୁହେଁ; ବରଂ ଅନୁଭବକୁ ଅଦ୍ୟତନ ଜ୍ଞାନରେ ଅଧିକ ସୁଦୃଢ଼ କରିବାର ଶୃଙ୍ଖଳା।

ତାଙ୍କ ଚିକିତ୍ସାର ଆଉ ଏକ ମାନବୀୟ ଦିଗ ହେଉଛି ରୋଗୀର ଆର୍ଥିକ ସାମର୍ଥ୍ୟ ପ୍ରତି ସଚେତନତା। ଔଷଧ ଦେବା ହିଁ ଲକ୍ଷ୍ୟ ନୁହେଁ; ରୋଗୀ ପାଇଁ ଉପଯୁକ୍ତ ଔଷଧ ସହିତ ତାହାର ଖର୍ଚ୍ଚ ମଧ ବିଚାର କରିବା ଜରୁରୀ—ଏହି ମାନବିକ ବୋଧ ତାଙ୍କ ଚିକିତ୍ସାଦର୍ଶନକୁ ଅଧିକ ଗଭୀର କରେ। କାରଣ ଚିକିତ୍ସାର ଅର୍ଥ କେବଳ ରୋଗକୁ ହରାଇବା ନୁହେଁ; ରୋଗୀକୁ ବୁଝିବା ମଧ।

**ବିଶେଷଜ୍ଞତାର ସୀମା ଡେଇଁ:**

ଡା. ଷଡ଼ଙ୍ଗୀଙ୍କ ସମ୍ପର୍କରେ ମିଳୁଥିବା ଅନୁଭୂତି ହେଉଛି—ତାଙ୍କର ଚିକିତ୍ସାଜ୍ଞାନ କେବଳ ନିଜ ବିଶେଷ ବିଭାଗର ସୀମାରେ ଆବଦ୍ଧ ନୁହେଁ। ବିଭିନ୍ନ ଜଟିଳ ଚିକିତ୍ସା ପରିସ୍ଥିତିକୁ ବୁଝିବା, ଅନ୍ୟ ବିଶେଷଜ୍ଞଙ୍କ ସହ ଆଲୋଚନା କରିବା ଓ ରୋଗୀର ସାମଗ୍ରିକ ସ୍ଥିତିକୁ ଅନୁଧାନ କରିବାର ଦକ୍ଷତା ତାଙ୍କୁ ସହକର୍ମୀ ଓ ରୋଗୀଙ୍କ ଆସ୍ଥାଭାଜନ କରିଛି। ଏଠାରେ ଅନ୍ୟ ବିଶେଷଜ୍ଞଙ୍କ ସହ ତାଙ୍କର ଔପଚାରିକ ତୁଳନା କରିବା ଆବଶ୍ୟକ ନୁହେଁ। ବରଂ ତାଙ୍କର ବହୁମୁଖୀ ଅନୁଭବର ଯେଉଁ ଦିଗଟି ଗୁରୁତ୍ୱପୂର୍ଣ୍ଣ, ତାହା ହେଉଛି—ରୋଗକୁ କେବଳ ଏକ ବିଭାଗର ଚକ୍ଷୁରେ ନୁହେଁ, ସମଗ୍ର ରୋଗୀର ଦୃଷ୍ଟିରେ ଦେଖିବା। ଅନେକ ସମୟରେ ଦେଖାଯାଏ ତାଙ୍କ ଅନୁଭୂତି ଏବଂ ଅନୁଧାନ ନିକଟରେ ଅନେକଙ୍କ **specialization** ଗୌଣ ।

ଟାଟା ଷ୍ଟିଲ୍ ମେଡିକା ଏକ ବହୁବିଭାଗୀୟ ହସ୍ପିଟାଲ ଭାବେ **General Medicine, General Surgery, Orthopaedics, Pediatrics, Gynecology, Radiology I Neuroscience** ଭଳି ବିଭାଗରେ ସେବା ପ୍ରଦାନ କରେ। **Tata Steel Medica – Departments** ଏପରି ପରିବେଶରେ ବିଭାଗୀୟ ସୀମାକୁ ଅତିକ୍ରମ କରି ସଂଳାପ ଓ ସମନ୍ୱୟର ଗୁରୁତ୍ୱ ଅନସ୍ୱୀକାର୍ଯ୍ୟ। ସବୁ ପ୍ରକାରର ରୋଗୀ ଜଣଙ୍କ ନିକଟକୁ ଦ୍ୱିଧାହୀନଭାବେ ଆସି ସେବା ଏବଂ ମାନସିକ ଶାନ୍ତିର ସହ ଫେରିବା ବୋଧେ ଡାକ୍ତର ଷଡ଼ଙ୍ଗୀଙ୍କ ସାମର୍ଥ୍ୟ ।

**ଲେବର୍ ରୁମ୍‌ର ସେହି ଅବିସ୍ମରଣୀୟ ମୁହୂର୍ତ୍ତ:**

ଡା. ଷଡ଼ଙ୍ଗୀଙ୍କ ସାମର୍ଥ୍ୟର ଏକ ଜୀବନ୍ତ ଚିତ୍ର ଆଙ୍କିଦିଏ ଏକ ଅବିସ୍ମରଣୀୟ ଘଟଣା। ଯେଉଁଦିନ ଏହି ଲେଖକ ତାଙ୍କୁ ଅନୁଧାନ କରିବାକୁ ସେଠାରେ ଉପସ୍ଥିତ ଥିଲା, ହସ୍ପିଟାଲର ଲେବର୍ ରୁମ୍‌ରେ ଜଣେ ମହିଳା ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ପରିବାର ଲୋକଙ୍କ ମୁହଁରେ ଆତଙ୍କ। ଚିକିତ୍ସକମାନଙ୍କ ସମ୍ମୁଖରେ ଏକ ଜଟିଳ ପ୍ରସବ ପରିସ୍ଥିତି। ଶିଶୁର ଶରୀରର ଏକ ଅଂଶ ବାହାରକୁ ଆସିଥିଲା, କିନ୍ତୁ ପ୍ରସବ ପ୍ରକ୍ରିୟା ସ୍ୱାଭାବିକ ଭାବେ ଆଗକୁ ବଢୁନଥିଲା। ଠିକ୍ ସେହି ଉତ୍କଣ୍ଠାର ମୁହୂର୍ତ୍ତରେ ଡା. ଷଡ଼ଙ୍ଗୀ ପହଞ୍ଚିଲେ।ତାଙ୍କ ଆଗମନ ମାତ୍ରେ ପରିବେଶରେ ଏକ ଆଶ୍ୱାସନର ଆଭା ଫୁଟିଉଠିଲା। ଭୟ ମଧ୍ୟରେ ଭରସା, ଉଦ୍‌ବେଗର ମଧ୍ୟରେ ଆଶା ଫୁଟିଲା। ସେ ପରିସ୍ଥିତିକୁ ଅନୁଧାନ କରି ନିଜେ ଚିକିତ୍ସା ପ୍ରକ୍ରିୟାରେ ଯୋଗଦେଲେ। ଶେଷରେ ଶିଶୁଟି ସଫଳତାର ସହ ଜନ୍ମ ନେଲା ଏବଂ ଆତଙ୍କର ସ୍ଥାନ ନେଲା ଆନନ୍ଦ। କିନ୍ତୁ ଏହି ଘଟଣାର ମହତ୍ତ୍ୱ କେବଳ ଫଳାଫଳରେ ନୁହେଁ। ଏକ ଜଟିଳ ପରିସ୍ଥିତିରେ ଜଣେ ଅନୁଭବୀ ଚିକିତ୍ସକ କିପରି ଆତଙ୍କକୁ ଆତ୍ମବିଶ୍ୱାସରେ, ଅସ୍ଥିରତାକୁ ଆଶ୍ୱାସନରେ ଓ ଅସହାୟତାକୁ ଆଶାରେ ପରିଣତ କରିପାରନ୍ତି, ଏହି ଘଟଣା ତାହାର ଏକ ଉଜ୍ଜ୍ୱଳ ଉଦାହରଣ।ପରେ ଯେତେବେଳେ ଜଣେ ଡାକ୍ତରଙ୍କୁ ପଚାରିବାରେ—'ଏହା କିପରି ସମ୍ଭବ ହେଲା ?' ଉତ୍ତରଟି ଥିଲା ଅତ୍ୟନ୍ତ ଅର୍ଥବହ—"ଆମେ ତାଙ୍କଠାରୁ ଶିଖିଛୁ; ଏବେ ମଧ ତାଙ୍କଠାରୁ ଶିଖୁଛୁ।" ଜଣେ ଚିକିତ୍ସକଙ୍କ ପରିଚୟ ପାଇଁ ଏହାଠାରୁ ବଡ଼ ପ୍ରମାଣପତ୍ର ଆଉ କ'ଣ ହୋଇପାରେ ?

**ଶିକ୍ଷକ—ଶ୍ରେଣୀକକ୍ଷ ବାହାରେ ମଧ:**

ଜଣେ ଭଲ ଡାକ୍ତର ରୋଗୀକୁ ଚିକିତ୍ସା କରନ୍ତି; ଜଣେ ମହତ୍ ଡାକ୍ତର ଅନ୍ୟ ଡାକ୍ତରଙ୍କ ମଧ୍ୟରେ ନିଜ ଜ୍ଞାନର ଆଲୋକ ଛାଡ଼ିଯାଆନ୍ତି।**IMS & SUM Hospital**ରେ **Associate Professor** ଭାବେ ତାଙ୍କର ପ୍ରାୟ ଦଶବର୍ଷର ଅଭିଜ୍ଞତା ଏହି ପ୍ରସଙ୍ଗରେ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। **Tata Steel Medica – Dr. Gouri Shankar Sarangi** ଚିକିତ୍ସା ଶିକ୍ଷା କେବଳ ଶ୍ରେଣୀକକ୍ଷ, ପାଠ ଓ ପରୀକ୍ଷାରେ ସୀମିତ ନୁହେଁ। ଜଣେ ଯୁବ ଡାକ୍ତର ତାଙ୍କ ବରିଷ୍ଠଙ୍କଠାରୁ ଶିଖନ୍ତି—ରୋଗୀ ସହ କିପରି କଥା ହେବା, ଜଟିଳ ରୋଗକୁ କିପରି ବୁଝିବା, ସନ୍ଦେହର ସମୟରେ କିପରି ନିଷ୍ପତ୍ତି ନେବା, ଚାପରେ କିପରି ସ୍ଥିର ରହିବା ଏବଂ ସବୁଠାରୁ ବଡ଼ କଥା, ଚିକିତ୍ସକ ଭାବେ କିପରି ମଣିଷ ହୋଇ ରହିବା। ଏହି ଅର୍ଥରେ ଡା. ଷଡ଼ଙ୍ଗୀ ଆଜି ମଧ ଜଣେ ଶିକ୍ଷକ।

**କେନ୍ଦ୍ରରୁ ଦୂରେ, କର୍ତ୍ତବ୍ୟର ନିକଟରେ:**

ଡା. ଷଡ଼ଙ୍ଗୀଙ୍କ ଜୀବନର ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଦିଗ ହେଉଛି ପ୍ରାନ୍ତୀୟ ଅଞ୍ଚଳରେ ଚିକିତ୍ସାସେବା ପ୍ରତି ତାଙ୍କର ଆଗ୍ରହ।

ତାଙ୍କ ଭଳି ଯୋଗ୍ୟତା ଓ ଅନୁଭବ ଥିବା ଜଣେ ଚିକିତ୍ସକ ବଡ଼ ସହରର ବଡ଼ ପ୍ରତିଷ୍ଠାନକୁ ନିଜ କର୍ମକ୍ଷେତ୍ର କରିପାରିଥାନ୍ତେ। କିନ୍ତୁ ତାଙ୍କର ମନୋଭାବରେ ପ୍ରାନ୍ତ ଓ ପ୍ରତିଷ୍ଠାନର ଦୂରତା ଅପେକ୍ଷା ରୋଗୀ ଓ ଚିକିତ୍ସକଙ୍କ ନିକଟତା ଅଧିକ ମହତ୍ତ୍ୱପୂର୍ଣ୍ଣ।

ଆଧୁନିକ ଚିକିତ୍ସାସେବାର ସୁଯୋଗ ବଡ଼ ସହରରେ ଅଧିକ କେନ୍ଦ୍ରୀଭୂତ ହେବା ସ୍ୱାଭାବିକ। ଏପରି ସ୍ଥିତିରେ ଅନୁଭବୀ ଚିକିତ୍ସକଙ୍କ ପ୍ରାନ୍ତୀୟ ଅଞ୍ଚଳରେ ଉପସ୍ଥିତି ଏକ ସେତୁର କାମ କରିପାରେ—ବିଶେଷଜ୍ଞ ଚିକିତ୍ସା ଓ ସାଧାରଣ ଲୋକଙ୍କ ମଧ୍ୟରେ ସେତୁ।

**ଯନ୍ତ୍ରଯୁଗରେ ମାନବୀୟ ହାତର ମହତ୍ତ୍ୱ:**

ଆଧୁନିକ ଚିକିତ୍ସାରେ ପ୍ରଯୁକ୍ତିର ଭୂମିକା ଅପରିସୀମ। ଅତ୍ୟାଧୁନିକ ଯନ୍ତ୍ର, ଇମେଜିଂ, ଲାବରେଟୋରି ଓ ଡିଜିଟାଲ୍ ତଥ୍ୟ ଚିକିତ୍ସାକୁ ଅଧିକ ସଠିକ୍ ଓ ସମ୍ଭାବନାମୟ କରିଛି। କିନ୍ତୁ ଯନ୍ତ୍ର ଚିକିତ୍ସକଙ୍କ ନିଷ୍ପତ୍ତିକୁ ସହାୟତା କରିପାରେ; ଚିକିତ୍ସକଙ୍କ ଅନୁଭବ, ବିବେକ ଓ ମାନବୀୟ ସ୍ପର୍ଶକୁ ସମ୍ପୂର୍ଣ୍ଣ ପ୍ରତିସ୍ଥାପିତ କରିପାରେ ନାହିଁ।

ଡା. ଷଡ଼ଙ୍ଗୀଙ୍କ ବ୍ୟକ୍ତିତ୍ୱରେ ଏହି ମାନବୀୟ ସ୍ପର୍ଶଟି ସ୍ପଷ୍ଟ। ସୀମିତ ସୁବିଧା, ସାଧନର ସ୍ୱଳ୍ପତା କିମ୍ବା ପରିସ୍ଥିତିର ପ୍ରତିକୂଳତା ତାଙ୍କୁ ଅସହାୟ କରେନାହିଁ। ସେ ଭରସା କରନ୍ତି ନିଜ ଜ୍ଞାନରେ, ନିଜ ଅନୁଭବରେ, ନିଜ ବିଚାରଶକ୍ତିରେ ଓ ଶଲ୍ୟଚିକିତ୍ସାରେ ନିଜ ହାତର ଦକ୍ଷତାରେ। ଏହା ଆଧୁନିକତାକୁ ଅସ୍ୱୀକାର ନୁହେଁ; ବରଂ ଆଧୁନିକତାକୁ ମାନବୀୟ ବିବେକ ସହ ସମନ୍ୱୟ କରିବାର ଏକ ଦୃଷ୍ଟି।

**ଅହଂକାରହୀନ ଅଭିଜ୍ଞତା:**

ଜ୍ଞାନ ବଢ଼ିଲେ ଅହଂକାର ବଢ଼ିବା ଜରୁରୀ ନୁହେଁ। ବରଂ ପ୍ରକୃତ ଜ୍ଞାନ ମଣିଷକୁ ଅଧିକ ବିନମ୍ର କରେ। ଡା. ଷଡ଼ଙ୍ଗୀଙ୍କ ସମ୍ପର୍କରେ ଜଣଙ୍କ ଅନୁଭବର ସବୁଠାରୁ ସୁନ୍ଦର ପାର୍ଶ୍ୱଟି ହେଉଛି ତାଙ୍କର ଅହଂକାରହୀନ ଅଭିଜ୍ଞତା। ରୋଗୀ ତାଙ୍କ ସମ୍ମୁଖରେ ଆସିଲେ ସେ ତାଙ୍କ ସହ ବସନ୍ତି, ଶୁଣନ୍ତି, ପଚାରନ୍ତି, ବୁଝନ୍ତି। ରୋଗୀ କେବଳ ଏକ 'କେସ୍' ନୁହେଁ; ସେ ଜଣେ ମଣିଷ। ତାଙ୍କର ଭୟ ଅଛି, ବ୍ୟଥା ଅଛି, ଆଶା ଅଛି, ଆର୍ଥିକ ସୀମା ଅଛି। ତେଣୁ ଚିକିତ୍ସକ-ରୋଗୀ ସମ୍ପର୍କ ଔଷଧର ପ୍ରେସକ୍ରିପସନ୍‌ରୁ ଆରମ୍ଭ ହୁଏନାହିଁ; ସେ ଆରମ୍ଭ ହୁଏ ଶୁଣିବାରୁ।

**କର୍ପୋରେଟ୍ ହସ୍ପିଟାଲର କରିଡରରେ ଏକ ଦୀପ୍ତିମାନ ଉପସ୍ଥିତି**

ଡ଼ ଷଡ଼ଙ୍ଗୀଙ୍କ ନାମ ପଛରେ ଥିବା ଡିଗ୍ରୀର ସଂଖ୍ୟା ତାଙ୍କ କାହାଣୀର ସବୁଠାରୁ ବଡ଼ ଅଂଶ ନୁହେଁ। ବଡ଼ କଥା ହେଉଛି—ତାଙ୍କ ପ୍ରତିବଦ୍ଧତାର ଅବିଚ୍ଛିନ୍ନତା। ସରକାରୀ ପ୍ରତିଷ୍ଠାନରୁ କର୍ପୋରେଟ୍ ହସ୍ପିଟାଲ, ଶିକ୍ଷାଦାନରୁ ଶଲ୍ୟଚିକିତ୍ସା, ଅବସରରୁ ପୁନଃ ସକ୍ରିୟ ଚିକିତ୍ସା—ତାଙ୍କ ଜୀବନଯାତ୍ରାର ପ୍ରତ୍ୟେକ ପର୍ବ ଗୋଟିଏ କଥା କହେ: ଚିକିତ୍ସା ତାଙ୍କ ପାଇଁ ଚାକିରି ନୁହେଁ, ଜୀବନର ଏକ ଅନୁଷ୍ଠାନ। ସେହି କାରଣରୁ ହୁଏତ ହସ୍ପିଟାଲର କରିଡରରେ ଲାପଟପ୍ ହାତରେ ତାଙ୍କୁ ଚାଲିଯାଉଥିବା ଦେଖିଲେ ତାହା କେବଳ ଜଣେ ଡାକ୍ତରଙ୍କ ଗତି ଲାଗେନାହିଁ; ଲାଗେ ଜଣେ ଚିରଶିକ୍ଷାର୍ଥୀଙ୍କ ଯାତ୍ରା।

ଡ଼ ଷଡ଼ଙ୍ଗୀ ସମ୍ଭବତଃ ସେଇଥିପାଇଁ ଯାଜପୁରରୋଡର ଅର୍ଦ୍ଧ ଶତାବ୍ଦୀର ବାସିନ୍ଦା। ପ୍ରତି ପରିବାରର 'ପଡ଼ୋଶୀ' - ଆତ୍ମୀୟ । କଳିଙ୍ଗନଗର ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି - ଜଣେ ଦରଦୀ ସମାଜସେବୀ । ଆହା, ବିରଳ ଏହି ବ୍ୟକ୍ତିତ୍ୱଙ୍କ ସ୍ୱାଭିମାନ ଏବଂ ମାନବିକତା ଭରା ଅଭିମାନ ।

**ଉପସଂହାର :**

ଯେତେବେଳେ ଚିକିତ୍ସା ଜୀବନଧର୍ମରେ ପରିଣତ ହୁଏ ଜଣେ ଡାକ୍ତରଙ୍କ ସଫଳତାକୁ ଡିଗ୍ରୀ, ପଦବୀ, ପ୍ରତିଷ୍ଠା, ବର୍ଷ ବର୍ଷର ଅଭିଜ୍ଞତା କିମ୍ବା ଚିକିତ୍ସାର ସଂଖ୍ୟାରେ ମାପିହେବ। କିନ୍ତୁ ଜଣେ ମହତ୍ ଚିକିତ୍ସକଙ୍କ ସଫଳତା ଆଉ ଏକ ଜାଗାରେ ଲେଖାଥାଏ— ମଣିଷଙ୍କ ସ୍ମୃତିରେ 'ସଙ୍କଟରେ ଆସି ଯିଏ ଆଶା ଦିଅନ୍ତି। ଭୟଭୀତ ପରିବାରକୁ ଯିଏ ଭରସା ଦିଅନ୍ତି। କନିଷ୍ଠ ଡାକ୍ତରଙ୍କୁ ଯିଏ ଜ୍ଞାନ ଦିଅନ୍ତି। ନିଜ ଅନୁଭବ ଥିଲେ ମଧ ଯିଏ ନୂଆ ତଥ୍ୟ ଖୋଜିବାରେ ଦ୍ୱିଧା କରନ୍ତି ନାହିଁ।ରୋଗୀର ରୋଗ ସହିତ ତାଙ୍କ ରୋଜଗାର ଓ ରୋଜଗାରର ସୀମାକୁ ମଧ ଯିଏ ବୁଝନ୍ତି।


ପଦପ୍ରତିଷ୍ଠା ଅପେକ୍ଷା ପରିଚର୍ଯ୍ୟାକୁ ଏବଂ ପ୍ରଶଂସା ଅପେକ୍ଷା ପ୍ରତିବଦ୍ଧତାକୁ ଯିଏ ଅଧିକ ମୂଲ୍ୟ ଦିଅନ୍ତି।' ଏହି ସବୁ ଗୁଣ ମିଶି ଡା. ଗୌରୀଶଙ୍କର ଷଡ଼ଙ୍ଗୀଙ୍କ ବ୍ୟକ୍ତିତ୍ୱକୁ ଗଢ଼ିଛି।

ଆଜିର ଯନ୍ତ୍ରନିର୍ଭର, ପ୍ରଯୁକ୍ତିପ୍ରବଣ ଓ କର୍ପୋରେଟ୍ ଚିକିତ୍ସାଯୁଗରେ ତାଙ୍କ ଜୀବନ ଆମକୁ ଏକ ସରଳ କିନ୍ତୁ ସାରଗର୍ଭିତ ସତ୍ୟ ମନେ ପକାଇଦିଏ—ଚିକିତ୍ସାର ମୂଳରେ ଏବେ ମଧ ଜ୍ଞାନ, ଅଭିଜ୍ଞତା, ବିନମ୍ରତା, ବିବେକ, କରୁଣା ଓ ସେବା ହିଁ ରହିଛି। ତେଣୁ ଡା. ଗୌରୀଶଙ୍କର ଷଡ଼ଙ୍ଗୀଙ୍କୁ କେବଳ ଜଣେ ଦକ୍ଷ ଚିକିତ୍ସକ ଭାବେ ଦେଖିଲେ ତାଙ୍କର ସମଗ୍ରତା ଧରାପଡ଼େ ନାହିଁ। ସେ ଜଣେ ଅନୁଭବୀ ଅନ୍ୱେଷକ, ଅହଂକାରହୀନ ଶିକ୍ଷକ, ଅବିରତ ଶିକ୍ଷାର୍ଥୀ ଓ ମାନବିକ ଚିକିତ୍ସକ। ତାଙ୍କ ହାତରେ ଲାପଟପ୍—ନୂଆ ଜ୍ଞାନର ସନ୍ଧାନ ପାଇଁ; ତାଙ୍କ ମନରେ ଅନୁଭବ—ଜଟିଳତାକୁ ଜୟ କରିବା ପାଇଁ; ତାଙ୍କ ହୃଦୟରେ ମଣିଷ—ଚିକିତ୍ସାକୁ ମାନବୀୟ କରିବା ପାଇଁ। ଅନୁଭବ ତାଙ୍କୁ ଶିଖାଇଛି ଥମିଯିବାକୁ ନୁହେଁ, ଆହୁରି ଶିଖିବାକୁ। ସେଥିପାଇଁ ଆଧୁନିକ ଚିକିତ୍ସାର ଦୀର୍ଘ କରିଡରରେ ଡା. ଗୌରୀଶଙ୍କର ଷଡ଼ଙ୍ଗୀ ନିଶ୍ଚୟ ଏକ ଦୀପ୍ତିମାନ ଦିଗଦର୍ଶୀ—ଜଣେ ଡାକ୍ତର, ଯାହାଙ୍କ ଜୀବନ ନିଜେ ଅନ୍ୟ ଡାକ୍ତରଙ୍କ ପାଇଁ ଏକ ଜୀବନ୍ତ ପାଠ।

♥ କେଶଦୂରାପାଳ
କେନ୍ଦୁଝର- ୭୫୮୦୨୫
(ମୋ)୯୯୩୮୧୭୫୧୦୦

## ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

# ସମାଜ ସେବାରେ ଜୀବନର ସାର୍ଥକତା



ମାନବଜାତିକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲେ ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର । ମାନବଜାତିର କଲ୍ୟାଣ ପାଇଁ ସେ ବହୁ ଉପଦେଶ ଦେଇଯାଇଛନ୍ତି । ମଣିଷର ଜୀବନ ଈଶ୍ୱର ଓ ଅନ୍ୟମାନଙ୍କ ସେବା ଲାଗି ଉଦ୍ଦିଷ୍ଟ ବୋଲି ସେ କହୁଥିଲେ । ସମାଜ ସେବାରେ ହିଁ ମଣିଷ ଜୀବନର ସାର୍ଥକତା । ବୃକ୍ଷଲତା, ପଶୁପକ୍ଷୀ ଆଦି ସହଜାତ ଭାବେ କେବଳ ନିଜ ପାଇଁ ଜୀବନଧାରଣ କରନ୍ତି । ତଥାପି ମଣିଷ ସେମାନଙ୍କ ଦ୍ୱାରା ଉପକୃତ ହୁଏ । ନିଜ ଅଜାଣତରେ ସେମାନେ ମଣିଷର ଉପକାର କରିଥାଆନ୍ତି । ମଣିଷ ସ୍ଥାନ ସେମାନଙ୍କ ଠାରୁ ଉପରେ । ସେବା ପାଇଁ ମଣିଷର ଜନ୍ମ । ତେବେ ଆଜିର ମଣିଷ ନିଜର କର୍ତ୍ତବ୍ୟ ଦଗରେ ସଚେତନ ନୁହେଁ । ଅହଂଭାବ ଓ ସ୍ୱାର୍ଥପରତା ଯୋଗୁଁ ଆଜି ଆମେ ବସୁଧୈବ କୁଟୁମ୍ବକମ୍ ଆଦର୍ଶକୁ ଭୁଲିଗଲେଣି । ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଧାତ୍ମିକ ମାର୍ଗଦର୍ଶନ ଦେଇ କହିଛନ୍ତି – 'ଯାହା ବୃଦ୍ଧି ପ୍ରାପ୍ତ ହୋଇ ଯାହାକିଛି ହୋଇ ମଧ ତାହା ହିଁ ରହିଛି – ତାହା ହିଁ ବ୍ରହ୍ମ । ଜଗତର ସମସ୍ତ ଐଶ୍ୱର୍ଯ୍ୟ ଜାଣିବା, ଭଲ ପାଇବା ଓ କର୍ମ – ଯାହାଙ୍କ ଭିତରେ ସହଜ – ଉତ୍ସାରିତ, ଆଉ ଯାହାଙ୍କ ପ୍ରତି ଆସକ୍ତିରେ ମଣିଷର ବିଚ୍ଛିନ୍ନ ଜୀବନ ଓ ଜଗତର ସମସ୍ତ ବିରୋଧର ଚରମ ସମାଧାନ ଲାଭହୁଏ – ସେ ହିଁ ମଣିଷର ଭଗବାନ । ଭଗବାନଙ୍କୁ ଜାଣିବା ମାନେ ହିଁ ସମସ୍ତଟାକୁ ବୁଝିବା ବା ଜାଣିବା।' ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର କହିଛନ୍ତି, ଅର୍ଥ, ମାନ, ଯଶ ଆଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ । ତୁମ ଭିତରେ ଠାକୁରତ୍ୱ ଜାଗ୍ରତ ନହେଲେ, କେହି ତୁମର କେନ୍ଦ୍ର ନୁହଁନ୍ତି। ଠାକୁର ବି ନୁହଁନ୍ତି, ଫାଙ୍କି ଦେଲେ ତାହା ହିଁ ପାଇବ। ବନ୍ଧୁ ଅସତ୍ ହେଲେ ବି ତ୍ୟାଗ କରନାହିଁ । ଅନ୍ତରରେ ଶ୍ରଦ୍ଧା ରଖି ବିପଦଆପଦ ବେଳେ କାୟୋମନୋବାକ୍ୟରେ ସାହାଯ୍ୟ କର, ଆଉ ସେ ଅନୁତପ୍ତ ହେଲେ ଆଲିଙ୍ଗନ କର। ଶ୍ରୀ ଶ୍ରୀ ଠାକୁର ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । କାରଣ ସମସ୍ତେ ପରମାତ୍ମାଙ୍କ ସତ୍ତାର ଅଂଶ । ତେଣୁ ସମସ୍ତେ ସମସ୍ତଙ୍କୁ ଭଲପାଇବା ଉଚିତ । ଏହା ଦ୍ୱାରା ସମାଜରେ ଶାନ୍ତି ପ୍ରତିଷ୍ଠିତ ହେବ । ଧରାପୃଷ୍ଠରେ କରୁଣାମୟ ପୁରୁଷୋତ୍ତମ ପୂତ ଆର୍ଯ୍ୟ ଭୂମି ଭାରତବର୍ଷରେ ଆବିର୍ଭାବ ହୋଇ ନିଃସ୍ପ୍ରାଣକୁ ପ୍ରାଣନଶୀଳ, ଦୁଷ୍ଟକୁ ଶିଷ୍ଟ, ନିକୃଷ୍ଟକୁ ଉତ୍କୃଷ୍ଟ, ଅଖ୍ୟାତକୁ ବିଖ୍ୟାତ, ପଙ୍ଗୁକୁ ଗିରିଲଙ୍ଘନ, ଦଗ୍ଧ ପ୍ରାଣକୁ ସ୍ନିଗ୍ଧ, ମୂର୍ଖକୁ ଜ୍ଞାନୀ, ଦୂରାତ୍ମାକୁ ଧର୍ମାତ୍ମା ଓ ସତ୍ତାକୁ ସଚ୍ଚିଦାନନ୍ଦମୟ କରି ତୋଳି ବିଶ୍ୱ ବକ୍ଷରେ ଏକ ଅଭିନବ ଲୀଳା ରଚନା କରିଛନ୍ତି । ଆଜି ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପବିତ୍ର ଆର୍ବିଭାବ ମହୋତ୍ସବ । ଯୁଗେ ଯୁଗେ ବିଶ୍ୱସତ୍ତାକୂଳର ପରମ ଉଦ୍ଧାତା ବିଶ୍ୱବରେଣ୍ୟ ପ୍ରିୟ ପରମ ପୁରୁଷୋତ୍ତମ ତାଙ୍କର ଅଭିନବ ଲୀଳା ରଚନା କରି ସୃଷ୍ଟି ରହସ୍ୟ ଉଦ୍‌ଘାଟନ କରାଇବା ପାଇଁ ନର ତନୁରେ ଆଗମନୀ ବାର୍ତ୍ତା ନେଇ ମାଟିର ପୃଥିବୀକୁ ଓହ୍ଲାଇ ଆସନ୍ତି, ମାଟିର ମଣିଷଟିଏ ହୋଇ। ସେଇ ଭାଗ୍ୟ ବିଧାତା କରୁଣାମୟ ପୁରୁଷୋତ୍ତମ ଏହି ଧରାପୃଷ୍ଠରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନାମ ବହନ କରି ୧୮୮୮ ମସିହା ଏହି ପୂତ ଆର୍ଯ୍ୟ ଭୂମି ଭାରତବର୍ଷରେ ଆବିର୍ଭାବ ହୋଇ ବିଶ୍ୱ ବକ୍ଷରେ ଏକ ଅଭିନବ ଲୀଳା ରଚନା କରିଛନ୍ତି। ତାଙ୍କର ମହାନ ବାଣୀ – 'ମରନା, ମାରନା ଯଦି ପାର ମୃତ୍ୟୁକୁ ଅବଲୁପ୍ତ କର, ଏହି ଦିଗଦର୍ଶନ ଏକବିଂଶ ଶତାବ୍ଦୀର ମାନବ ସମାଜକୁ ପରିଚାଳନା କରିବ।

♥ *ପ୍ରତିରିତ୍ଧିକ ଓ ଅବସର ପ୍ରାପ୍ତ*
*ବିଭାଗୀୟ ମୁଖ୍ୟ ହେପାଟୋଲୋଜି ବିଭାଗ,*
*କଟକ ବଡ଼ମେଡ଼ିକାଲ,*
*ମୋ : ୯୪୩୭୦୫୧୯୫୭*

# ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ଓ ଦୌଡକୁଦ ପ୍ରତିଯୋଗିତା ଉଦ୍‌ଘାଟିତ

ବାଲିଆପାଳ , ୧୯/୯ (ନି.ପ୍ର): ବସ୍ତା ବ୍ଲକ ଜାମଶୂଳି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇ ଦିନ ଧରି ହେବାକୁ ଥିବା ବ୍ଲକ ସ୍ତରୀୟ ବିଦ୍ୟାଳୟ ସମୂହ ଖେଳ ଓ ଦୌଡ କୁଦ ପ୍ରତିଯୋଗିତା ଶନିବାର ର ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମିହିର କୁମାର ଦାସ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବରେ ପୂର୍ବତନ କ୍ରୀଡା ସମ୍ପାଦକ ସୁଧାଂଶୁ କୁମାର ବିଶ୍ୱାଳ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରୁହ୍ୟା ଟୁଡୁ,ଯୋଗଦେଇ ପତାକା ଉତ୍ତୋଳନ ଓ ମଶାଳ ଜଳାଇ




କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରତ୍ୟେକ ଜୁନରୁ ଶହେ କୋଡ଼ିଏ ଲେଖାଏଁ ଛାତ୍ରଛାତ୍ରୀ ଭାଗନେଇଥିବା ବେଳେ ଚାରୋଟି ଜୁନରୁ ସର୍ବମୋଟ ଚାରି ଶହ ଅଶୀ ଛାତ୍ରଛାତ୍ରୀ ବିଭିନ୍ନ ଖେଳରେ ଅଂଶ ଗ୍ରହଣ କରିଥିଲେ। ଖୋ-ଖୋ,ଚେସ, ଯୋଗ, କ୍ରିକେଟ, ବ୍ୟାଡମିଣ୍ଟନ, ଫୁଟବଲ,ଭଲିବଲ ପ୍ରଭୃତି ଖେଳ ଅନୁଷ୍ଠିତ ହୋଇଛି। ଅନ୍ୟ ଖେଳ ଗୁଡ଼ିକ ଆସନ୍ତା କାଲି ଖେଳା ଯିବ ବୋଲି ବ୍ଲକ କ୍ରୀଡା ସଂଘର ସମ୍ପାଦକ ପ୍ରାଣକୃଷ୍ଣ ନାୟକ ସୂଚନା ପ୍ରଦାନ କରିଛନ୍ତି। ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଜାମଶୂଳି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମି ମାରାଣ୍ଡି,ସିଂଲା ସରପଞ୍ଚ ବିପିନ କୁମାର ବିଶ୍ୱାଳ,ପୁଟୁରା ସରପଞ୍ଚ ରାଧାକୃଷ୍ଣ ବେହେରା, ଆଦର୍ଶ ପ୍ରଧାନ ଶିକ୍ଷୟିତ୍ରୀ ସୁନାଲି ଜେନା, ଭାଗ୍ୟଶ୍ରୀ ଜେନା, ଜେନାଲ ସିଂ ,ଅଜୟ କୁମାର ପାତ୍ର,ରାଜେଶ କୁମାର ସେଠୀ ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ଦାସ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ସୁଦାମ ଚରଣ ନାୟକ ବେଦପାଠ ଓ ଶିକ୍ଷୟିତ୍ରୀ ସୁମି ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡା ସଂଘ ସଭାପତି ସାରସ୍ୱତ ସାହୁ, ଯୁଗ୍ମ ସମ୍ପାଦକ ସତ୍ୟରଞ୍ଜନ ପାତ୍ର, ରାଜକିଶୋର ବାରିକ, ସୁନାରାମ ସିଂ, ରୀତାରାଣୀ ମହାପାତ୍ର, ଅନ୍ନପୂର୍ଣ୍ଣା ଦେ, ମହେନ୍ଦ୍ର ବେହେରା, ରଞ୍ଜିତା ସାହୁ, ସଂଯୁକ୍ତା ବିଶ୍ୱାଳ,ସାଇ ସୌରଭ ପଣ୍ଡା,ବିଜୟ କୃଷ୍ଣ ପ୍ରଧାନ,ବିପିନ ବେହେରା,ଶୁଭମ ବେହେରା, ଜୟନ୍ତ ଗିରି, ସୁଶାନ୍ତ କୁମାର ବାରିକ, ପ୍ରଦୀପ୍ତ କିଶୋର ଆଚାର୍ଯ୍ୟ, ଚିତ୍ତରଞ୍ଜନ ଗିରି, କରୁଣାକର ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱାଭିମାନର ସହ ଜୀବନ ବଂଚୁଥିବା ମଣିଷ ନିଜ ପାଇଁ ପ୍ରମାଣ ଯୋଗାଡ଼ ପସନ୍ଦ କରୁ ନାହାଁନ୍ତି ସ୍ୱାଧିନତା ସଂଗ୍ରାମୀ

ଉଦଳା , ୧୯/୯ (ନି.ପ୍ର): ଦେଶକୁ ସ୍ୱାଧିନ କରିବା ପାଇଁ ଚାଲିଥିବା ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିବା କିନ୍ତୁ ଜେଲ ଯାଇନଥିବା ସଂଗ୍ରାମୀ ମାନଙ୍କ ପାଇଁ ମଧ ସରକାର ସାମାଜିକ ସୁରକ୍ଷା ଯୋଜନାରେ ଭତା ଘୋଷଣା କରିଛନ୍ତି। ସେମାନଙ୍କ ମଧ୍ୟରୁ ଏବେ ଅଳ୍ପ କେତେଜଣ ଜୀବିତ ଥିବା କଥା ଶୁଣିବାକୁ ମିଳୁଛି। ସ୍ୱାଭିମାନର ସହ ଜୀବନ ବଂଚୁଥିବା ଏହିସବୁ ମଣିଷ ମାନେ ନିଜକୁ ସ୍ୱାଧିନତା ସଂଗ୍ରାମୀ ବୋଲି ଚିହ୍ନେଇ ହେବା ପାଇଁ ପ୍ରମାଣ ଯୋଗାଡ଼ ପସନ୍ଦ କରୁନାହାଁନ୍ତି । ପ୍ରମାଣ ଅଭାବରୁ ଏହିସବୁ ଅଣବନ୍ଦୀ ସ୍ୱାଧିନତା ସଂଗ୍ରାମୀ ମାନେ ଭତା ପାଇବାରୁ ବଂଚିତ ଥିବାର କଥା ଚର୍ଚ୍ଚା ହେଉଛି । ଗୋପବନ୍ଧୁନଗର ବ୍ଲକର



ଶିଳଘାଟି ପଂଚାୟତ ଅନ୍ତର୍ଗତ ହୁଡ଼ିସାହି ଗ୍ରାମର ବାସିନ୍ଦା ସନ୍ତୋଷ ରଣା ଜଣେ ଅଣବନ୍ଦି ସ୍ୱାଧିନତା ସଂଗ୍ରାମୀ ଅଟନ୍ତି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ବର୍ତମାନ ତାଙ୍କର ବୟସ ୯୦ବର୍ଷ ଛୁଇଁଯାଇଥିବା ବେଳେ ଆଧାର ଓ ଭୋଟ ପରିଚୟପତ୍ରରେ ବୟସ କମ୍ ଦର୍ଶାଯାଇଥିବାର ଅଭିଯୋଗ ହେଉଛି । ସନ୍ତୋଷ ରଣାଙ୍କ ମାମୁଁ ସ୍ୱର୍ଗତଃ ଜଗନ୍ନାଥ କମିଳା ଜଣେ ସ୍ୱାଧିନତା ସଂଗ୍ରାମୀ ଥିଲେ ଓ ଗିରଫ ହୋଇ ବହୁବାର ଜେଲ ଯାଇଥିଲେ । ମାମୁଁଙ୍କ ସହିତ ପିଲାଦିନେ ସ୍ୱାଧିନତା ଆନ୍ଦୋଳନ ପାଇଁ ଚାଲୁଥିବା ବୈଠକରେ ଯୋଗଦେଉଥିବା ଯୋଗୁଁ ସନ୍ତୋଷ ପୋଲିସ ନଜରରେ ରହୁଥିଲେ । ଏପରିକି ପୋଲିସ ବାରମ୍ବାର ଗିରଫ କରି ତାଙ୍କୁ ହାଜତରେ ଭର୍ତି କରୁଥିବା କଥା ଶୁଣାଯାଏ । ଆଜି ବୟସ ହଟି ଯାଇଥିଲେ ମଧ ତାଙ୍କର ଚାଲି ଚଲଣ, ଆଚାର ବ୍ୟବହାର ସବୁକିଛିରେ ନିର୍ଭିକତାର ଠାଣି ସହିତ ସ୍ୱାଭିମାନର ଛାପ ବେଶ ଭଲଭାବରେ ବାରିହୋଇ ପଡ଼େ । ତାଙ୍କ ସହିତ ବ୍ୟକ୍ତିଗତ ଭାବେ ମିଳାମିଶା ନକଲେ ଏହା ବୁଝିହେବ ନାହିଁ । କିନ୍ତୁ ସରକାରୀ ବାବୁ ମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଆବଶ୍ୟକ ପ୍ରମାଣ ଯୋଗାଡ଼ କରିପାରି ନଥିବାରୁ ସନ୍ତୋଷ ରଣା ସ୍ୱାଧିନତା ସଂଗ୍ରାମୀ ଭତା ପାଇବାରୁ ବଂଚିତ ଥିବାର କୁହାଯାଉଛି । ଏବେ ତାଙ୍କୁ ମାସିକ ୧ହଜାର ଟଙ୍କା ବାର୍ଦ୍ଧକ୍ୟ ଭତା ମିଳୁଥିବା ଜଣାଯାଇଛି । ଜିଲ୍ଲା ପ୍ରଶାସନ ଏହାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଲୋକ ସଂଗଠନ ଜନଜାଗୃତି ମଂଚର ସଦସ୍ୟ ମାନଙ୍କ ସମେତ ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି । ଘୋର ଅଭାବ ଅନାଟନ ମଧରେ ଦୁଃଖ ଓ ଯନ୍ତ୍ରଣାକୁ ସହି ଏବେ ଦିନ ବିତାଇବାକୁ ସନ୍ତୋଷ ରଣା ବାଧ ହେଉଛନ୍ତି ।

## ଆନ୍ତର୍ଜାତିକ ବେଳାଭୂମି ସ୍ୱଚ୍ଛତା ଦିବସ ପାଳିତ

ବାଲିଆପାଳ, ୧୯/୯ (ନି.ପ୍ର): ଆଜି ହେଉଛି ଆନ୍ତର୍ଜାତିକ ବେଳାଭୂମି ସ୍ୱଚ୍ଛତା ଦିବସ। ଏହି ଅବସରରେ ପର୍ଯ୍ୟଟକ ଓ ସାଧାରଣ ଲୋକଙ୍କୁ ବେଳାଭୂମି ସ୍ୱଚ୍ଛତା ନେଇ ସଚେତନ କରିବା ପାଇଁ ନିଜେ ହାତରେ ଝାଡୁ ଧରି ସଫେଇ କରିଛନ୍ତି ଭୋଗରାଇ ବିଡିଓ। ସୀମାନ୍ତ ଉଦୟପୁରରୁ ତାଳସାରୀ ପର୍ଯ୍ୟନ୍ତ ତଟବର୍ତ୍ତୀ ଅଞ୍ଚଳରେ ସ୍ଥାନୀୟ ଲୋକଙ୍କୁ ସାମିଲ କରାଯାଇ ସଫେଇ ସହ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଚଳିତବର୍ଷର ସନ୍ଦେଶ ରହିଛି "ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର"। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅଧୀନ ଉଦୟପୁର ବେଳାଭୂମିରେ ରେଞ୍ଜର ଶିଶିର ବେହେରା ଓ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଛି। ଏଥିରେ ବିଡିଓ, ସରପଞ୍ଚ, ସ୍ଥାନୀୟ ଏସ୍‌ଏଚ୍‌ଜି ସଦସ୍ୟା, ବ୍ଲକ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା ସାମିଲ ହୋଇ ବେଳାଭୂମିରେ ସଫେଇ କରିଥିଲେ,ସଫେଇ ଅଭିଯାନରେ ଭୋଗରାଇ ବିଡିଓ ନିଜେ ଝାଡୁ ଧରି ବେଳାଭୂମି ସଫା କରିବା ସହ ଲୋକଙ୍କୁ ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲେ। ସମୁଦ୍ର ଓ ବେଳାଭୂମିକୁ ପ୍ଲାଷ୍ଟିକ ଏବଂ ଅନ୍ୟାନ୍ୟ ଆବର୍ଜନାମୁକ୍ତ ରଖିବା ପାଇଁ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କୁ ସଚେତନ କରାଯାଇଥିଲା। ପରିବେଶର ସୁରକ୍ଷା ଓ ସନ୍ତୁଳନ ପାଇଁ ସମୁଦ୍ର ଏବଂ ବେଳାଭୂମିର ସ୍ୱଚ୍ଛତା ଅତ୍ୟନ୍ତ ଆବଶ୍ୟକ। କେବଳ ଗୋଟିଏ ଦିନ ସଫେଇ କରିଦେଲେ ହେବ ନାହିଁ, ବର୍ଷସାରା ବେଳାଭୂମିକୁ ସ୍ୱଚ୍ଛ ରଖିବା ସହ ଏନେଇ ଜନସାଧାରଣଙ୍କୁ ସଚେତନ କରିବା ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ କୁହାଯାଇଛି। ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ସେପଟ୍ଟେମ୍ବର ୧୭ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ନିଜ ଆଖପାଖ ଅଞ୍ଚଳକୁ ସଫା ରଖିବା ସହ ପରିବେଶର ସନ୍ତୁଳନ ବଜାୟ ରଖିବାରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ରହିଛି ବୋଲି ସଚେତନ କରାଯାଇଛି।

# ସେବା ସଂକଳ୍ପ ଅଭିଯାନ ଉପଲକ୍ଷେ ଗଡ ଖୋରଧା ରାଧାକୃଷ୍ଣ ମନ୍ଦିର ପରିସରରେ ଆଶୀର୍ବାଦର ଦୀପ କାର୍ଯ୍ୟକ୍ରମ

ଖୋରଧା , ୧୯/୯ (ନି.ପ୍ର): ସେବା ସଂକଳ୍ପ ଅଭିଯାନ ଉପଲକ୍ଷେ ସଦର ମହକୁମା ଗଡ ଖୋରଧା ରାଧାକୃଷ୍ଣ ମନ୍ଦିର ପରିସରରେ ଶକ୍ତି ଧାରା ଓ ଜିଲ୍ଲା ମିଶନ ଶକ୍ତି ମହାସଂଘ ଏବଂ ରାମ ରହିମ ମିଶନ ଶକ୍ତି ମହାସଂଘ ଆନୁକୂଲ୍ୟରେ ଏକମାସ ବ୍ୟାପି ଅନୁଷ୍ଠିତ ହେବାକୁ ଯାଉଥିବା ସେବା ସଂକଳ୍ପ ଅଭିଯାନ ୨୦୨୬ ଉପଲକ୍ଷେ ଆଜି ପ୍ରଥମ ଦିବସରେ ଆଶୀର୍ବାଦ ର ଦୀପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ମିଶନ ଶକ୍ତି ମହାସଂଘ ସଭାପତି ପଦ୍ମିନୀ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଆଶୀର୍ବାଦର ଦୀପ ଦାନ କରି ଜିଲ୍ଲାବାସୀ ଓ ସମଗ୍ର ଦେଶବାସୀଙ୍କ ମଙ୍ଗଳ କାମନା କରିଥିଲେ। ସେ



କହିଥିଲେ ଆଜି ଆଶୀର୍ବାଦ ର ଦୀପ ସିଖାରେ ସମସ୍ତଙ୍କ ମନରେ ଥିବା ଈର୍ଷା, ଗର୍ବ, ଅହଙ୍କାର ସହ ସମସ୍ତ ଅହଂଭାବ ଏବଂ ବିଯୁକ୍ତାତ୍ମକ ଭାବନା ଦୂର ହୋଇ ସମସ୍ତେ ଭଲ ମଣିଷ ହୋଇ ଜିଲ୍ଲା, ରାଜ୍ୟ ଓ ରାଷ୍ଟ୍ରର ନାମ ଟେକ ରଖନ୍ତୁ। ସମ୍ମାନିତ ଅତିଥି ଭାବେ ଅବକାରୀ ଅଧିକ୍ଷକ, ଖୋରଧା, ଶ୍ରୀମତୀ ସୁମତି ତ୍ରିପାଠୀ ଯୋଗଦେଇ ସମସ୍ତଙ୍କ ଜୀବନ ରୁ ଅନ୍ଧକାର ଦୂର ହୋଇ ଆଲୋକିତ ହେଉ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ବ୍ଲକ୍ ଉନ୍ନୟନ ଅଧିକାରୀ, ଖୋରଧା, ସିଦ୍ଧାର୍ଥ ପଟ୍ଟନାୟକ, ନିର୍ବାହୀ ଅଧିକାରୀ ପୌର ପରିଷଦ, ଖୋରଧା, କାବେରୀ ମୁଦୁଲି,ଡି ପି ସି, ମିଶନ ଶକ୍ତି, ପ୍ରେମଶ୍ରୀ ନାୟକ ଯୋଗ ଦେଇ ସେବା ସଂକଳ୍ପ ଅଭିଯାନ ଆଶୀର୍ବାଦ ର ଦୀପ କାର୍ଯ୍ୟକ୍ରମ ସମ୍ବନ୍ଧରେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଜିଲ୍ଲା ମିଶନ ଶକ୍ତି ମହାସଂଘ ସାଧାରଣ ସମ୍ପାଦକ ଅଞ୍ଜୁମାନ ଆରା ଧନ୍ୟବାଦ ପ୍ରଦାନ କରିଥିଲେ । ମନ୍ଦିର ପ୍ରାଙ୍ଗଣରେ ସହସ୍ରାଧିକ ମହିଳା ଆଶୀର୍ବାଦ ର ଦୀପ ଦାନ କରିଥିଲେ। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀ ବେଉରା ରାଧା କୃଷ୍ଣ ଙ୍କୁ ଦର୍ଶନ କରିବା ସହ ନିକଟରେ ଥିବା ଜଗନ୍ନାଥ ମନ୍ଦିର କୁ ଯାଇ ବିଗ୍ରହ ମାନଙ୍କୁ ଦର୍ଶନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, କାର୍ଯ୍ୟକ୍ରମ ପରିଚାଳିକା ସୌଦାମିନୀ ଦାଶଙ୍କ ସମେତ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଯୋଗ ଦେଇଥିଲେ ।

# ପଦ୍ମପୁର ଜୟକୃଷ୍ଣ କୃପାସିନ୍ଧୁ ହାଇସ୍କୁଲରେ ପୁରାତନ ଛାତ୍ରସଂସଦ ବୈଠକ

## ମହାସମାରୋହରେ ପାଳିତ ହେବ ଜୁବୁଲି ଉତ୍ସବ

ପଦ୍ମପୁର, ୧୯/୯ (ନି.ପ୍ର): ସ୍ଥାନୀୟ ପଦ୍ମପୁର ଜୟକୃଷ୍ଣ କୃପାସିନ୍ଧୁ ହାଇସ୍କୁଲ ପରିସରରେ ପୁରାତନ ଛାତ୍ରସଂସଦର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ରମାକାନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସମସ୍ତ ପୁରାତନ ଛାତ୍ରଛାତ୍ରୀଙ୍କୁ ଏକତ୍ରିତ କରି ଆଗାମୀ ଜୁବୁଲି ଉତ୍ସବକୁ ମହାଡମ୍ବରରେ ପାଳନ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମଞ୍ଚାସୀନ ଅତିଥି ଭାବେ ଅବସରପ୍ରାପ୍ତ ଜନମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିତ୍ୟାନନ୍ଦ ଦାସ, ଈଶ୍ୱରପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ



ସୁଧାଂଶୁ ଶେଖର ନାୟକ ଓ ସ୍ଥାନୀୟ ଅଭିଭାବକ ଉଗ୍ରସେନ ମହାନ୍ତି ଯୋଗଦେଇ ବିଦ୍ୟାଳୟର ସାମଗ୍ରିକ ବିକାଶ ଓ ଐତିହ୍ୟକୁ ବଜାୟ ରଖିବା ଦିଗରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ।ଏହି ବୈଠକରେ ଭର୍ଚୁଆଲ ମାଧ୍ୟମରେ ସୁଦୂର ଆମେରିକାରେ ଅବସ୍ଥାନ କରୁଥିବା ପୁରାତନ ଛାତ୍ର ଡକ୍ଟର ଅମୀୟ ରଜନ ନାୟକ ଓ ମୁମ୍ବାଇରୁ ଇଂ. ମନୋରଞ୍ଜନ ଦାସ ଯୋଡ଼ି ହୋଇ କାର୍ଯ୍ୟକ୍ରମର ସଫଳତା ପାଇଁ ନିଜର ମତାମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଉତ୍ତମ କୁମାର ରାଉତ, ରମାକାନ୍ତ ରାଉତ, ତପନ କୁମାର ନାୟକ, ସୁରେଶ ଚନ୍ଦ୍ର ପୁହାଣ, ଉମାକାନ୍ତ ମଲ୍ଲିକ, ବିକ୍ରମ କେଶରୀ ଦାସ, ମନୋରଞ୍ଜନ ସାହୁ, ଦୀପ୍ତିରଞ୍ଜନ ନାୟକ, ବନୋଜ କୁମାର ବେହେରା, ଡ. ବିଶ୍ୱରଂଜନ ଦାସ, ରଞ୍ଜନ କୁମାର ଦାସ, ପ୍ରତାପ ଚନ୍ଦ୍ର ନାୟକ, କୁସୁମ କୁମାର ନାୟକ, ସୁବାସ ଚନ୍ଦ୍ର ଦାଶ, ପ୍ରତାପ ରାୟ ଓ ସରପଞ୍ଚ ରାଜେନ୍ଦ୍ର ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଉତ୍ସବର ସୁପରିଚାଳନା ନିମନ୍ତେ ବିସ୍ତୃତ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଥିଲା। ମୁଖ୍ୟ କମିଟି ଓ ଉପ-କମିଟି ଗଠନ, ପ୍ରଧାନଶିକ୍ଷକ, ଶିକ୍ଷକ ବୃନ୍ଦ, ପୁରାତନ ଛାତ୍ର ଓ ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କୁ ନେଇ ମୂଳ କମିଟି ସହ ଅର୍ଥ, ସାଂସ୍କୃତିକ, ଅତିଥି ସତ୍କାର ଓ ପ୍ରଚାର ପାଇଁ ସ୍ୱତନ୍ତ୍ର ସବ୍-କମିଟି ଗଠନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏଥିସହିତ ସୋସିଆଲ ମିଡିଆ ଓ ଡିଜିଟାଲ ପ୍ଲାଟଫର୍ମ ଜରିଆରେ ବିଦେଶ ତଥା ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ପୁରାତନ ଛାତ୍ରଛାତ୍ରୀମାନଙ୍କୁ ସଂଯୋଗ କରାଯାଇ ପଞ୍ଜୀକରଣ କରାଯିବାକୁ ମତପ୍ରକାଶ ପାଇଥିଲା। ସମସ୍ତ କାର୍ଯ୍ୟକ୍ରମ ପାଇଁ ଆନୁମାନିକ ବଜେଟ୍ ପ୍ରସ୍ତୁତ କରାଯାଇ ପୁରାତନ ଛାତ୍ର ଓ ଦାତାମାନଙ୍କ ସହଯୋଗରେ ପାଣ୍ଠି ସଂଗ୍ରହ, ବିଶିଷ୍ଟ ଅତିଥିମାନଙ୍କୁ ଆମନ୍ତ୍ରଣ, ପ୍ରାକ୍ତନ ଓ କାର୍ଯ୍ୟରତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା, ଏକ ସ୍ୱତନ୍ତ୍ର ସ୍ମରଣିକା ପ୍ରକାଶନ, ଫଟୋ ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଶେଷରେ ମନୋରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶାର ପ୍ରଥମ ...

ତାଙ୍କ ଉଦ୍ୟମ ଯୋଗୁ ତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସମ୍ଭବ ହୋଇଥିଲା। ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ଦକ୍ଷିଣ ଓଡ଼ିଶାରେ ଏକ ଚିକିତ୍ସା ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସେ ଉଦ୍ୟମ ଆରମ୍ଭ କରିଥିଲେ। କୃଷ୍ଣଚନ୍ଦ୍ର ଗଜପତିଙ୍କର ଉଦ୍ୟମ କ୍ରମେ କଟକର ବିଦ୍ୟାଧରପୁରଠାରେ ପ୍ରତିଷ୍ଠିତ ଧାନ ଗବେଷଣାଗାର ଆଜି ଏସିଆ ମହାଦେଶର ସର୍ବବୃହତମ ଧାନ ଗବେଷଣା ପ୍ରତିଷ୍ଠାନର ଗୌରବ ଅର୍ଜନ କରିପାରିଛି । ପ୍ରଧାନମନ୍ତ୍ରୀ ଭାବରେ ସେ ଯାହା ଦରମା ପାଉଥିଲେ ସେହି ଅର୍ଥକୁ ସେ ଲୋକମାନଙ୍କ ମଙ୍ଗଳ ପାଇଁ ଖର୍ଚ୍ଚ କରୁଥିଲେ।

ସ୍ୱତନ୍ତ୍ର ଉତ୍କଳର ନବନିର୍ମାତା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ୧୯୭୪ ମସିହା ମେ ମାସ ୨୫ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ। ସେତେବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ବାର୍ଦ୍ଧକ୍ୟ ଜନିତ ରୋଗର ଶିକାର ହୋଇ ପାରଳାଖେମୁଣ୍ଡି ସ୍ଥିତ ନିଜ ବାସଭବନରେ ସେ ତାଙ୍କର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଉତ୍କଳ ଜନନୀ ହରାଇବସିଥିଲା ତାର ଜଣେ ସୁଯୋଗ୍ୟ ସନ୍ତାନଙ୍କୁ, ଯାହାଙ୍କ ପାଦରେ ଆମର ଶତଶତ ପ୍ରଣିପାତ।

♥ ଶଙ୍କରପୁର, ଚାରବାଟିଆ, କଟକ
ମୋ: ୭୦୭୭୨୦୬୯୭୭

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ତୀର୍ଥଯାତ୍ରା ପାଲଟିଲା...

ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କର ସଦ୍‌ଗତି କାମନା କରୁଛି। ଘଟଣା ସମ୍ପର୍କରେ ମଧ୍ୟପ୍ରଦେଶ ସରକାର ତଥା ସ୍ଥାନୀୟ ପ୍ରଶାସନ ସହିତ ନିରନ୍ତର ସମନ୍ୱୟ ରକ୍ଷା କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି। ଏପରି ଦୁଃଖଦ ମୁହୂର୍ତ୍ତରେ ରାଜ୍ୟ ସରକାର ଶୋକସନ୍ତପ୍ତ ପରିବାରବର୍ଗଙ୍କ ସହ ଦୃଢ଼ ଭାବରେ ଠିଆ ହୋଇଛନ୍ତି। ଏହି ଘଟଣାକୁ ନେଇ ଶୋକ ପ୍ରକାଶ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ମଧ୍ୟପ୍ରଦେଶର ଆଗର ମାଲୱାରେ ଘଟିଥିବା ଦୁର୍ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଉଦ୍ଧାର ଓ ବ୍ୟବଚ୍ଛେଦ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ପାର୍ଥିବ ଶରୀରକୁ ସସମ୍ମାନେ ଓଡ଼ିଶା ଫେରାଇ ଆଣିବା ଲାଗି ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି। ଏପରି ଦୁଃଖଦ ମୁହୂର୍ତ୍ତରେ ରାଜ୍ୟ ସରକାର ଶୋକସନ୍ତପ୍ତ ପରିବାରବର୍ଗଙ୍କ ସହ ଦୃଢ଼ ଭାବରେ ଠିଆ ହୋଇଛନ୍ତି। ଏହି ଘଟଣାକୁ ନେଇ ଶୋକ ପ୍ରକାଶ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ମଧ୍ୟପ୍ରଦେଶର ଆଗର ମାଲୱାରେ ଘଟିଥିବା ଦୁର୍ଘଟଣା ଅତ୍ୟନ୍ତ ଦୁଃଖଦାୟକ। ନିଜ ପ୍ରିୟଜନଙ୍କୁ ହରାଇଥିବା ପରିବାରବର୍ଗଙ୍କ ପ୍ରତି ମୁଁ ଗଭୀର ସମବେଦନା ଜଣାଉଛି। ପ୍ରତ୍ୟେକ ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ଫଣ୍ଡରୁ ୨ ଲକ୍ଷ ଟଙ୍କାର ଅନୁଗ୍ରହ ରାଶି ପ୍ରଦାନ କରାଯିବ। ଆହତମାନଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ।

### ଓଡ଼ିଶା ହେବ ସେମିକଣ୍ଡକ୍ଟର...

ସରକାର ନିଷ୍ପତ୍ତି ନେଇଛନ୍ତି । ସରକାରଙ୍କ ଦାବି, ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ରାଜ୍ୟର ଶିଳ୍ପ ବିକାଶକୁ ନୂଆ ଦିଗ ମିଳିବ । ତେବେ ସେମିକଣ୍ଡକ୍ଟର ପ୍ରକଳ୍ପରେ ଅଧିକ ପାଣିର ଆବଶ୍ୟକତା ରହୁଥିବାରୁ ପ୍ରଶ୍ନ ଉଠାଇଛନ୍ତି ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ । ତେବେ ନରାଜର ଏହି ୮୭୦ ଏକର ଜମିରେ କେବେ ଗଢ଼ିଉଠିବ ସରକାରଙ୍କ ସ୍ୱପ୍ନର ସିଲିକନ୍ ଭ୍ୟାଲି ପୂର୍ବରୁ ଟାଟା ପାୱାର ଓ ଇଭି ବ୍ୟାଟେରି ପ୍ରକଳ୍ପ ଭଳି ଏହା ମଧ ଅଟକିଯିବ ନା ନୂଆ ଶିଳ୍ପ ଅଧ୍ୟାୟର ଶୁଭାରମ୍ଭ କରିବ—ଏବେ ତା'ଉପରେ ନଜର ।

# ଜୀ-ସାର୍ଥକରେ ବିଶ୍ୱାସ, ଭକ୍ତି ଓ ଭଲପାଇବାର ଅପୂର୍ବ କାହାଣୀ 'ମଙ୍ଗଳମୟୀ ତୁ ମା' ମଙ୍ଗଳା' ଚଳଚିତ୍ର ଦେଖନ୍ତୁ ଆସନ୍ତା ସେପ୍ଟେମ୍ବର ୨୦ ତାରିଖ ସନ୍ଧ୍ୟା ୬:୩୦ ମିନିଟରେ

ଭୁବନେଶ୍ୱର, ୧୯/୯ (ନି.ପ୍ର): ଓଡ଼ିଶାର ଲୋକପ୍ରିୟ ମନୋରଞ୍ଜନ ଚ୍ୟାନେଲ୍ 'ଜୀ ସାର୍ଥକ' ଦର୍ଶକଙ୍କ ପାଇଁ ପୁଣି ଏକ ନୂଆ ଏବଂ ଭିନ୍ନ ସ୍ୱାଦର ପାରିବାରିକ ଚଳଚ୍ଚିତ୍ର ନେଇ ଆସୁଛି। ଆସନ୍ତା ସେପଟ୍ଟେମ୍ବର ୨୦ ତାରିଖ ସନ୍ଧ୍ୟା ୬:୩୦ ମିନିଟରେ ଜୀ-ସାର୍ଥକ ପରଦାରେ ପ୍ରସାରିତ ହେବାକୁ ଯାଉଛି ନୂତନ ଓଡ଼ିଆ ସିନେମା 'ମଙ୍ଗଳମୟୀ ତୁ ମା' ମଙ୍ଗଳା'। ମା' ମଙ୍ଗଳାଙ୍କ ଅଲୌକିକ ମହିମା, ଭକ୍ତି, ଏବଂ ନିଚ୍ଛକ ଭଲପାଇବାକୁ ନେଇ ପ୍ରସ୍ତୁତ ଏହି ସିନେମା ଦର୍ଶକଙ୍କ ମନ ଜିଣିବ ବୋଲି ପ୍ରଯୋଜନା ସଂସ୍ଥା ଦୃଢ଼ ଆଶା ରଖିଛି। ଚଳଚ୍ଚିତ୍ରର କାହାଣୀ ଏକ ସରଳ, ଅନାଥ ତଥା ଦୟାଳୁ ଝିଅ 'ଗୌରୀ'କୁ ନେଇ ଆରମ୍ଭ ହୋଇଛି, ଯାହାର ବିବାହ 'ଅବିନାଶ' ସହ ହୋଇଛି। କିନ୍ତୁ ଅବିନାଶ ଅନ୍ୟ ଜଣେ ଝିଅକୁ ଭଲପାଏ ଏବଂ ଏହି ବିବାହକୁ ନେଇ ଅସନ୍ତୁଷ୍ଟ ଥାଏ। ଅବିନାଶ ଗୌରୀକୁ ସହରକୁ ନେଇଯାଏ, କିନ୍ତୁ ପତ୍ନୀର ମାନ୍ୟତା ନଦେଇ ସମସ୍ତଙ୍କ ସାମ୍ନାରେ ତାକୁ ଜଣେ ଘରୋଇ ଚାକରାଣୀ ଭାବରେ ପରିଚୟ କରାଏ। ଗୌରୀ ମା ମଙ୍ଗଳାଙ୍କ ଜଣେ ବଡ ଭକ୍ତ । ମା ମଙ୍ଗଳ ଙ୍କୁ ଭରସା କରି, ସମସ୍ତ ଦୁଃଖ ଆଉ କଷ୍ଟକୁ ସହ୍ୟ କରି ଗୌରୀ ଧୈର୍ଯ୍ୟର ଅବିନାଶ ପ୍ରତି ସହ ସମସ୍ତ ଦାୟିତ୍ୱ ତୁଲାଇଥାଏ । ଏତିକି ବେଳେ କାହାଣୀରେ ଏକ ରହସ୍ୟମୟୀ ତଥା ବୁଦ୍ଧିମତୀ ଛୋଟ ଝିଅ 'ଲାଲି'ର ପ୍ରବେଶ ହୁଏ। ଲାଲି କିଏ ଓ କାହିଁକି ସେମାନଙ୍କ ଜୀବନରେ ଆସେ ? ତେବେ




ଅବିନାଶ ଗୌରୀର ପ୍ରକୃତ ଭଲପାଇବା ଓ ତ୍ୟାଗକୁ ବୁଝିପାରି ତାକୁ ପତ୍ନୀ ଭାବେ ଗ୍ରହଣ କରିବ ତ ? ଯାହାର ଉତ୍ତର ମିଳିବ ଶେଷରେ । ଏହି ସିନେମାରେ ଓଲିଉଡର ଚର୍ଚ୍ଚିତ କଳାକାରମାନେ ଅଭିନୟ କରିଛନ୍ତି। ମୁଖ୍ୟ ଚରିତ୍ର ଅବିନାଶ ଭୂମିକାରେ ଜ୍ୟୋତିପ୍ରକାଶ ପଣ୍ଡା, ଗୌରୀ ଭୂମିକାରେ ମାନସୀ ପାଲ୍, ଲାଲି ଭୂମିକାରେ ଈଶାନୀ ପଣ୍ଡା ଏବଂ ମୁଖ୍ୟ ଚରିତ୍ରରେ ପିହୁ ମହାପାତ୍ର ନଜର ଆସିବେ। ଏହି ମେଗା ଚଳଚ୍ଚିତ୍ରର ପ୍ରସାରଣକୁ ନେଇ ଜୀ-ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ଶ୍ରୀଯୁକ୍ତ ରାହୁଲ ରାଓ ଦର୍ଶକମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି, 'ଜୀ-ସାର୍ଥକ ସର୍ବଦା ଓଡ଼ିଶାର କଳା, ସଂସ୍କୃତି, ପାରମ୍ପରିକ ବିଶ୍ୱାସ ଏବଂ ପାରିବାରିକ ମୂଲ୍ୟବୋଧକୁ ଦର୍ଶକଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରୟାସ କରିଆସିଛି। 'ମଙ୍ଗଳମୟୀ ତୁ ମା' ମଙ୍ଗଳା' ଏମିତି ଏକ ସୁନ୍ଦର କାହାଣୀ, ଯାହା ଭକ୍ତି ଏବଂ ଭଗବାନଙ୍କ ଉପରେ ଥିବା ଅତୁଟ ବିଶ୍ୱାସକୁ ଦର୍ଶାଏ। ପ୍ରକୃତ ଭଲପାଇବା, ତ୍ୟାଗ ଏବଂ ଦୈବୀକୃପା ଆଗରେ ସବୁ ଖରାପ ଶକ୍ତି କିପରି ହାର ମାନେ, ତାହା ଦର୍ଶକ ଏହି ଚଳଚ୍ଚିତ୍ର ମାଧ୍ୟମରେ ଦେଖିବାକୁ ପାଇବେ। ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି, ଆସନ୍ତା ସେପଟ୍ଟେମ୍ବର ୨୦ ତାରିଖ ସନ୍ଧ୍ୟା ୬:୩୦ ମିନିଟରେ ଆପଣମାନେ ନିଜ ସପରିବାର ଏହି ହୃଦୟସ୍ପର୍ଶୀ ଚଳଚ୍ଚିତ୍ରକୁ ନିଶ୍ଚୟ ଦେଖନ୍ତୁ ଏବଂ ସବୁଥର ଭଳି ଆମକୁ ଆପଣଙ୍କର ଭଲପାଇବା ଦିଅନ୍ତୁ।'

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୯ତମ ଜନ୍ମ ଦିବସ

ଖଇରା, ୧୯/୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପଳାଶପୁର ସତସଙ୍ଗ କେନ୍ଦ୍ର ପରିସରରେ ଶୁକ୍ରବାର ଦିନ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୯ତମ ଜନ୍ମ ଦିବସ ଅଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇ ଯାଇଛି। ପ୍ରାତଃକାଳୀନ ପ୍ରାର୍ଥନା ପରେ ଅର୍ଘ୍ୟ କର୍ମୀ ସୁଦାମ ଚରଣ ରାଉତଙ୍କ ପୌରହିତ୍ୟରେ ଭଜନ,କୀର୍ତ୍ତନ ଓ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଧ୍ୟାତ୍ମିକ ଆଲୋଚନାରେ ଯାଜକ କର୍ମୀ ରାଜେନ୍ଦ୍ର ନାୟକ,ଜଗବନ୍ଧୁ ଜେନା, ମଦନ ନାୟକ,କୁନ୍ତଳା ମହାରଥା, ବିଣାପାଣି ନାୟକ, ସରସ୍ୱତୀ ଦାସ,ଶାନ୍ତିଲତା ପରିଡା,ସୁକାନ୍ତି ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ବଂଶୀଧର ନାୟକ,କାହ୍ନୁ ଚରଣ ସାହୁ,ସୁରେଶ ଭୂୟାଁ,ରତ୍ନାକର ବେହେରା,ଶରତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ । ଶତାଧିକ ଗୁରୁମା ଓ ଗୁରୁଭାଇ ଉପସ୍ଥିତ ଥିଲେ । ଗାଡି କିଣିବା ପାଇଁ ପଇସା ନମିଳିବାରୁ ଆତ୍ମହତ୍ୟା ଖଇରା, ୧୯ ।୯ବାଲେଶ୍ୱର ଜିଲା ଖଇରା ଥାନା ସାରକୋଣା ଗ୍ରାମର ସରୋଜିତ ଜେନା ବେକରେ ଶାଢୀବାନ୍ଧି ଆତ୍ମହତ୍ୟା କରିଛନ୍ତି । ଶନିବାର ପୂର୍ବାହ୍ନ ରେ ତାଙ୍କୁ ଗୁରୁତର ଅବସ୍ଥାରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଗାଡି କିଣିବା ପାଇଁ ମାଙ୍କୁ ପଇସା ମାଗିବା ପରେ ମା ଅକ୍ଷମତା ପ୍ରକାଶ କରିବାରୁ ସେ ରାଗରେ ଆତ୍ମହତ୍ୟା ବାଛିଥିବା ନେଇ ଖଇରା ପୋଲିସ ପକ୍ଷରୁ କୁହାଯାଉଛି ।

ରବିବାର, ସେପ୍ଟେମ୍ବର ୨୦, ୨୦୨୬
ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ରାଷ୍ଟ୍ରର ବିକାଶ କେବଳ ରାଷ୍ଟ୍ରଭାଷା ଦ୍ୱାରା ହିଁ ହୋଇଥାଏ

ବଡ଼ସାହି , ୧୯/୯ (ନି.ପ୍ର): ବଡ଼ସାହି ବିବେକାନନ୍ଦ ବିହାର ଠାରେ ବାଣୀପୀଠ ଆନୁକୂଲ୍ୟରେ ରାଷ୍ଟ୍ରଭାଷା ସାହିତ୍ୟ ସଂସ୍କୃତି ଅକାଦମୀ ତରଫରୁ ହିନ୍ଦୀ ଦିବସ ସମାରୋହ ଏବଂ କବିତା ପାଠୋତ୍ସବ ଅନୁଷ୍ଠାନର ଅଧକ୍ଷ ଡକ୍ଟର କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଅଧିନେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତି ଭାବେ ରତ୍ନାକର ପୁହାଣ ଯୋଗଦାନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ରତିକାନ୍ତ ବେହେରା ଯୋଗଦାନ କରିଥିଲେ । କବିତା ସଂଯୋଜନା କବି ଶିବଶଙ୍କର ଭୂୟାଁ ଓ ଜାହ୍ନବୀ ଦଣ୍ଡପାଟ କରିଥିଲେ । ଏଥିରେ ୬୦ଜଣ କବି ହିନ୍ଦୀ କବିତା ପାଠ କରିଥିଲେ । ଦ୍ୱିତୀୟ ଅଧିବେଶନ ଡକ୍ଟର ରମାକାନ୍ତ ମହାନ୍ତଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଡକ୍ଟର ଶଶିଧର ବିଶ୍ୱାଳ ଯୋଗଦାନ କରି ରାଷ୍ଟ୍ରର ବିକାଶ କେବଳ ରାଷ୍ଟ୍ରଭାଷା ଦ୍ୱାରା ସମ୍ଭବ ହୋଇଥାଏ କାରଣ ଏହା ରାଷ୍ଟ୍ରର ପ୍ରତି ନାଗରିକଙ୍କ ହୃଦୟର ସ୍ପନ୍ଦନ ବନି ଯାଇଛି ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଡକ୍ଟର ଅସୀମ କୁମାର ଚକ୍ରବର୍ତ୍ତି, ସ୍ୱତନ୍ତ୍ର ଅତିଥି ଭାବେ କବି ବାସୁଦେବ ନାପିତ ଓ ଆଦରଣୀୟ ଅତିଥି ତଥା ମଂଚ୍ ପରିଚାଳନା କରିଥିଲେ କବି ସତୀନ୍ଦ୍ର କୁମାର ବିଶ୍ୱାଳ । ଏହି ଅବସରରେ ରାଷ୍ଟ୍ରଭାଷା ପ୍ରଚାର, ପ୍ରସାରରେ ବିଶେଷ ଅବଦାନ ପାଇଁ ହିନ୍ଦୀ ଶିକ୍ଷକ ଡ଼କ୍ଟର ସଂଜିବ କୁମାର ପାଣିଗ୍ରାହୀ, ରଜନୀ ବାରିକ ଓ କୃପାସିନ୍ଧୁ ନାୟକଙ୍କୁ ମାନପତ୍ର ଓ ଉପାୟନ ଦେଇ ପୁରସ୍କୃତ କରାଯାଇଥିଲା । ଡ଼କ୍ଟର କୁମାର ବାବୁଲିଙ୍କ ସମ୍ପାଦନାରେ ପ୍ରକାଶିତ ମାସିକ ହିନ୍ଦୀ ଶିଶୁ ପତ୍ରିକା 'କାକଳୀ ର ହିନ୍ଦୀ ଦିବସ ସଂଖ୍ୟା ଉନ୍ମୋଚିତ ହୋଇଥିଲା । ବର୍ଷା ଗୁରୁମା ଓ ଶୁଭଜିତ ଶୁଭଙ୍କରଙ୍କ ଦ୍ୱାରା ଛାତ୍ରୀ ମାନଙ୍କୁ ନେଇ ସ୍ୱାଗତ ସଂଗୀତ ଓ ସ୍ୱାଗତ ନୃତ୍ୟ ପରିବେଶେଷଣ ହୋଇ ଥିଲା । ଅନୁଷ୍ଠାନର ସଂଚାଳିକା ପୁହାଣ ସୂର୍ଯ୍ୟକାନ୍ତି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାରସାମ୍ୟ ହରାଇ ଓଲଟିଲା ପର୍ଯ୍ୟଟକ ବସ୍: ସମସ୍ତ ଯାତ୍ରୀ ସୁରକ୍ଷିତ ଉଦ୍ଧାର, ୧୨ଜଣ ଗୁରୁତରଙ୍କୁ ଫକୀରମୋହନ ମେଡିକାଲ କଲେଜ ସ୍ଥାନାନ୍ତର



ନୀଳଗିରି , ୧୯/୯ (ନି.ପ୍ର): ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ତମଲୁକ୍ ଅଞ୍ଚଳର ୭୨ଜଣ ପର୍ଯ୍ୟଟକ ଙ୍କୁ ନେଇ ଆସିଥିବା ଏକ ପର୍ଯ୍ୟଟକ ବସ୍ ବାଲେଶ୍ୱର ଜିଲ୍ଲା ୧୯ନଂ ରାଜ୍ୟରାଜପଥ ଗୋହିରା ନିକଟବର୍ତ୍ତୀ ଭୁଡୁରୁବଣି ନିକଟରେ ଭାରସାମ୍ୟ ହରାଇ ରାସ୍ତାତଳକୁ ଓଲଟି ପଡ଼ିଥିଲା। ତେବେ ସମସ୍ତ ପର୍ଯ୍ୟଟକ ସୁରକ୍ଷିତଥିବା ପ୍ରାରମ୍ଭିକ ସୂଚନାରୁ ଜଣାପଡିଛି। ସୂଚନା ମୁତାବକ ଉକ୍ତ ପର୍ଯ୍ୟଟକ ବସଟି ପର୍ଯ୍ୟଟନ ଉଦ୍ଦେଶ୍ୟରେ ଆସି ପ୍ରଥମେ ମୟୂରଭଞ୍ଜ ଜିଲ୍ଲା ଉଦଳା ନିକଟବର୍ତ୍ତୀ ଦେବକୁଣ୍ଡ ପରିଭ୍ରମଣ କରି ଉତ୍ତର ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ପଞ୍ଚଲିଙ୍ଗେଶ୍ୱର ଅଭିମୁଖେ ଆସୁଥିବା ବେଳେ ବରହମପୁର ଥାନା ଛତ୍ରପୁର ଓ ଗୋହିରା ମଧ୍ୟସ୍ଥ ଭୁଡୁରୁବଣି ଛକ ନିକଟରେ ରାସ୍ତା ଉପରେ ବନ୍ଧାଯାଇଥିବା ଦୁଇଟି ଗାଈ ସାମ୍ନାକୁ ଆସିଯିବାରୁ ଡ୍ରାଇଭର ବ୍ରେକ ମାରିଦେବାରୁ ବସଟି ଭାରସାମ୍ୟ ହରାଇ ପ୍ରାୟ ୧୦ଫୁଟ ଗଭୀର ଧାନକ୍ଷେତକୁ ଓଲଟି ପଡ଼ିଥିଲା। ତୁରନ୍ତ ସ୍ଥାନୀୟ ଲୋକଙ୍କ ସହାୟତାରେ ବରହମପୁର ପୋଲିସ ଉଦ୍ଧାରକାର୍ଯ୍ୟ ଜାରି ରଖିଥିଲା। ପରେ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହାୟତା କରିଥିବା ବେଳେ ସମସ୍ତଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା। ଆହତଯାତ୍ରୀଙ୍କୁ ବରହମପୁର ହସ୍ପିଟାଲ୍ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା ବେଳେ ୧୨ଜଣ ଗୁରୁତର ଯାତ୍ରୀଙ୍କୁ ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ତେବେ ରାସ୍ତାକଡ଼ରେ ଗୋରୁଗାଈ ଚରିବାପାଇଁ ବନ୍ଧାଯିବାରୁ ଏପରି ଦୁର୍ଘଟଣା ଘଟୁଥିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

# ପୋଷଣ ମାସ-୨୦୨୬ର ପ୍ରଭାବଶାଳୀ ଯୋଜନା ଓ କାର୍ଯ୍ୟାନ୍ୱୟନ ନିମନ୍ତେ ସମନ୍ୱୟ ବୈଠକ ଅନୁଷ୍ଠିତ



ଭଦ୍ରକ, ୧୯/୯ (ନି.ପ୍ର): ଭଦ୍ରକ ଜିଲ୍ଲାରେ ପୋଷଣ ମାସ-୨୦୨୬ର ପ୍ରଭାବଶାଳୀ ଯୋଜନା, ସମନ୍ୱୟ ଓ କାର୍ଯ୍ୟାନ୍ୱୟନ ନିମନ୍ତେ ଆଜି ଜିଲ୍ଲାପାଳଙ୍କ ସଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସରୋଜ କୁମାର ଦତ୍ତଙ୍କ ଅଧକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି ।ଏହି ବୈଠକରେ ଉପଜିଲ୍ଲାପାଳ ଭଦ୍ରକ, ସିଡିଏମ ଓ ପିଏଚଓ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ, ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଡିପିସିମିଶନ ଶକ୍ତି, ମ୍ୟାନେଜର ଆରବିଏସକେ, ଡିଏସଡବ୍ଲ୍ୟୁଓ ସମସ୍ତ ପ୍ରୋଗ୍ରାମ ଅଫିସର, ଡିସି-ପୋଷଣ, ଡିପିସି ମମତା ଏବଂ ଜିଲ୍ଲାର ସମସ୍ତ ସିଡିପିଓ ମାନେ ଯୋଗଦାନ କରିଥିଲେ। ବୈଠକରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତି, ଜନସାଧାରଣଙ୍କ ସହଭାଗିତା, ସଚେତନତା ସୃଷ୍ଟି ଏବଂ ପୋଷଣ ମାସ-୨୦୨୬ ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସମସ୍ତ ବିଭାଗ ଆଇସିଡିଏସ କାର୍ଯ୍ୟକର୍ତ୍ତାମାନଙ୍କ ସହ ସମନ୍ୱୟ ରକ୍ଷା କରି ଜିଲ୍ଲା, ବ୍ଲକ୍ ଓ ତୃଣମୂଳ ସ୍ତରରେ ପୋଷଣ ମାସର କାର୍ଯ୍ୟକ୍ରମଗୁଡ଼ିକୁ ପ୍ରଭାବଶାଳୀ ଭାବେ ପହଞ୍ଚାଇବା ପାଇଁ ଅନୁରୋଧ କରାଯାଇଥିଲା। ଶେଷରେ ପୋଷଣ ମାସ-୨୦୨୬କୁ ଅଧିକ ପ୍ରଭାବଶାଳୀ ଓ ସଫଳ କରିବା ସହିତ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଜିଲ୍ଲାବ୍ୟାପୀ ସଫଳତାର ସହ ପୂରଣ କରିବା ନିମନ୍ତେ ସମସ୍ତ ବିଭାଗର ସକ୍ରିୟ ସହଭାଗିତା ଓ ପାରସ୍ପରିକ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରାଯାଇ ବୈଠକ ସମାପ୍ତ ହୋଇଥିଲା।

# ଅପରାଧୀ ଓ ଅସାମାଜିକଙ୍କ ଉପରେ କଡ଼ା ନଜର: ୨୧ରୁ ରାଜ୍ୟବ୍ୟାପୀ ଦମନ ଅଭିଯାନ

ଭୁବନେଶ୍ୱର, ୧୯/୯ (ନି.ପ୍ର): ଆଗାମୀ ପାର୍ବଣକୁ ଦୃଷ୍ଟିରେ ରଖି ରାଜ୍ୟରେ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବା ସହ ଅପରାଧୀ ଓ ଅସାମାଜିକଙ୍କ ଉପରେ କଡ଼ା ପଦକ୍ଷେପ ନେବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଦମନ' ଆରମ୍ଭ କରାଯାଉଛି। ଏହି ଅଭିଯାନ ୨୧.୦୯.୨୦୨୬ରୁ ୩୦.୦୯.୨୦୨୬ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଚାଲିବ। ଅଭିଯାନ ସମୟରେ ଅପରାଧୀ ଓ ଅସାମାଜିକଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯିବ। ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରିବା ସହ ପ୍ରତିଷେଧମୂଳକ ଆଇନଗତ ପଦକ୍ଷେପ ନିଆଯିବ। ବେଆଇନ କାର୍ଯ୍ୟକଳାପ ବିରୋଧରେ ଚଢ଼ାଉ ଓ ଗିରଫଦାରୀକୁ ମଧ ଗୁରୁତ୍ୱ ଦିଆଯିବ।

# ବେଲାଣପୁର ବନ୍ୟା ଆଶ୍ରୟସ୍ଥଳୀରେ ସ୍ୱେଚ୍ଛାସେବୀ ମାନଙ୍କର ବିପର୍ଯ୍ୟୟ ପରିଚାଳନା ତାଲିମ ଉଦ୍‌ଯାପିତ



ବୈଶିଙ୍ଗା , ୧୯/୯ (ନି.ପ୍ର): ବେତନଟୀ ବ୍ଲକ ତଥା ବୈଶିଙ୍ଗା ଥାନା ଅନ୍ତର୍ଗତ ବେଲାଣପୁର ବନ୍ୟା ଆଶ୍ରୟସ୍ଥଳୀରେ ରାଜ୍ୟ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହାୟତାରେ ତଥା ବେତନଟୀ ପଞ୍ଚାୟତ ସମିତି ଓ ଫୋର୍ଡ ସ୍ୱେଚ୍ଛାସେବୀ ବିପର୍ଯ୍ୟୟ ପରିଚାଳନା ତାଲିମ ଉଦଯାପିତ ହୋଇଅଛି । ଉଦଯାପନୀ ଉତ୍ସବରେ ଫୋର୍ଡର ସମ୍ପାଦକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପଞ୍ଚାୟତ ଅଧିକାରିଣୀ ମଙ୍ଗଳ ମାଳତୀ ପ୍ରିୟା ମୁର୍ମୁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ପି. କେ. ହିତାଂଶୁ ଜେନା ଅତିରିକ୍ତ ତହସିଲଦାର ବେତନଟୀ, ସ୍ୱତନ୍ତ୍ର ଅତିଥି ଜଗବନ୍ଧୁ ମହାନ୍ତି ଜିଲ୍ଲା ପ୍ରକଳ୍ପ ଅଧିକାରୀ, ମୁଖ୍ୟ ବକ୍ତା ସୁବାଶ ଚନ୍ଦ୍ର ମହାପାତ୍ର ଅଧାପକ ବୈଶିଙ୍ଗା ମହାବିଦ୍ୟାଳୟ, ସମ୍ମାନନୀୟ ଅତିଥି ତିଲୋକେଶ୍ୱର ଦୁର୍ଗା ସମ୍ପାଦକ ବନ୍ୟା ଆଶ୍ରୟସ୍ଥଳୀ ଯୋଗ ଦେଇଥିଲେ । ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ଏବଂ ପ୍ରାଥମିକ ଉପଚାର ସମ୍ବନ୍ଧୀୟ ଜ୍ଞାନ କୌଶଳକୁ ମାଷ୍ଟର ଟ୍ରେନର କବିତା ଘଡେଇ, ଜୁଲିମଣି ବେହେରା ଓ ମାନସୀ ମିଶ୍ର ଥିଓରୀ ଓ ପ୍ରାକ୍ଟିକାଲ କରିବା ସହିତ ବିଭିନ୍ନ ପ୍ରଶ୍ନୋତ୍ତର ଓ ଖେଳ ମାଧ୍ୟମରେ ସ୍ୱେଚ୍ଛାସେବୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ସ୍ୱେଚ୍ଛାସେବୀ ମାନେ ବିପର୍ଯ୍ୟୟର ପୂର୍ବ ଓ ପରବର୍ତ୍ତୀ ସମୟରେ ସହଯୋଗ କଲେ ଜନସାଧାରଣଙ୍କର ଧନ ଜୀବନ ସୁରକ୍ଷିତ ରହିପାରିବ ଓ ସାମାନ୍ୟ କ୍ଷୟକ୍ଷତି ଆଶଙ୍କାକୁ ଦୂର କରାଯାଇପାରିବ ବୋଲି ଅତିଥିବୃନ୍ଦ ପରାମର୍ଶ ଦେଇଥିଲେ । ସ୍ୱେଚ୍ଛାସେବୀ ମାନଙ୍କୁ ପରୀକ୍ଷା କରାଯାଇ ଅତିଥିବୃନ୍ଦ ୩ ଜଣଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିବା ସହିତ କେତେକ ସ୍ୱେଚ୍ଛାସେବୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ନାଖରା, ମଧୁନଣ୍ଡା ଓ ଦାରିହା ଗ୍ରାମର ୪୦ ଜଣ ଯୁବକ - ଯୁବତୀ ୧୨ ରୁ ୧୮ ସେପ୍ଟେମ୍ବର ୭ ଦିନ ଧରି ତାଲିମ ନେଇଥିଲେ । ଅତିଥି ବୃନ୍ଦ ସମସ୍ତଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଅତିଥିଙ୍କ ଦ୍ୱାରା ବନ୍ୟା ଆଶ୍ରୟସ୍ଥଳୀ ନିକଟରେ ବୃକ୍ଷ ରୋପଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଫୋର୍ଡ ଓ ବନ୍ୟା ଆଶ୍ରୟସ୍ଥଳୀ କମିଟିର ସଭ୍ୟ ମାନେ ସହଯୋଗ କରିଥିଲେ । ସର୍ବଶେଷରେ ଫୋର୍ଡର ଯୁଗ୍ମ ସମ୍ପାଦକ ଅଶୋକ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଇଁ ବାରିପଦା ଉତ୍ସବ ମୁଖର



ବାରିପଦା, ୧୯/୯ (ନି.ପ୍ର): ବୁଧବାର ଦେବ ଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଇଁ ବାରିପଦା ସହର ଉତ୍ସବ ମୁଖର ହୋଇପଡିଛି । ପୂର୍ବବର୍ଷ ମାନଙ୍କ ଭଳି ପୂର୍ତ୍ତବିଭାଗ କାର୍ଯ୍ୟାଳୟ, ଠିକାଦାର ସଂଘ, ଘରୋଇ ବସଷ୍ଟାଣ୍ଡ, ମାଛ ମାର୍କେଟ, ବିଦ୍ୟୁତ ବିଭାଗ ସେକ୍ସନ-୧, ୨ ଛାଞ୍ଚ କାର୍ଯ୍ୟାଳୟ ସମେତ ଏମଆରଟି କାର୍ଯ୍ୟାଳୟ, ଅଟୋ ମାଲିକ ସଂଘ, ଟ୍ରକମାଲିକ ସଂଘ, ଚାଳକ ସଂଘ ସମେତ ବିଭିନ୍ନ କାରଖାନା ଓ ସୋ'ରୁମ ମାନଙ୍କରେ ପୂଜା ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ସେହିପରି ସହରର ସମସ୍ତ ମନ୍ଦିର ଓ ପୀଠରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଦୁଇଚକିଆ, ୩ ଚକିଆ ଓ ଚାରିଚକିଆ ଯାନ ମାଲିକ ମାନେ ନିଜ ଯାନବାହନ ପୂଜା ପାଇଁ ଲମ୍ବା ଲାଇନ ଲଗାଇଥିଲେ । ପୂଜା ପାଇଁ ଅନେକ ଯାତ୍ରୀବାହୀ ବସଚଳାଚଳ ଦିନକ ପାଇଁ ବନ୍ଦ ଥିଲା । ଅନେକ ବ୍ୟବସାୟ ପ୍ରତିଷ୍ଠାନ ମଧ ବନ୍ଦ ଥିବା ଦେଖା ଯାଇଥିଲା । ମୃଣ୍ମୟ ମୂର୍ତ୍ତି ଭଷାଣି ବିନା ଡିଜେ ଦ୍ୱାରା ସମ୍ପନ୍ନ ପାଇଁ ପୁଲିସ ପ୍ରଶାସନ ସମସ୍ତଙ୍କୁ ଅବଗତ କରିଛି । ଶାନ୍ତିଶୃଙ୍ଖଳା ସହିତ ସନ୍ଧ୍ୟା ସମୟରେ ମେଢଦର୍ଶନ ପାଇଁ ଲୋକଙ୍କ ଭିଡ ଲାଗିଛି ।




# ବନ୍ୟପ୍ରାଣୀ ଅପରାଧରେ ଜଣେ ଗିରଫ: ଶିକାର ସରଞ୍ଜାମ ଜବତ

ନିଳଗିରି, ୧୯/୯ (ନି.ପ୍ର): ଦିନକୁ ଦିନ ଅସୁରକ୍ଷିତ ହୋଇପଡୁଛି କୁଲଡ଼ିହା ଅଭୟାରଣ୍ୟ । ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ କରାଯାଇ ଜୀବଜନ୍ତୁ ଓ ଜଙ୍ଗଲକୁ ସୁରକ୍ଷାଦେବାକୁ କେନ୍ଦ୍ର ଓ ରାଜ୍ୟ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଦିନକୁଦିନ ଶିକାରୀଙ୍କ ସଂଖ୍ୟା ବଢ଼ିଚାଲିଥିବାର ଲକ୍ଷ୍ୟ କରାଯାଇଛି। ଟ୍ରାପ୍ କ୍ୟାମେରା, ଏଆଇ କ୍ୟାମେରା ଓ ନୂତନ ଜ୍ଞାନକୌଶଳରେ ନିର୍ମିତ ବିଭିନ୍ନ ସରଞ୍ଜାମ ବ୍ୟବହାର କରାଯାଇଥିବା ବେଳେ ଶିକାରୀ ଓ ଶିକାରୀଙ୍କ ରୋକ ଲଗାଇବାରେ ବିଫଳ ହୋଇଛି ବିଭାଗ। ଅଭୟାରଣ୍ୟ ଭିତରେ ହାତୀଦାନ୍ତ ଚୋରାଚାଲାଣ ଠାରୁ ଆରମ୍ଭକରି ଜନ୍ତୁଶିକାର ବଢ଼ିଚାଲିଥିବା ବେଳେ ବିଭାଗ କାଁ ଭାଁ ଶିକାରୀମାନଙ୍କୁ ଗିରଫ କରି ବାଃ ବାଃ ନେଉଥିବାର ଅଭିଯୋଗ ଉଠିଛି। ଯଦି ବିଭାଗ ଅଧିକ ସଂଖ୍ୟାରେ ଶିକାରୀକୁ ଗିରଫ କରିଛି ତେବେ ଅଭୟାରଣ୍ୟରେ ଜନ୍ତୁ ଶିକାର କମିଛି ନା ବଢ଼ିଛି ? ଏବେ କୁଲଡ଼ିହା ରେଞ୍ଜରେ ସ୍ଥାୟୀରେଞ୍ଜରଙ୍କ ବଦଳରେ ଜଣେ ବନପାଳଙ୍କୁ ରେଞ୍ଜଦାୟୀତ୍ୱ ଦିଆଯାଇଥିବାରୁ ଶିକାରୀମାନଙ୍କୁ ଅଭୟାରଣ୍ୟ ଭିତରେ ଶିକାର କରିବାକୁ ସହଜ ହେଉଥିବାର କୁହାଯାଉଛି । ଏଆଇ, ଟ୍ରାପ୍ କ୍ୟାମେରା ଦ୍ୱାରା ବାରମ୍ବାର ଶିକାରୀ ଗିରଫ ହେଉଥିବା ବେଳେ ଆଜି କୁଲଡ଼ିହା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରେ ଲଗାଯାଇଥିବା ଟ୍ରାପ୍ କ୍ୟାମେରା ଆଧାରରେ ବାଲେଶ୍ୱର ଜିଲ୍ଲା ଔପଦାଥାନା ଦରଖୋଳି ନିକଟସ୍ଥ ବେଡେଇ (ମାଡ଼ିଚୁଆ) ଗ୍ରାମର ରବୀନ୍ଦ୍ର ହୋ (୨୩)ଙ୍କୁ ଗିରଫ କରିଛି ।ବନବିଭାଗର ଏକ ଟିମ ରବୀନ୍ଦ୍ରଙ୍କ ଘରେ ଖାନତଲାସ କରି ଏକ ହାତତିଆରି ଦେଶୀବନ୍ଧୁକ, ୭ଟି ଫାଶ, ଶିକାରରେ ବ୍ୟବହୃତ ହେଉଥିବା ଏକ ହେଡଟର୍ଚ୍ଚକୁ ସ୍ଥାନୀୟ ସାକ୍ଷୀଙ୍କ ଉପସ୍ଥିତିରେ ଜବତ କରିଛି। ସମସ୍ତ ଶିକାର ସରଞ୍ଜାମ ସହିତ ଅଭିଯୁକ୍ତକୁ ଗିରଫ କରି ନୀଳଗିରି କୁଳଡିହା କାର୍ଯ୍ୟାଳୟକୁ ଅଣାଯାଇଥିବା ବେଳେ ଅଭିଯୁକ୍ତ ରବୀନ୍ଦ୍ରଙ୍କୁ କୋର୍ଟଚାଲାଣ କରିଛି। ଏନେଇ ବନବିଭାଗ କେସ ନଂ ୧୦କେ/୨୦୨୬/୨୭ରେ ମାମଲା ରୁଜୁକରି ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛି।

# ବୀଣାପାଣି ଶିଶୁ ମନ୍ଦିରରେ ବିଜ୍ଞାନ ମେଳା




ବସ୍ତା , ୧୯/୯ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସା ବୀଣାପାଣି ଶିଶୁ ମନ୍ଦିର ରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପିଲାମାନଙ୍କୁ ନିଜର ଶ୍ରେଣୀ ଅନୁଯାୟୀ ଜୁନିୟର , ସବ ଜୁନିୟର , ଓ ସିନିୟର୍ ବିଭାଗ ରେ ବିଭାଜିତ କରାଯାଇ ନମ୍ବର ବଣ୍ଟନ କରାଯାଇଥିଲା। ମୁଖ୍ୟ ଅତିଥି ସ୍ଥାନୀୟ ମହାପାତ୍ର ଉଚ୍ଚ ବିଦ୍ୟାଳୟ ର ବିଜ୍ଞାନ ଶିକ୍ଷୟତ୍ରୀ ଜ୍ୟୋସ୍ନା ରାଣୀ ବେହେରା , ସମ୍ମାନିତ ଅତିଥି ବିବେକାନନ୍ଦ ଶିକ୍ଷା କେନ୍ଦ୍ର ହଳଦୀପଦା ର ପ୍ରଧାନ ଶିକ୍ଷକ ରତିକାନ୍ତ ଚୌଧୁରୀ, ଖୁଣ୍ଟାପୁର ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ବିଜ୍ଞାନ ଶିକ୍ଷକ କିରଣ କୁମାର ସାହୁ, ସତନ୍ତ୍ର ଅତିଥି ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମୀ ରୂପସା ସ୍ୱାସ୍ଥ୍ୟକେନ୍ଦ୍ର ର ପ୍ରଫୁଲ୍ଲ କୁମାର ଜେନା ଉପସ୍ଥିତ ରହି ବିଜ୍ଞାନ ମେଳା ର ବିଚାରକ ଦାୟିତ୍ୱ ତୁଲାଇ ଥିବା ବେଳେ କୁନି କୁନି ଛାତ୍ର ଛାତ୍ରୀ ଙ୍କୁ ଉତ୍ସାହିତ କରିଥିଲେ। ଆଜିର ଶିଶୁ କାଲି ର ଜଣେ ବଡ ବୈଜ୍ଞାନିକ ହେଇ ପାରିବ ବୋଲି ଅଭିଭାଷଣ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସ୍କୁଲ ର ପ୍ରତିଷ୍ଠାତା ତଥା ପରିଚାଳନା କମିଟି ର ସମ୍ପାଦକ ନିତ୍ୟାନନ୍ଦ ପଟ୍ଟନାୟକ , ସହ ସମ୍ପାଦକ ଜଗଦୀଶ ଚନ୍ଦ୍ର ପଟ୍ଟନାୟକ , ପରିଚାଳନା କମିଟି ବରିଷ୍ଠ ସଦସ୍ୟ ଭିକାରୀ ଚରଣ ମିସ୍ତ୍ରୀ ଯୋଗଦେଇଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ପ୍ରଧାନ ଆଚାର୍ଯ୍ୟ ବିକ୍ରମ କୁମାର ଜେନା ଓ ପ୍ରଧାନ ଶିକ୍ଷକ ବଳରାମ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ । ପରିଶେଷରେ ସମସ୍ତ ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଭିଭାବକ ଓ ଅନ୍ୟ ଗୁରୁମା କାର୍ଯ୍ୟକ୍ରମ କୁ ସୁଚାରୁ ରୁପେ ପରିଚାଳନା କରିଥିଲେ।

# ଖଣ୍ଡା, କଟୁରୀ ଦେଖାଇ ଆତଙ୍କ ଖେଳାଉଥିବା ଦୁର୍ବୃତ୍ତକୁ ଗିରଫ କଲା ପୋଲିସ

ଭୁବନେଶ୍ୱର, ୧୯/୯ (ନି.ପ୍ର): ତେଲେଙ୍ଗା କଟୁରି ଧରି ଆତଙ୍କ ଖେଳାଉଥିଲେ, ଏତଲାର ଘଣ୍ଟାକ ମଧ୍ୟରେ ଉଠାଇଲା ପୋଲିସ । କଳିଙ୍ଗ ବିହାରରେ ଖଣ୍ଡା କଟୁରି ବୁଲାଇ ଆତଙ୍କ ଖେଳାଇଥିଲେ ଦୁର୍ବୃତ। ତମାଣ୍ଡୋ ଥାନା ଅନ୍ତର୍ଗତ କଳିଙ୍ଗ ବିହାର କେ୯ ରେ ତୁମୁଳ କାଣ୍ଡ ଘଟାଇବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ପ୍ଲଟ ନମ୍ବର ୩୭୩ ରେ ଏଭଳି ଆତଙ୍କ ନେଇ ଥାନାରେ ହୋଇଥିଲା ଏତଲା । ଏତଲା ଆଧାରରେ ତଦନ୍ତ କରିଥିଲା ପୋଲିସ। ପୂର୍ବ ଶତ୍ରୁତାରୁ ଖଣ୍ଡା ଓ କଟୁରି ବୁଲୁଥିବା ସନ୍ଦେହ କରାଯାଉଛି। ଗତକାଲି ଗଣେଶ ପୂଜା ବିସର୍ଜନ ଥିବା ବେଳେ ରାତିରେ ଘଟିଥିଲା ଏଭଳି ଅଭାବନୀୟ କାଣ୍ଡ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida